


◀ ଆଜିର 'ସକାଳ'
ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-95 ◆SUNDAY ◆28 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୯୫ ◆ରବିବାର ◆୨୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)



# APTI PLUS
Academy for Civil Services Pvt. Ltd.

## Legacy Unstoppable.
## Congratulations to our toppers of
# OAS 2023

**280+ Selections**
4 selections in Top 10
12 selections in Top 20
76 selections in Top 100

- Mirza Faiz Ahmed — Rank 4 — IGP
- Antim Swain — Rank 6 — Mains Guidance Program
- Shailesh Kumar Bhoi — Rank 7 — Classroom Program
- Md. Nazif Hatif — Rank 8 — IGP
- Swarupini Patnaik — Rank 12 — IGP
- Krishna Gopal Swain — Rank 13 — IGP
- Sneha Das Mohapatra — Rank 14 — Mains Mentorship Program
- Asutosh Satpathy — Rank 15 — IGP
- Deepsita Behera — Rank 16 — Mains Guidance Program
- Supriya Mishra — Rank 17 — IGP
- Aseema Anwesha — Rank 18 — Mains Guidance Program
- Mg Subarna Mohanty — Rank 19 — IGP


CELEBRATION OF OAS 2023

## BEHIND EVERY RANK, THERE'S A TEAM.
## To our Faculty, Content Team & Support Staff-
Your hard work, passion, and commitment made this historic success possible.
This victory belongs as much to you as to our students!

- Akash K. Pradhan — Rank 21 — IGP
- Saumya R. Panda — Rank 22 — IGP
- Barnali Acharya — Rank 23 — Prelims Guidance Program
- Ashutosh Swain — Rank 24 — IGP
- Tanisha Behera — Rank 26 — IGP
- Prasannajit Panda — Rank 27 — IGP
- Kalyani Sahoo — Rank 29 — IGP
- Mrutyunjaya Raul — Rank 31 — IGP
- Manisha Nayak — Rank 33 — IGP
- Shaswatee Pattanaik — Rank 34 — IGP
- Sourav Mittal — Rank 35 — IGP
- Swetapadma Mohanty — Rank 36 — IGP
- Sai Raman Patra — Rank 37 — IGP
- Sonali Tripathy — Rank 39 — IGP
- Jyotiprakash Samal — Rank 41 — IGP
- Puspita Tripathy — Rank 42 — IGP
- Srikumar Pradhan — Rank 44 — IGP
- Swatideepa Rout — Rank 46 — IGP
- Jyotirmayee Swain — Rank 49 — Classroom Program
- Mihika Das — Rank 51 — IGP
- Sidhant Mishra — Rank 53 — CLASSROOM
- Ahalya Rautaray — Rank 54 — IGP
- Sandeep K. Subhadarshi — Rank 55 — IGP
- Biswajit Mohanty — Rank 57 — CLASSROOM
- Bibhubrata Dash — Rank 58 — IGP
- Saktisudha Dash — Rank 59 — IGP
- Subhashree Jena — Rank 61 — IGP
- Pratikshya Mahapatra — Rank 62 — MGP
- Pratyush Satapathy — Rank 63 — IGP
- Lopamudra Pradhan — Rank 64 — IGP
- Lopamudra Pradhan — Rank 66 — IGP
- Tarini Prasad Dash — Rank 66 — IGP
- Deviprasanna Das — Rank 68 — IGP
- Mohit Biswal — Rank 69 — IGP
- Monalisha Rout — Rank 71 — IGP
- Srinibas Sarangi — Rank 72 — MGP
- Madhusmita Dash — Rank 73 — IGP
- Saikrushna Samal — Rank 75 — IGP
- Roshan Patel — Rank 77 — IGP
- Subhashree Subhasmita — Rank 79 — CLASSROOM
- Priyansha Panda — Rank 82 — IGP
- Rojalin Jena — Rank 85 — IGP
- Anshuman Sahu — Rank 86 — IGP
- Kharavel Pradhan — Rank 88 — IGP
- Monalisa Sahu — Rank 93 — IGP
- Subhashree Ankita P. — Rank 101 — IGP
- Pratyush K. Mohapatra — Rank 109 — IGP
- Payoja Ojha — Rank 110 — IGP
- Mohammad Asif Khan — Rank 117 — IGP
- Baisakhi Dash — Rank 118 — IGP
- Rn Goutam Debadutta — Rank 119 — IGP
- Srinibash Dash — Rank 123 — IGP
- Archana Sarangi — Rank 124 — MAINS GUIDANCE PROGRAM
- Swastiranjan Sahoo — Rank 125 — IGP
- Rupesh Kumar Rout — Rank 126 — IGP
- Samikhya Mohapatra — Rank 127 — IGP
- Pratik Rath — Rank 129 — IGP
- Tanistha Nayak — Rank 133 — IGP
- Dr. Sasmita Tripathy — Rank 134 — MAINS GUIDANCE PROGRAM
- Sarita Nayak — Rank 135 — IGP
- Shibam Swarup Mohanty — Rank 136 — PRELIMS GUIDANCE PROGRAM
- Satyajit Rajguru — Rank 138 — IGP
- Balaram Sahu — Rank 140 — IGP
- Biswajit Behera — Rank 141 — IGP
- Pratishruti Palai — Rank 142 — IGP
- Puspanjali Sahoo — Rank 147 — IGP
- Anil Kumar Sahu — Rank 150 — IGP
- Sahil Kumar Patra — Rank 152 — IGP
- Abhijit Jayaprakash Pradhan — Rank 153 — IGP
- Soumya Ranjan Sahoo — Rank 154 — IGP
- Samyak S. Mohapatra — Rank 156 — MAINS GUIDANCE PROGRAM
- Pooja Samal — Rank 157 — IGP
- Niraakar Sahu — Rank 158 — IGP
- Abhisek Pani — Rank 159 — CLASSROOM PROGRAM
- Chinmay K. Panda — Rank 161 — IGP
- Jyoti Prava Tripathy — Rank 162 — IGP
- Prakash Sahoo — Rank 165 — IGP
- Sonali Jena — Rank 169 — IGP
- Sasmita Sahoo — Rank 171 — IGP
- Satyaranjan Baura — Rank 172 — IGP
- Ashutosh Sahu — Rank 173 — MAINS GUIDANCE PROGRAM
- Arichisa Nayak — Rank 174 — IGP
- Sonali Sahoo — Rank 175 — IGP
- Alya Aneesha Nayak — Rank 177 — IGP
- Rajshree Ojha — Rank 178 — MAINS MENTORSHIP PROGRAM
- Sidharth K. Patra — Rank 179 — IGP
- Byomakesh Satapathy — Rank 180 — IGP
- Sabyasachi Parida — Rank 185 — IGP
- Bhupendra Shukla — Rank 186 — IGP
- Siddharth Chopdar — Rank 187 — IGP
- Abhilash Dash — Rank 188 — CLASS ROOM PROGRAM
- Soumya Prakash Bhoi — Rank 189 — IGP
- Shradha Suman — Rank 191 — IGP
- Sumistha Priyadarshini — Rank 192 — IGP
- Nagma Sahin — Rank 193 — IGP
- Nandita Samal — Rank 194 — IGP
- Kalu Rauta — Rank 195 — PRELIMS & MAINS GUIDANCE PROGRAM
- Abhigna Khuntia — Rank 197 — IGP
- Jayaprakash Behera — Rank 200 — IGP

& many more...

**Features:**
- Renowned Faculty from **DELHI** with Extensive CSE experience.
- Scientifically design Stepwise Training from Basic NCERT to Advance Level.
- Separate Doubt Clearing Session & Weekly Current Affairs Session
- National Level Test Series with a 'Learn-Revise-Test-Succeed' approach
- Mode of Class is Offline / Online / Hybrid with Library and Hostel facilities
- Undivided Attention by Personal Mentors.
- Weekly Evaluation progress made. Analysis of Strength and Weakness.
- Specific focus on upcoming UPSC & OPSC Exam with new approach

ADMISSIONS OPEN FOR
# IAS & OAS
GRADUATES & 12th PASS CANDIDATES
Integrated & Foundation Courses

## OUR DEDICATED FACULTY TEAM & RIGOROUS PREPARATION METHODS ENSURE UNMATCHED RESULTS




**Call: 9938386166, 7327846166, 8260677707**
JAYDEV VIHAR, BHUBANESWAR

## ଡିଭାଇଡରକୁ ଧକ୍କା ଦେଇ ପଲଟିଲା କାର୍, ୫ ମୃତ

ଗୁରୁଗ୍ରାମ୍, ୨୭।୯(ଏଜେନ୍ସି): ହରିୟାଣାର ଗୁରୁଗ୍ରାମରେ ଶନିବାର ଭୋର ୪.୩୦ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦିଲ୍ଲୀ ଆଡୁ ଦ୍ରୁତଗତିରେ ଆସୁଥିବା ଏକ ଥର୍ ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟି ହେବା ଫଳରେ ପଲଟି ଯାଇ ଦୁର୍ଘଟଣା ସମ୍ମୁଖୀନ ହୋଥିଲା। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି କଳା ରଙ୍ଗର ଥର୍‌ରେ ୬ ଜଣ ଯାତ୍ରା କରୁଥିଲେ। ଏଥିରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀ ସାମିଲ ଥିଲେ। ମୃତ୍ୟୁବରଣ କରିଥିବା ଜଣେ ଯୁବତୀ ହେଉଛନ୍ତି ରାୟବରେଲିର ଜଜ୍ ଚନ୍ଦ୍ରମଣି ମିଶ୍ରାଙ୍କ ଝିଅ ପ୍ରତିଷ୍ଠା ମିଶ୍ରା। ସୂଚନା ମିଳିବା ମାତ୍ରେ ଗୁରୁଗ୍ରାମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକୁ ଜବତ କରି ଯାଞ୍ଚ ଆରମ୍ଭ କରିଛି। ଦୁର୍ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି ଓ ଏଥିରେ ଥର୍ ଦ୍ରୁତ ଗତିରେ ଆସି ଡିଭାଇଡରରେ ପିଟି ହୋଇଥିବାର ଲକ୍ଷ୍ୟ କରାଯାଇଛି। ମୃତକଙ୍କ ହାତରେ ଏକ କ୍ଲବର ବ୍ୟାଣ୍ଡ ଦେଖିବାକୁ ମିଳିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏମାନେ କ୍ଲବରେ ପାର୍ଟି କରି ଘରକୁ ଫେରିଥିବା ଅନୁମାନ କରାଯାଉଛି।

## ୧୮ ଦିନ ପରେ ସାମ୍ନାକୁ ଆସିଲେ ଓଲି

କାଠମାଣ୍ଡୁ, ୨୭।୯(ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଇସ୍ତଫା ଦେବାର ୧୮ ଦିନ ପରେ ସାମ୍ନାକୁ ଆସିଛନ୍ତି। ସେ ପାର୍ଟିର ଛାତ୍ର ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭକ୍ତପୁର ପହଞ୍ଚିଥିଲେ। ଜେନ-ଜେଡ୍ ବିରୋଧ ପ୍ରଦର୍ଶନ ପାଇଁ ସେପ୍ଟେମ୍ବର ୯ରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ହିଂସାତ୍ମକ ଆନ୍ଦୋଳନ ମଧ୍ୟରେ ଓଲିଙ୍କୁ ନେପାଳ ସେନା ହେଲିକପ୍ଟର ଜରିଆରେ ଉଦ୍ଧାର କରିଥିଲା ଓ ଏକ ଅସ୍ଥାୟୀ ଘରେ ସ୍ଥାନାନ୍ତର କରିଥିଲା। ଏବେକାର ସରକାରକୁ ସେ ସମାଲୋଚନା କରିଛନ୍ତି। ଏବେକାର ସରକାର ଜନତାଙ୍କ ଇଚ୍ଛା ଅନୁସାରେ ନିର୍ବାଚିତ ହୋଇନାହିଁ। ହିଂସା ଓ ପୋଡାଜଳା ମାଧ୍ୟମରେ ଏହି ସରକାର ଗଠନ ହୋଇଛି। ଆନ୍ଦୋଳନରତ ଯୁବକଙ୍କୁ ମୋ ସରକାର ଗୁଳି କରିବାକୁ ଆଦେଶ ଦେଇ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। କିନ୍ତୁ ଏଥିପାଇଁ ଆମକୁ ମୂଲ୍ୟ ଦେବାକୁ ହୋଇଥିଲା। ମୋତେ ଧମକ ମିଳୁଥିବା ବେଳେ ସରକାର ସୁରକ୍ଷା ଦେଇ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ଜାତିସଂଘ ମୁଖ୍ୟାଳୟ ସାମ୍ନାରେ ୟୁନୁସଙ୍କ ବିରୋଧରେ ବିକ୍ଷୋଭ

ୱାଶିଂଟନ, ୨୭।୯(ଏଜେନ୍ସି): ବାଂଲାଦେଶ ପ୍ରବାସୀ ଶୁକ୍ରବାର ଜାତିସଂଘ ମୁଖ୍ୟାଳୟ ଆଗରେ ବାଂଲାଦେଶ ଅନ୍ତରୀଣ ସରକାର ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ୟୁନୁସଙ୍କୁ ପାକିସ୍ତାନୀ ବୋଲି ଆଖ୍ୟା ଦେଇଥିଲେ। ୟୁନୁସ ପାକିସ୍ତାନ ଫେରିଯାଆନ୍ତୁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ୟୁନୁସ ବାଂଲାଦେଶକୁ ତାଲିବାନ ଭଳି ଦେଶରେ ପରିଣତ କରିବାକୁ ପ୍ରୟାସ କରୁଛନ୍ତି ଓ ସେ ଇସ୍‌ଲାମିକ୍ ଜିହାଦୀ କଟରପନ୍ଥୀଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ୨୦୨୪ ଅଗଷ୍ଟ ୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପଦରୁ ହଟାଇବା ପରେ, ଅଳ୍ପସଂଖ୍ୟକ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢ଼ାଇବା ନେଇ ୟୁନୁସଙ୍କ ବିରୋଧରେ ଅଭିଯୋଗ ଆସିଛି। ୟୁନୁସ କ୍ଷମତାକୁ ଆସିବା ପରେ ବାଂଲାଦେଶରେ ମାନବାଧିକାରର ପ୍ରବଳ ଉଲ୍ଲଂଘନ ହୋଇଛି ଓ ଏଥିପାଇଁ କେତେକ ଲୋକ ଦେଶ ଛାଡି ଚାଲିଯିବାକୁ ବାଧ୍ୟ ହୋଇଛନ୍ତି। କେବଳ ସେତିକି ନୁହେଁ, ହସିନା ସରକାରଙ୍କୁ ବେଆଇନ ଭାବେ କ୍ଷମତାରୁ ହଟାଯାଇଛି। ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ୍ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଅତ୍ୟାଚାରକୁ ଆମେ ବିରୋଧ କରୁଛି ବୋଲି ପ୍ରବାସୀ ବାଂଲାଦେଶୀ କହିଛନ୍ତି। ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସଙ୍କୁ ଜେଲ୍‌ରୁ ଖଲାସ କରାଯାଉ ବୋଲି ସେ ସେମାନେ ଦାବି କରିଛନ୍ତି। ୟୁନୁସ ଚିନ୍ମୟଙ୍କୁ ବେଆଇନ ଭାବେ ଜେଲ୍‌ରେ ରଖିଛନ୍ତି।

## କପିଲ ଶର୍ମାଙ୍କୁ ଧମକ ଦେଇଥିବା ବ୍ୟକ୍ତି ଗିରଫ

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): କମେଡିଆନ କପିଲ ଶର୍ମାଙ୍କୁ ମେଲ୍ ଜରିଆରେ ହତ୍ୟା ଧମକ ଦେବା ସହ ୧ କୋଟି ଟଙ୍କାର ଦାଦାବଟି ମାଗିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମୁମ୍ବଇ କ୍ରାଇମ୍ ବ୍ରାଞ୍ଚ ଏହି ବ୍ୟକ୍ତିକୁ ପଶ୍ଚିମବଙ୍ଗର ୨୪ ପ୍ରଗଣାରୁ ଗିରଫ କରିଛି। ଧମକ ଦେଇଥିବା ଏହି ବ୍ୟକ୍ତି ହେଉଛନ୍ତି ଦିଲୀପ ଚୌଧୁରୀ। ଦିଲୀପ ନିଜକୁ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାର ଓ ରୋହିତ ଗୋଦାରା ଗ୍ୟାଙ୍ଗର ସଦସ୍ୟ ଭାବେ ପରିଚୟ ଦେଇ କପିଲଙ୍କଠାରୁ ୧ କୋଟି ଟଙ୍କାର ଦାଦାବଟି ମାଗିଥିଲା।

## ରାଜସ୍ଥାନ, ମଧ୍ୟପ୍ରଦେଶ, ମୁମ୍ବଇରେ ପ୍ରବଳ ବର୍ଷା ଆଶଙ୍କା

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ମୌସୁମୀ ବାୟୁ ଶୁକ୍ରବାର ରାଜସ୍ଥାନରୁ ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ବିଦାୟ ନେଇଛି। ସେହିପରି ମଧ୍ୟପ୍ରଦେଶର ୧୧ଟି ଜିଲ୍ଲାରୁ ମୌସୁମୀ ବିଦାୟ ନେଇ ସାରିଛି। ଏହା ସତ୍ତ୍ୱେ ଏହି ଦୁଇଟି ରାଜ୍ୟରେ ବର୍ଷା ଏବେ ମଧ୍ୟ ଜାରି ରହିଛି। ଶନିବାରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଦୁଇଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରିଛି। ସେହିପରି ତେଲଙ୍ଗାନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ସେହିପରି ମୁମ୍ବଇରେ ଶନିବାର ସକାଳୁ ବର୍ଷା ଜାରି ରହିଛି। ଦିନସାରା ବର୍ଷା ହେବ ବୋଲି ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହାଇଦରାବାଦ୍‌ରେ ଗତ ରାତିରେ ମୂଷଳଧାରାରେ ବର୍ଷା ହୋଇଛି। ଫଳରେ ସହରର କେତେକ ଅଞ୍ଚଳରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ଏହାକୁ ଦୃଷ୍ଟିରେ ରଖି ହିମାୟତା ସାଗର ଜଳାଶୟର ଗୋଟିଏ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ସ୍ଥିତି ଆହୁରି ବିଗିଡି ଯାଇଛି। ସହରର ବିଭିନ୍ନ ସ୍ଥାନରେ ଫସି ରହିଥିବା ୫-୫ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଚାଦରଘାଟ ନିକଟରେ ମୁସି ନଦୀରେ ପ୍ରବଳ ବନ୍ୟା ଆସିଛି।

## ଟ୍ରମ୍ପ ପ୍ରଶାସନର ଆଉ ଏକ ଅମାନବୀୟ କାଣ୍ଡ

### ୭୧ ବର୍ଷୀୟ ମହିଳାଙ୍କ ହାତ, ଗୋଡ଼ରେ ବେଡ଼ି ପକାଇ ଭାରତ ପଠାଇଲା



ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଆମେରିକାରେ ୩୨ ବର୍ଷ ଅବସ୍ଥାନ କରିବା ପରେ ପ୍ରତ୍ୟର୍ପଣ ହୋଇଥିବା ପଞ୍ଜାବର ୭୧ ବର୍ଷୀୟ ବୟସ୍କା ହରଜିତ କୌର ସାମ୍ନାକୁ ଆସି ନିଜ ଦୁଃଖ ବ୍ୟକ୍ତ କରିଛନ୍ତି। ମୋତେ ଗିରଫ କରାଯିବା ପରେ ଅପରାଧୀ ଭଳି ବ୍ୟବହାର କରାଯାଇଥିଲା। ହାଜର ହେବା ପ୍ରକ୍ରିୟା ବେଳେ ମୋତେ ଗିରଫ କରି ଏକ ଥଣ୍ଡା କୋଠରୀରେ ବନ୍ଦକରି ଦିଆଯାଇଥିଲା। ସେ ୧୦ ଦିନ ଡିଟେନସନ ସେଲ୍‌ରେ ରହିଥିଲେ। ଘୋଡାଇ ହେବାକୁ ତାଙ୍କୁ ଆଲୁମିନିୟମ ଫାଇଲ ଦିଆଯାଇଥିଲା। ଶୋଇବା ପାଇଁ କାଠ ପଟା ଦିଆଯାଇଥିଲା। ଖାଇବା ପାଇଁ ଥଣ୍ଡା ବ୍ରେଡ୍ ଓ ବିଫ୍ ଦିଆଯାଇଥିଲା। ଏହାକୁ ଖାଇ ନ ଥିଲି। କେବଳ ଚିପ୍ସ ଓ ବିସ୍କୁଟ୍ ଖାଇ ୧୦ ଦିନ ବିତାଇଥିଲି ବୋଲି ସେ କହିଛନ୍ତି। ୩୨ ବର୍ଷ ଆମେରିକାର ରହିବା ପରେ ମଧ ତାଙ୍କୁ ଗତ ୨୪ ତାରିଖରେ ଚେନ୍‌ରେ ବାନ୍ଧି ଭାରତ ପଠାଯାଇଥିଲା। ଏବେ ସେ ନିଜ ଭଉଣୀଙ୍କ ଘରେ ରହୁଥିବା କହିଛନ୍ତି। ପ୍ରତି ୬ମାସରେ ନିୟମିତ ଭାବେ ହାଜର ଲଗାଇବାକୁ ସେ ଯାଉଥିଲେ। ୧୯୯୨ରେ ସେ ନିଜର ଦୁଇ ପୁଅଙ୍କ ସହ ଆମେରିକା ଯାଇଥିଲେ। କିନ୍ତୁ ବେଆଇନ୍ ଭାବେ ସେ ଆମେରିକାରେ ରହୁଥିବା କଥା କୁହାଯାଇଥିଲା। ଫଳରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇଥିଲା। ଭାରତରେ କେହି ନିଜର ନଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛି ଓ ଏବେ ମୋ ଭବିଷ୍ୟତ ଅନ୍ଧାର ବୋଲି ହରଜିତ କହିଛନ୍ତି।

## ଜାତିସଂଘରେ ପାକିସ୍ତାନକୁ ଦୃଢ଼ ଜବାବ ଦେଲା ଭାରତ

# ଧ୍ୱସ୍ତ ଏୟାରବେସ୍‌କୁ ନେଇ ଖୁସି ମନାଉଛି ପାକ୍

ନ୍ୟୁୟର୍କ, ୨୭।୯ (ଏଜେନ୍ସି): ମିଳିତ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ବୈଠକରେ ପାକିସ୍ତାନକୁ ଦୃଢ଼ ଜବାବ ଦେଇଛି ଭାରତ। ପୁଣିଥରେ ଆତଙ୍କବାଦକୁ ସମର୍ଥନ ଦେଉଥିବା ଏହି ରାଷ୍ଟ୍ର ଏବଂ ଏହାର ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମୁଖା ଖୋଲି ଦେଇଛି। ଭାରତଠାରୁ ବିଜୟ ଦାବି କରିଥିବା ଶାହବାଜ ପୁଣି ଆତଙ୍କବାଦର ମହିମାମଣ୍ଡନ କରୁଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟଲ ଗେହଲଟ କହିଛନ୍ତି। ସେ ଶନିବାର ୟୁଏନଜିଏରେ ପାକିସ୍ତାନକୁ ତୀବ୍ର ଭର୍ତ୍ସନା କରିଛନ୍ତି। ପେଟଲ କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି ଏବଂ ମିଛ କହୁଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ହାସ୍ୟାସ୍ପଦ ନାଟକ କରୁଛନ୍ତି। ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଶାହବାଜଙ୍କ ବିଦେଶ ନୀତିର ଅଂଶବିଶେଷ। କୌଣସି ଡ୍ରାମା କିମ୍ବା ମିଛ ଦ୍ୱାରା ସତକୁ ଲୁଚା ଯାଇପାରିବ ନାହିଁ।

ଗତ ମେ' ମାସରେ ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ସରିଫ ଯେଉଁ ଦାବି କରିଥିଲେ ତାହାକୁ ପେଟଲ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ମେ' ୯ ତାରିଖ ପର୍ଯ୍ୟନ୍ତ ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଧମକ ଦେଇ ଚାଲିଥିଲା। ଏହା ପରିଦନ (ମେ'୧୦) ପାକିସ୍ତାନର ଅନେକ ଏୟାରବେସ୍‌କୁ ଭାରତୀୟ ସେନା ଧ୍ୱଂସ କରିଦେଇଥିଲା। ଏହା ପରେ ଯୁଦ୍ଧ ବନ୍ଦ କରିବା ପାଇଁ ପାକିସ୍ତାନ କାକୁତିମିନତି ହୋଇଥିଲା। ଯଦି ଧ୍ୱଂସ ଏୟାରବେସ ବିଜୟର ପ୍ରତୀକ ତେବେ ପାକିସ୍ତାନ ଉତ୍ସବ ମନାଇବା କଥା। ଏହା ପୂର୍ବରୁ ଶାହବାଜ ଶୁକ୍ରବାର ଜାତିଂସଘରେ ଭାରତକୁ ଶତ୍ରୁ କହିଥିଲେ। ମେ'ରେ ହୋଇଥିବା ଭାରତ ସହ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଛି ଏବଂ ଭାରତର ୭ ବିମାନ ଧ୍ୱଂସ କରିଦେଇଛି ବୋଲି ସେ ଦାବି କରିଥିଲେ। ମାତ୍ର ଆଜି ଭାରତ ଏହି ଦାବିକୁ ମିଛ ଏବଂ ଭ୍ରାନ୍ତ କହି ଖାରଜ କରିଦେଇଛି।



### ଜାତିସଂଘରେ ନାଟକ କରୁଛନ୍ତି ଶାହବାଜ ସରିଫ

### ଯୁଦ୍ଧ ବିରତି ପାଇଁ ନେହୁରା ହୋଇଥିଲା ପାକ୍ ସେନା

ପେଟଲ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ସବୁ ପ୍ରସଙ୍ଗର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିରେ କୌଣସି ତୃତୀୟ ପକ୍ଷର ଆବଶ୍ୟକତା ନାହିଁ। ଶାନ୍ତି ନେଇ ପାକିସ୍ତାନ କରିଥିବା ଦାବି ଉପରେ ପେଟଲ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଶାହବାଜଙ୍କ ଦେଶ ଘୃଣାରେ ଅନ୍ଧ ହୋଇଯାଇଛି। ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣା ଯିବ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନର ବାହବଲପୁର ଏବଂ ମୁରିଦକେରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ସୂଚନା ଦେଇଥିଲେ। ପାକିସ୍ତାନ ଏହି ଦୁର୍ଦ୍ଧାନ୍ତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଦେଇଥିବା ଅଭିଯୋଗ ଲଗାଇ ଥିଲେ। ସେ ଫଟୋ ମଧ୍ୟ ଦେଖାଇ ଥିଲେ। ଗୋଟିଏ ଫଟୋ ହଜାରେ ଶବ୍ଦ କହୁଛି। ଏହି ଫଟୋରେ ଆତଙ୍କବାଦୀଙ୍କୁ ପାକିସ୍ତାନ ସେନା ଏବଂ ନେତା ଶ୍ରଦ୍ଧାଞ୍ଜଳି ଦେଉଥିବା ଦେଖାଯାଉଛି। ଯେଉଁଠି ସେନା ଅଧିକାରୀ ଆତଙ୍କବାଦୀଙ୍କୁ ଖୋଲାଖୋଲି ଭାବେ ସମ୍ମାନ ଦେଉଛନ୍ତି, ସେଇଠି ଶାସକ ଉପରେ ସନ୍ଦେହ ସୃଷ୍ଟି ହେବନି କି? ଭାରତର ନିର୍ଦ୍ଦୋଷ ଜନତାଙ୍କ ଉପରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ କରୁଛି। ଲୋକଙ୍କ ସୁରକ୍ଷା ଏବଂ ଜବାବ ଦେବାର ଅଧିକାରକୁ ପ୍ରୟୋଗ କରି ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଅପରାଧିଙ୍କୁ ନ୍ୟାୟର କାଠଗଡ଼ାରେ ଛିଡ଼ା କରିଥିଲା। ନିଜ ଦେଶରେ ଥିବା ସବୁ ଆତଙ୍କବାଦୀ ଶିବିରକୁ ପାକିସ୍ତାନ ବନ୍ଦ କରି ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ ବୋଲି ପେଟଲ ଦାବି କରିଛନ୍ତି।

ସେ ଇସଲାମାବାଦକୁ ଚେତାବନୀ ମଧ୍ୟ ଦେଇଛନ୍ତି। ପରମାଣୁ ଆକ୍ରମଣର ଧମକରେ ନ ଡରି ଭାରତ ଆତଙ୍କବାଦୀ ଏବଂ ଏହାର ପ୍ରାୟୋଜକଙ୍କୁ ଦାୟୀ କରିବ ବୋଲି ପେଟଲ କହିଛନ୍ତି। ଏହି ପାକିସ୍ତାନ ଆତଙ୍କବାଦୀଙ୍କୁ ସୁରକ୍ଷା ଦେବା ପାଇଁ ବିଶ୍ୱ ମଞ୍ଚକୁ ବ୍ୟବହାର କରୁଛି। ଗତ ଏପ୍ରିଲ ୨୫ରେ ପାକିସ୍ତାନ ୟୁଏନ୍‌ଏସ୍‌ସିରେ ଆତଙ୍କବାଦୀ ସଂଗଠନ 'ରେସିଷ୍ଟାନ୍ସ ଫୋର୍ସ'କୁ ସୁରକ୍ଷା ଦେଇଥିଲା। ଜମ୍ମୁ-କଶ୍ମୀରରେ ପର୍ଯ୍ୟଟକଙ୍କ ହତ୍ୟା ପାଇଁ ଏହି ଆତଙ୍କବାଦୀ ସଂଗଠନ ଦାୟୀ ଥିଲା। ଆତଙ୍କବାଦର ପ୍ରଚାରପ୍ରସାର କରୁଥିବା ଏହି ଦେଶ ଟିକେ ବି ଲଜ୍ଜା ଅନୁଭବ କରୁନାହିଁ। ୧୦ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନ ଓସାମା ବିନ୍ ଲାଡେନକୁ ଲୁଚାଇ ରଖିଥିଲା। ଦେଶ ଦୀର୍ଘ ଦଶନ୍ଧି ହେଲା ଆତଙ୍କବାଦୀ ଶିବିର ଚଲାଉଛି ବୋଲି ପାକିସ୍ତାନ ମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି। ପୁଣିଥରେ ପାକିସ୍ତାନର ଦୋମୁହାଁ ନୀତି ସାମ୍‌ନାକୁ ଆସିଯାଇଛି।

## ପାକିସ୍ତାନ, ଚୀନ୍ ସୀମାରେ ମୁତୟନ ହେବ 'ଅନନ୍ତ ଶସ୍ତ୍ର'

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ଆହୁରି ଦୃଢ଼ ତଥା ଶକ୍ତିଶାଳୀ ହେବାକୁ ଯାଉଛି। ଏଥିପାଇଁ ଭାରତ ଇଲେକଟ୍ରୋନିକ୍ସ ଲିମିଟେଡ (ବିଇଏଲ୍)କୁ ସେନା ଏକ ବଡ଼ ଟେଣ୍ଡର ପ୍ରଦାନ କରିଛି। ପାଖାପାଖି ୩୦ ହଜାର କୋଟି ଟଙ୍କା ବିନିମୟରେ 'ଅନନ୍ତ ଶସ୍ତ୍ର' ସରଫେସ୍ ଟୁ ଏୟାର ଅର୍ଥାତ ଭୂପୃଷ୍ଠରୁ ଆକାଶ ମିସାଇଲ ୱିପନ ସିଷ୍ଟମ କ୍ରୟ କରିବା ପାଇଁ ଟେଣ୍ଡର ଜାରି କରିବ। ଏହାକୁ ଡିଫେନ୍ସ ରିସର୍ଚ୍ଚ ଡେଭଲପମେଣ୍ଟ ଅର୍ଗାଜାଇଜେସନ (ଡିଆରଡିଓ) ତିଆରି କରିବ। ପୂର୍ବରୁ ଏହାକୁ କୁଇକ୍ ରିଆକସନ ସରଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍‌ଏଏମ୍) କୁହାଯାଉଥିଲା। ଏବେ ଏହାର ନାମ ପରିବର୍ତ୍ତନ କରାଯାଇଛି 'ଅନନ୍ତ ଅସ୍ତ୍ର' ରଖାଯାଇଛି। ଅନନ୍ତ ଅସ୍ତ୍ରର ୫ରୁ ୬ଟି ରେଜିମେଣ୍ଟ କିଣାଯିବ ଓ ଏହାକୁ ପାକିସ୍ତାନ ଓ ଚୀନ୍ ସୀମାରେ ନିୟୋଜିତ କରାଯିବ। ଅନନ୍ତ ଅସ୍ତ୍ର ଚାଲୁଥିବା ବେଳେ ଶତ୍ରୁର ଟାର୍ଗେଟ୍‌କୁ ମାଡ଼ କରିବାର କ୍ଷମତା ରଖୁଛି। ପୁଣି ବହୁତ କମ୍ ସମୟ ମଧ୍ୟରେ ଏହା ଫାୟାର କରିପାରିବ। ଏହା ୩୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟକୁ ଭେଦ କରିପାରିବ। ଏହା ସେନାରେ ଏବେ ଥିବା ଆକାଶତୀର ମିଡିୟମ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ (ଏମ୍‌ଆରଏସ୍‌ଏଏମ୍) ସିଷ୍ଟମକୁ ସହାୟତା ପ୍ରଦାନ କରିବ। ଅନନ୍ତ ଅସ୍ତ୍ରକୁ ଦିନ ଓ ରାତିରେ ସଫଳତାର ସହ ପରୀକ୍ଷଣ କରାଯାଇଛି। ଚଳିତ ବର୍ଷ ଅପରେସନ ସିନ୍ଦୂର ପରେ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଥିଲା। ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଡ୍ରୋନ ଓ ମିସାଇଲ ଆକ୍ରମଣକୁ ସେନାର ଏୟାର ଡିଫେନ୍ସ ୟୁନିଟ୍ ବନ୍ଧୁକ ଓ ମିସାଇଲ୍ ଦ୍ୱାରା ନିଷ୍କ୍ରିୟ କରିଥିଲା। ସେନାକୁ ଏବେ ଆହୁରି କେତୋଟି ସ୍ୱଦେଶୀ ଅସ୍ତ୍ର ମିଳିବ। ଏହିକ୍ରମରେ ସେନାକୁ ରାଡାର, ସର୍ଟ ରେଞ୍ଜ ଏୟାର ୱିପନ, ଜାମର ଓ ଲେଜର ଆଧାରିତ ଆଣ୍ଟି ଡ୍ରୋନ୍ ସିଷ୍ଟମ ମଧ୍ୟ ସେନାକୁ ମିଳିବ। ସେନା ଏବେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଉପରେ ଅଧିକ ଭରସା କରୁଛି। ଅପରେସନ ସିନ୍ଦୂରରେ ଆକାଶତୀର ଡିଫେନ୍ସ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା।

### ମୁନୀରଙ୍କୁ ନିଲମ୍ବନ କରିବା ପ୍ରଶ୍ନରେ ଫସିଲେ ପାକିସ୍ତାନ ମନ୍ତ୍ରୀ

## ଦେଶରେ ହାଇବ୍ରିଡ୍ ସରକାର ଚାଲିଛି

ଇସଲାମାବାଦ, ୨୭।୯ (ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ପୁଣିଥରେ ନିଜ ଦେଶର ମୁଖା ଖୋଲି ଦେଇଛନ୍ତି। ସେ ସାରା ବିଶ୍ୱରେ ପାକିସ୍ତାନର ସତକୁ ଉଜାଗର କରି ନିଜେ ଫସି ଯାଇଛନ୍ତି। ପାକିସ୍ତାନ ସେନା ଏବଂ ସରକାର ମିଳିମିଶି ସହମତିରେ ଦେଶରେ ହାଇବ୍ରିଡ ସରକାର ଚଳାଉଛନ୍ତି ବୋଲି ସେ ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି। ଏହା ସହିତ ଆମେରିକାକୁ ମଧ୍ୟ ସମାଲୋଚନା କରିଛନ୍ତି। ନିଜ ଦେଶକୁ ସୁରକ୍ଷା ଦେବାକୁ ଯାଇ ଆମେରିକା ଗଣତନ୍ତ୍ରକୁ 'ଡିପ୍ ଷ୍ଟେଟ୍' କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିଷୟରେ ପଚାରିବାରୁ ଆସିଫ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି।


ସାକ୍ଷାତକାରରେ ଉପସ୍ଥାପକ ଆସିଫଙ୍କୁ ପଚାରି ଥିଲେ ଯେ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ପାକିସ୍ତାନ ସେନାମୁଖ୍ୟ ଅଧିକ କ୍ଷମତାଶାଳୀ। ତେବେ ଉତ୍ତରରେ ସେ ନା କରିଥିଲେ ଏବଂ ନିଜକୁ ନିର୍ବାଚିତ ପ୍ରତିନିଧି ଦର୍ଶାଇ ଥିଲେ। ପରେ ଉପସ୍ଥାପକ ପ୍ରଶ୍ନ କରିଥିଲେ ଯେ ଆମେରିକାରେ ପ୍ରମୁଖ ଜେନେରାଲଙ୍କୁ ପ୍ରତିରକ୍ଷାମନ୍ତ୍ରୀ ପଦରୁ ହଟାଇ ପାରିବେ। କିନ୍ତୁ ପାକିସ୍ତାନରେ ଏପରି ହେଉନାହିଁ। ଉତ୍ତରରେ ଆସିଫ କହିଥିଲେ ଯେ ପାକିସ୍ତାନରେ ସାମିରକ ଶାସକଙ୍କ ଯୋଗୁଁ ସେନାର ପ୍ରଭାବ ଅଧିକ ରହିଛି। କିନ୍ତୁ ଆମେରିକାରେ ଡିପ୍ ଷ୍ଟେଟ ରହିଛି। ଏହା ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି। ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନୀରଙ୍କ ସହ ମତଭେଦ ହେଲେ ସହମତିର ସହ କାମ କରାଯାଇଥାଏ। ସହମତି ନ ହେଲେ ବି ମିଳିମିଶି ନିଷ୍ପତ୍ତି ନିଆଯାଇଥାଏ। ଆସିଫ ଦାବି କରିଥିଲେ ଯେ ଇମ୍ରାନ ଖାନ୍ ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରୁ ନିଜ ଏକ୍ସ ଆକାଉଣ୍ଟ ଚଲାଉଛନ୍ତି। କିନ୍ତୁ ଏହି ସମୟରେ ଉପସ୍ଥାପକ ତାଙ୍କ ପୁରୁଣା ମନ୍ତବ୍ୟକୁ ମନେ ପକାଇ ଦେବାରୁ ଆସିଫ ଫସି ଯାଇଥିଲେ । ପୂର୍ବରୁ ଭାରତରୁ ଇମ୍ରାନଙ୍କ ଆକାଉଣ୍ଟ ଚଲା ଯାଉଥିବା ନେଇ ସେ ଦାବି କରିଥିଲେ। ସତ କ'ଣ ବୋଲି ସେ ପଚାରି ଥିଲେ। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ଇମ୍ରାନ ଜେଲ୍‌ରୁ ନିଜ ଆକାଉଣ୍ଟ ଚଲାଉ ଥିବେ, ନଚେତ ଏହାକୁ କିଏ ଚଲାଉଛି ବୋଲି ସେ କହିବା ଉଚିତ।

## ମା' ସାମ୍ନାରେ ମୁଣ୍ଡ କାଟି ୫ ବର୍ଷର ପୁଅକୁ ହତ୍ୟା

ଧାର, ୨୭।୯(ଏଜେନ୍ସି): ମଧ୍ୟପ୍ରଦେଶର ଧାର ସହର ନିକଟସ୍ଥ ଏକ ଛୋଟିଆ ଗାଁରେ ଶୁକ୍ରବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। ଜଣେ ମା'ଙ୍କ ସାମ୍ନାରେ ତାଙ୍କର ୫ ବର୍ଷର ପୁଅକୁ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ମୁଣ୍ଡ କାଟି ହତ୍ୟା କରିଛି। ଏଥିରେ ଉତକ୍ଷିପ୍ତ ହୋଇ ଗାଁ ଲୋକେ ଅଭିଯୁକ୍ତକୁ ପଟିପିଟି ହତ୍ୟା କରିଛନ୍ତି। ୨୫ ବର୍ଷୀୟ ମହେଶ ନାମକ ଜଣେ ଯୁବକ ଏକ ବାଇକ୍‌ରେ ଆସି କାଲୁ ସିଂଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ପରିବାର ଲୋକ ପୂର୍ବରୁ କେବେ ଦେଖି ନ ଥିଲେ କି ଜାଣି ନ ଥିଲେ। ମହେଶ ସେଠାରେ ହଠାତ ପହଞ୍ଚିବା ପରେ ପଡ଼ିଥିବା ଏକ ଧାରୁଆ ଅସ୍ତ୍ର ଉଠାଇ ବିକାଶ ନାମକ ଶିଶୁର ମୁଣ୍ଡ କାଟି ଦେଇଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ବିକାଶର ମା' ତାକୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ କିନ୍ତୁ ଏହି ଆକ୍ରମଣରେ ସେ ଆହତ ହୋଇଥିଲେ। ତାଙ୍କ ପାଟି ଶୁଣି ଗାଁ ଲୋକ ଏକାଠି ହୋଇଥିଲେ ଓ ମହେଶକୁ ଧରି ପିଟିଥିଲେ। ହସ୍ପିଟାଲ ନିଆଯିବା ବାଟରେ ମହେଶ ମୃତ୍ୟୁବରଣ କରିଥିଲା ବୋଲି ଧାର ଏସ୍‌ପି ମୟଙ୍କ ଅବସ୍ଥି କହିଛନ୍ତି। ମୃତଦେହର ବ୍ୟବଚ୍ଛେଦ ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଏହି ଡବଲ୍ ମର୍ଡର ମାମଲାରେ ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ମହେଶର ଘର ଅଲିରାଜପୁର ଜିଲ୍ଲାର ଜୋବାଟ ବାଗଡ଼ିରେ। ସେ ମାନସିକ ବିକୃତିର ଶିକାର ହୋଇଥିଲା ଓ ଗତ ୩-୪ ଦିନ ହେବ ଘରକୁ ଆସି ନଥିଲା ବୋଲି ତା'ର ପରିବାର ଲୋକେ କହିଛନ୍ତି।

# ୱାଙ୍ଗଚୁକ୍‌ଙ୍କ ପାଇଁ ଅଡୁଆ ବଢ଼ିଲା

ଲେହ, ୨୭।୯(ଏଜେନ୍ସି): ଲଦାଖ ହିଂସା ପାଇଁ ଗିରଫ ହୋଇଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ରାଜସ୍ଥାନର ଜୟପୁର ଜେଲ୍‌କୁ ପଠାଇ ଦିଆଯାଇଛି।



ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କୁ ନେଇ ଲଦାଖ ଡିଜିପି ଏସ୍‌ଡି ସିଂ ଜାମୱାଲ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ୱାଙ୍ଗଚୁକ୍‌ଙ୍କ ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା (ପିଆଇଓ) ସଦସ୍ୟର ସମ୍ପର୍କ ଥିଲା। ପିଆଇଓର ଏହି ସଦସ୍ୟଙ୍କୁ ପୁଲିସ କିଛି ଦିନ ତଳେ ଧରିଥିଲା। ସେ ଜରୁରୀ ସୂଚନା ପାକିସ୍ତାନକୁ ପଠାଉଥିଲା। ଆମ ପାଖରେ ଏହାର ରେକର୍ଡ ଅଛି ବୋଲି ସେ କହିଛନ୍ତି। କେବଳ ସେତିକି ନୁହଁ ୱାଙ୍ଗଚୁକ୍ ପାକିସ୍ତାନର ଜଣାଶୁଣା ଖବର କାଗଜ ଡନ୍‌ର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏବେ ଏହି ସବୁ ମାମମଲାର ଯାଞ୍ଚ୍ କରାଯାଉଛି। ୱାଙ୍ଗଚୁକଙ୍କ ଗତିବିଧି ସନ୍ଦେହଜନକ ଥିଲା ବୋଲି ସେ କହିଛନ୍ତି।

### ପାକିସ୍ତାନୀ ଗୁଇନ୍ଦା ସହ ସଂପର୍କ ଥିଲା: ଡିଜି

### ବାଂଲାଦେଶ ଗସ୍ତରେ ବି ଯାଇଥିଲେ

ୱାଙ୍ଗଚୁକ୍‌ଙ୍କୁ ପୁଲିସ ତାଙ୍କ ଗାଁ ଉଲ୍ୟକୋଟୋପେରୁ ଗିରଫ କରିଥିଲା। ତାଙ୍କୁ ବିମାନ ଯୋଗେ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଲଗାଯାଇଛି। ଏହା ଅନୁସାରେ ବିନା ଜାମିନରେ ତାଙ୍କୁ ଦୀର୍ଘ ଦିନ ଧରି ଜେଲ୍‌ରେ ରଖାଯାଇପାରିବ। ଗତ ସେପ୍ଟେମ୍ବର ୨୪ରେ ଲେହରେ ହୋଇଥିବା ହିଂସା ପାଇଁ ତାଙ୍କୁ ସରକାର ଦାୟୀ କରିଛନ୍ତି। ସେ ଉତ୍ତେଜିତ କଲା ଭଳି ମନ୍ତବ୍ୟ ଦେବା କାରଣରୁ ଆନ୍ଦୋଳନ ହିଂସାର ରୂପ ନେଇଥିଲା ବୋଲି ପୁଲିସ୍ କହିଛି। ଏଥିରେ ୪ ଜଣ ଯୁବକ ମୃତ୍ୟୁବରଣ କରିଥିବା ବେଳେ ୮୦ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୪୦ଜଣ ପୁଲିସକର୍ମୀ ସାମିଲ ଥିଲେ। ଏହି ଘଟଣାରେ ଏପର୍ଯ୍ୟନ୍ତ ୬୦ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଅପରାହ୍ଣ ୨.୩୦ରେ ସାମ୍ବାଦିକ ସମ୍ମିଳନୀ କରିବା ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା। ଯେତେବେଳେ ସେ ଲେହରେ ପହଞ୍ଚି ନଥିଲେ ଆୟୋଜକଙ୍କ ସନ୍ଦେହ ହୋଇଥିଲା। ପରେ ଗିରଫ ହେବା ନେଇ ଖବର ମିଳିଥିଲା। କିନ୍ତୁ ଏହା ସତ୍ତ୍ୱେ ସମ୍ବାଦିକ ସମ୍ମିଳନୀ ହୋଇଥିଲା। ଯୁବକମାନେ ନିୟନ୍ତ୍ରଣ ବାହାରକୁ ଯାଇ ହିଂସା କରିଥିଲେ ବୋଲି ଆୟୋଜକ ସ୍ୱୀକାର କରିଛନ୍ତି। ତେବେ ଏଥିରେ କୌଣସି ବିଦେଶୀ ଶକ୍ତିଙ୍କର ହାତ ନାହିଁ ବୋଲି ସେମାନେ କହିଛନ୍ତି। ଲେହ ଆପେକ୍ସ ବଡି (ଏଲ୍‌ଏବି)ର ଉପାଧକ୍ଷ ଚୋରିଂ ଦୋର୍ଜେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ପୁଲିସ ଓ ସିଆରପିଏଫ୍ ଚେତାବନୀ ଦେଇ ନଥିଲା କି ପାଣି ପକାଇ ନଥିଲା। ସିଧା ଆଖିବୁଜା ଗୁଳି ଚଳାଇଥିଲା। ପୁଣି କେନ୍ଦ୍ର ଗୃହମନ୍ତ୍ରଣାଳୟ ଅଲୋଚନା ପାଇଁ ଡକାଉ ନାହିଁ। ତେଣୁ ଆନ୍ଦେଳନ ଆହୁରି ଜୋରଦାର ହେବ ବୋଲି ଧମକ ଦିଆଯାଇଛି।

## ହରିୟାଣାରେ ୩.୪ ତୀବ୍ରତାର ଭୂକମ୍ପ

ସୋନିପତ, ୨୭।୯(ଏଜେନ୍ସି): ହରିୟାଣାର ସୋନିପତ ଜିଲ୍ଲାରେ ଗତ ରାତିରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲାରେ ୩.୪ ଥିଲା। ଅଚାନକ ଏହି ଭୂକମ୍ପର ଝଟ୍‌କାରେ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା ଓ ସେମାନେ ଘରୁ ବାହରକୁ ଚାଲିଯାଇଥିଲେ। କିନ୍ତୁ କେହି କିଛି ଜାଣି ପାରି ନଥିଲେ। ମିଳିଥିବା ସୂଚନା ମୁତାବକ, ଭୂକମ୍ପ ରାତି ୧.୪୭ ମିନିଟ୍‌ରେ ଆସିଥିଲା। ଏହାର କେନ୍ଦ୍ର ସୋନିପତ ଥିଲା। ହାଲ୍‌କା ଝଟ୍‌କା ହୋଇଥିଲେ ମଧ୍ୟ ଏହା ସ୍ପଷ୍ଟ ଭାବେ ଅନୁଭବ କରାଯାଇଥିଲା। ଭୂକମ୍ପ ଝଟ୍‌କା ପରେ ଆତଙ୍କ ଖେଳିଯାଇଥିଲା। କିନ୍ତୁ କୌଣସି ପ୍ରକାର ଧନଜୀବନର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଉତ୍ତରାଖଣ୍ଡର ଡେରାଡୁନ୍‌ଠାରୁ ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ପର୍ଯ୍ୟନ୍ତ ମାଟି ତଳେ ଏକ ଫ୍ଲାଟ ଲାଇନ୍ ଅଛି। ଏଥିରେ ଯେତେବେଳେ ପ୍ଲେଟ ମୁଭ୍‌ମେଣ୍ଟ ହୋଇଥାଏ, ସେତେବେଳେ ପ୍ଲେଟଗୁଡ଼ିକ ପରସ୍ପରକୁ ଧକ୍କା ଦେଇଥାନ୍ତି। ଫଳରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ ବୋଲି ଭୂକମ୍ପ ବିଜ୍ଞାନ କେନ୍ଦ୍ର ତରଫରୁ କୁହାଯାଇଛି। ଏହି କାରଣରୁ ହରିୟାଣାରେ ବାରମ୍ବାର ଭୂକମ୍ପ ଅନୁଭୂତ ହୋଇଥାଏ ।



ଶୀତଲ ଦେବୀ ବିଶ୍ୱ ଚାମ୍ପିଅନ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-95 ◆SUNDAY ◆28 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୫ ◆ରବିବାର ◆୨୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)







## ଅର୍ଥନୀତିକୁ ଅଡୁଆ ଟ୍ରମ୍ପ ନୀତି | ୬ ଦିନରେ ବୁଡ଼ିଲା ୧୬ ଲକ୍ଷ କୋଟି

■ ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଚାଲିଛନ୍ତି। କେତେବେଳେ ଚଢ଼ା ଶୁଳ୍କ ଲଗାଉଛନ୍ତି ତ, ଆଉ କେବେ ଭିସା ଦେୟକୁ ଅଚାନକ ବୃଦ୍ଧି କରି କମ୍ପାନୀ ଏବଂ ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଯୋଗୁଁ ବିଶ୍ୱ ଅର୍ଥନୀତି ଅସ୍ଥିର ହୋଇପଡ଼ିଛି। ଭାରତୀୟ ସେୟାର ବଜାର ମଧ୍ୟ ଏଥିରେ ଭୀଷଣ ଭାବେ ପ୍ରଭାବିତ ହେଉଛି। ଏଚ୍-୧ବି ଭିସା ଦେୟ ବଢ଼ାଇବା ପାଇଁ ଟ୍ରମ୍ପ ନେଇଥିବା ନିଷ୍ପତ୍ତି ନିବେଶକଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏଥିପାଇଁ ଗତ ସପ୍ତାହରେ ନିବେଶକମାନଙ୍କର ୧୬ ଲକ୍ଷ କୋଟି ଟଙ୍କା ବୁଡି ଯାଇଛି। ନିଫ୍ଟି୫୦ ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଛି। ଆଇଟି ସୂଚକାଙ୍କ ୮ ପ୍ରତିଶତ ଖସି ଆସିଛି। ଟଙ୍କା ତୁଳନାରେ ଡଲାର ମଜବୁତ ହେଉଥିବାରୁ ବିଦେଶୀ ପାଣ୍ଠି ଭାରତ ବାହାରକୁ ଯିବାରେ ▶ପୃଷ୍ଠା-୭

## ‘ହାର୍ଟ ବିଟ୍’ ପରିଦର୍ଶନ କଲେ ନବୀନ



■ ଭୁବନେଶ୍ୱର, ୨୭।୯ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀସ୍ଥିତ ବିକାନିର୍ ହାଉସ୍‌ରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ ବନ୍ୟପ୍ରାଣୀ ଦାତବ୍ୟ ପ୍ରଦର୍ଶନୀ (ୱାଇଲ୍ଡଲାଇଫ୍ ଚାରିଟି ଏକ୍ସିବିସନ) ‘ହାର୍ଟ ବିଟ୍’କୁ ପରିଦର୍ଶନ କରିଛନ୍ତି। ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଥିମ୍ ରହିଥିଲା ‘ବନ୍ୟପ୍ରାଣୀ: ଆମ ସହଭାଗୀ ଭବିଷ୍ୟତ ବା ▶ପୃଷ୍ଠା-୭

# ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ | ୬୦ ହଜାର କୋଟିର ପ୍ରକଳ୍ପ ଭେଟି



### ୯୭,୫୦୦ ମୋବାଇଲ୍ ୪ଜି ଟାୱାରର ଲୋକାର୍ପଣ

### ବ୍ରହ୍ମପୁର-ସୁରତ ‘ଅମୃତ ଭାରତ’ ଟ୍ରେନର ଶୁଭାରମ୍ଭ

■ ଭୁବନେଶ୍ୱର/ଝାରସୁଗୁଡ଼ା, ୨୭।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ଝାରସୁଗୁଡା ଗସ୍ତରେ ଆସି ୬୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଦୂରସଞ୍ଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ର ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଏସ୍‌ଏନ୍‌ଏଲର ନୂତନ ଅବତାର ଉନ୍ମୋଚନ କରି ଏହାର ସ୍ୱଦେଶୀ ୪ଜି ସେବାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଓଡ଼ିଶାରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୋଗାଯୋଗ ସହିତ ସଂପୃକ୍ତ ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ସହ ବ୍ରହ୍ମପୁରରୁ ସୁରତ ପର୍ଯ୍ୟନ୍ତ ଆଧୁନିକ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ସମସ୍ତ ବିକାଶମୂଳକ ପଦକ୍ଷେପ ପାଇଁ ସେ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଢ଼ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାବାସୀ ନୂତନ ପ୍ରତିବଦ୍ଧତା ସହିତ ଏକ ବିକଶିତ ଓଡ଼ିଶା ଆଡ଼କୁ ଆଗକୁ ବଢ଼ିବାକୁ ସଂକଳ୍ପ ନେଇଥିଲେ। ଆଜି କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାରଙ୍କ ବିକାଶ ଧାରା ସହିତ ଓଡ଼ିଶା ଦ୍ରୁତ ଗତିରେ ପ୍ରଗତି କରୁଛି। ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ। ଆଜିର କାର୍ଯ୍ୟକ୍ରମ ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ଦୂରସଞ୍ଚାର ସଂଯୋଗ କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯୭,୫୦୦ରୁ ଅଧିକ ମୋବାଇଲ୍ ୪ଜି ▶ପୃଷ୍ଠା-୭

## କଲବଲ କରୁଛି ‘ଲେଉଟାଣି ମୌସୁମୀ’

■ ଭୁବନେଶ୍ୱର, ୨୭।୯ (ସମିସ): ଲେଉଟାଣି ସମୟରେ ମୌସୁମୀ କଲବଲ କରୁଛି। ସେପ୍‌ଟେମ୍ବର ୧୫ ତାରିଖରୁ ରାଜସ୍ଥାନରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥିବା ଚଳିତ ଋତୁର ମୌସୁମୀ ଉତ୍ତର ଭାରତରେ ପ୍ରବଳ ବର୍ଷା କରାଇ ଭୂସ୍ଖଳନ ଓ ବନ୍ୟା ସ୍ଥିତି ସୃଷ୍ଟି କରିଥିବା ବେଳେ ଓଡ଼ିଶାରେ ମଧ୍ୟ ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି କରିଛି। ବିଶେଷକରି ଗତ ୨୫ ତାରିଖରୁ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଲଘୁଚାପଜନିତ ଲଗାଣ ବର୍ଷା ଜନଜୀବନକୁ ବ୍ୟାହତ କରିଛି। ସଂପ୍ରତି ଦକ୍ଷିଣ-ଓଡ଼ିଶାରେ ସକ୍ରିୟ ରହିଥିବା ଅବପାତ ଧୀରେ ଧୀରେ ଦୁର୍ବଳ ହୋଇ ଘଣ୍ଟା ପ୍ରତି ୧୬ କିମି ବେଗରେ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼

### ୧ ରେ ପୁଣି ଏକ ଲଘୁଚାପ

### ୩୦ ଜିଲ୍ଲାକୁ ସତର୍କତା ଜାରି

ଆଡ଼କୁ ଗତି କରୁଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା କ୍ରମଶଃ ଦୁର୍ବଳ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବ। ଏହା ପ୍ରଭାବରେ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ମହାନଦୀର ଉପରମୁଣ୍ଡରେ ବନ୍ୟାଜଳ ସ୍ଥିତି ଗୁରୁତର ହେବା ସହ ହୀରାକୁଦ ଜଳଭଣ୍ଡାର ପୁଣି ଫୁଲିବାର ଆଶଙ୍କା ରହିଛି। ତେବେ ଆଜି ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର କମିଥିବାରୁ ଆଉ ୪ଟି ଗେଟ୍ ବନ୍ଦ କରି ଦିଆଯାଇଛି। ଏବେ ୧୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

ଅବପାତ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ୨୭ ମିମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ▶ପୃଷ୍ଠା-୭

## ବିଜୟ ଥାଲାପତିଙ୍କ ରାଲିରେ ଦଳାଚକଟା



## ୨୯ ମୃତ

■ ଚେନ୍ନଇ, ୨୭।୯ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ଥାଲାପତିଙ୍କ ତାମିଲନାଡୁ କରୁରରେ ଆୟୋଜିତ ଏକ ରାଲିରେ ଶନିବାର ବଡ଼ ଅଘଟଣ ଘଟିଛି। ନିଜ ବସ୍ ଉପରେ ରହି ରାଲିକୁ ସମ୍ବୋଧନ କରୁଥିବାବେଳେ ଦଳାଚକଟା ଘଟି ୨୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ସାମିଲ ▶ପୃଷ୍ଠା-୭






## ସୁନା ବଜାରରେ ନିଆଁ

### ୯ ମାସରେ ୩୭ ହଜାର ମହଙ୍ଗା



■ ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ଭାରତରେ ସୁନା ଏବଂ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦିନକୁ ଦିନ ଏହାର ଦାମ ରେକର୍ଡ ଭାଙ୍ଗି ଚାଲିଛି। ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ଶନିବାର ୧, ୧୩, ୨୬୨ ଟଙ୍କାରେ ପହଞ୍ଚି ଯାଇଛି। ଏହା ଗତ ୨୦ ତାରିଖରେ ୧, ୦୯, ୭୭୫ ଟଙ୍କା ଥିଲା। ଅର୍ଥାତ୍ ଚଳିତ ସପ୍ତାହରେ ସୁନା ମୂଲ୍ୟ ୩,୪୮୭ ଟଙ୍କା ବୃଦ୍ଧି ପାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୩୭, ୧୦୦ ଟଙ୍କା ମହଙ୍ଗା ହେଲାଣି। ଗତ ବର୍ଷ ଡିସେମ୍ବର ୩୧ରେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୬, ୧୬୨ ଟଙ୍କା ଥିଲା। ୨୦୨୪ରେ ସୁନା ୨୧ ପ୍ରତିଶତ ମହଙ୍ଗା ହୋଇଥିଲା। ଏବେ ୧୦ ଗ୍ରାମ ପିଛା ୧୪ କ୍ୟାରଟ ସୁନା ମୂଲ୍ୟ ୬୬, ୨୫୮ ଟଙ୍କା, ୧୮ କ୍ୟାରେଟ ମୂଲ୍ୟ ୮୪, ୯୪୭ ଟଙ୍କା ଏବଂ ୨୨ କ୍ୟାରେଟ ସୁନା ମୂଲ୍ୟ ୧, ୦୩, ୭୪୮ କୋଟି ଟଙ୍କା ରହିଛି। ▶ପୃଷ୍ଠା-୭


## ସାର କହି ଚାଷୀଙ୍କୁ ‘ଲୁଣ’



■ ବାଲେଶ୍ୱର, ୨୭।୯ (ସମିସ): ସାର ଅଭାବ ଯୋଗୁଁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳୁଛି। ରାତି ଅନିଦ୍ରା ହୋଇ ଚାଷୀ ସମବାୟ ସମିତି ଆଗରେ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଶେଷରେ ନିରାଶ ହୋଇ ଫେରୁଛି। ଆଉ କିଛି ଚାଷୀ ଅନ୍ୟ ଉପାୟ ନପାଇ ଦୁଇରୁ ତିନିଗୁଣା ଅଧିକ ଟଙ୍କାରେ କଳାବଜାରରୁ ସାର କିଣିବାକୁ ବାଧ ହେଉଛନ୍ତି। ଏପରି ସ୍ଥିତି (ସାର ଅଭାବ)ର ଫାଇଦା ନେଇ ଏବେ ଅସାଧୁ ବେପାରୀମାନେ ନକଲି ସାର ବିକିବା ଆରମ୍ଭ କରିଦେଲେଣି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅଭିଯୋଗ ଆସୁଥିବା ବେଳେ ଆଜି ବାଲେଶ୍ୱର ସହରର ଅରଡ଼ବଜାରରୁ କୃଷି ବିଭାଗ ଏକ ନକଲି ସାର ଗୋଦାମ ଠାବ କରିଛି। କୃଷି ବିଭାଗର ଏକ ▶ପୃଷ୍ଠା-୭

### ଲୁଣରେ ରଙ୍ଗ ମାରି ପଟାସ ସାର ପ୍ରସ୍ତୁତି

### ବାଲେଶ୍ୱରରୁ ୧୫୮ ବସ୍ତା ଜବତ

ଆସୁଛନ୍ତି ମା'



## ୨୭ ବର୍ଷରେ ମଧୁବନ ସାର୍ବଜନୀନ ଦୁର୍ଗାପୂଜା

# ଚାନ୍ଦିମେଢ଼ ମୁଖ୍ୟ ଆକର୍ଷଣ



**ବାରିପଦା, ୨୭।୯(ସମିସ):** ବାରିପଦା ମଧୁବନ ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୨୭ ବର୍ଷରେ ପଦାର୍ପଣ କରିଛି। ଶାନ୍ତିଶୃଙ୍ଖଳାର ସହ ପୂଜା ଆୟୋଜନ ପାଇଁ ମଧୁବନ ସାହି ଓ ହୁଡ୍‌କୋ କଲୋନୀବାସୀଙ୍କ ସହଯୋଗ ତଥା ଉପଦେଷ୍ଟା ବିପିନ ବିହାରୀ ନାୟକ, କୃପାସିନ୍ଧୁ ସିଂହ ଓ ରମେଶ ଚନ୍ଦ୍ର ଚୌଧୁରୀଙ୍କ ଦିଗଦର୍ଶନରେ ନୂତନ ଭାବେ ଗଠିତ କମିଟି ସଦସ୍ୟଙ୍କ ସହଯୋଗରେ ପ୍ରସ୍ତୁତି ଶେଷ ହୋଇଛି। ମା'ଙ୍କ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ବଡ଼ସାହିର ସୁଧୀର ନନା ଦ୍ୱାରା ଜୀବନ୍ତ ରୂପ ନେଉଛି। ପୂର୍ବ ବର୍ଷ ଭଳି ନନା ଧୀରେନ ଦ୍ୱିବେଦୀ ଏଥର ମଧ୍ୟ ପୂଜା ଦାୟିତ୍ୱ ବହନ କରିବେ। ମଣ୍ଡପରେ ବ୍ୟକ୍ତିଗତ ସଙ୍କଳ୍ପ ଜରିଆରେ ପୂଜା ନୀତିନିଷ୍ଠାରେ ସମ୍ପାଦିତ ହେଉଥିବାରୁ ଭକ୍ତଙ୍କ ଗହଳି ଏଠାରେ ଲାଗି ରହେ। ପୂର୍ବବର୍ଷ ଭଳି ନବମୀ ସଂଧ୍ୟାରେ ଶ୍ରଦ୍ଧାଳୁଙ୍କୁ ଦଳା ଖେଚୁଡ଼ି ଓ ରାମରୋଚକ ପ୍ରସାଦ ବଣ୍ଟନ କରାଯିବ। ପୂଜା ମଣ୍ଡପ ନିକଟ ମଧୁବନ ମିନି ଷ୍ଟାଡ଼ିୟମରେ ଦଶହରାରେ ରାବଣ ପୋଡ଼ି ହେବା ପାଖରୁ ମା'ଙ୍କ ଭସାଣି ତହିଁ ପରଦିନ ଅନୁଷ୍ଠିତ ହେଉଛି। ପୂଜା ବ୍ୟୟ ଅଟକଳ ୭ ଲକ୍ଷ ଟଙ୍କା ରହିଥିବା ବେଳେ ତୋରଣ ଓ ସାଜସଜ୍ଜାରେ ସିଂହଭାଗ ଖର୍ଚ୍ଚ ହୋଇଥାଏ। ପୂର୍ବରୁ ଏଠାରେ ଓଡ଼ିଶା ବିଧାନସଭା ସୌଧ ଓ ମୟୂରଭଞ୍ଜ ରାଜପ୍ରସାଦ (ଏମପିସି କଲେଜ) ସମ୍ମୁଖ ଭାଗ ସଦୃଶ୍ୟ ତୋରଣ ନିର୍ମାଣ କରି କମିଟି ପ୍ରଶଂସା ସାଉଁଟିଛି। ତେବେ ୨୦୧୧ରୁ ହେଉଥିବା ଚାନ୍ଦିମେଢ ମୁଖ୍ୟ ଆକର୍ଷଣ ରହିଛି। କମିଟି ସଭାପତି ରବୀନ୍ଦ୍ର ଜେନା, ଉପସଭାପତି ଦେବେନ୍ଦ୍ର ଦାସ, ସମ୍ପାଦକ ଜଗତ ଜୀବନ ରାମ ଓ କୋଷାଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ କମିଟିର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ପୂଜାକୁ ସର୍ବାଙ୍ଗ ସୁନ୍ଦର କରିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି।

## ୧୬ ବର୍ଷରେ ବାରୁଣେଶ୍ୱର ଦୁର୍ଗାପୂଜା

# ବରିଷ୍ଠଙ୍କ ଉପସ୍ଥିତିରେ ହୁଏ ଶୃଙ୍ଖଳିତ ଭସାଣି

**ବାରିପଦା, ୨୭।୯(ସମିସ):** ବାରିପଦାର ମଣ୍ଡପ ମା' ଦୁର୍ଗାଙ୍କ ପୂଜା ମଧ୍ୟରେ ମଧୁବନ ସ୍ଥିତ ବାରୁଣେଶ୍ୱର ସାର୍ବଜନୀନ ଦୁର୍ଗାପୂଜା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଅଞ୍ଚଳର ବରିଷ୍ଠ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉକ୍ତ ପୂଜା ଚଳିତ ଥର ୧୬ ବର୍ଷରେ ପହଞ୍ଚିଛି। ବରିଷ୍ଠ ନାଗରିକଙ୍କ ସକ୍ରିୟ ସଦସ୍ୟତାରେ ବିନାବାଧା ବିଘ୍ନରେ ପୂଜା ଜାରି ରହିଛି। ପୂଜା କମିଟିର ସଭାପତି ଡ. କୁଞ୍ଜବନ ପୃଷ୍ଟି, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସହଯୋଗରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ମଧୁବନ ସ୍ଥିତ ସ୍ଥାୟୀ ମଣ୍ଡପରେ ମୂର୍ତ୍ତି କାରିଗରଙ୍କ ଦ୍ୱାରା ମା' ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରହିଛି। ରବିବାର ବିଲ୍ୱାଧିବାସ ବା ବେଲବରଣ ଥିବାରୁ ପୂଜା ମଣ୍ଡପ, ତୋରଣ ଓ ମୂର୍ତ୍ତି ସାଜସଜ୍ଜା ଶେଷ ହୋଇଛି। ଚଳିତ ଥର ପୂଜାକୁ ଆକର୍ଷଣୀୟ ସଦୃଶ୍ୟ ତୋରଣ ସମେତ ଅଧିକ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି।




ପୂଜା କମିଟି ପକ୍ଷରୁ ଷଷ୍ଠୀ ପୂଜା ଆରମ୍ଭରୁ ବିଜୟା ଦଶମୀ ପର୍ଯ୍ୟନ୍ତ ବ୍ରତଧାରୀ, ସଦସ୍ୟ ଓ ସ୍ଥାନୀୟ ମଧୁବନ ଅଞ୍ଚଳର ଜନସାଧାରଣଙ୍କୁ ଆମିଷ ଭୋଜନ ସେବନ ନ କରିବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏଠାରେ ନିଷ୍ଠାର ସହ ପୂଜା ହେଉଥିବାରୁ ମାନସିକଧାରୀଙ୍କ ପୂଜା ପାଇଁ ପ୍ରବଳ ଭିଡ ଜମିଥାଏ। ଅଷ୍ଟମୀ ଓ ନବମୀ ଦୁଇ ଦିନ ସର୍ବସାଧାରଣଙ୍କୁ ଭୋଗ ବଣ୍ଟନ କରାଯିବ। ନିଆରା ଢଙ୍ଗରେ ଏଠାରେ ଭସାଣି ହୋଇଥାଏ। ଦିନବେଳେ ବରିଷ୍ଠଙ୍କ ଉପସ୍ଥିତିରେ ଭଜନ ଓ ଲୋକ ବାଦ୍ୟରେ ଶାନ୍ତି ଶୃଙ୍ଖଳାର ସହିତ ଭସାଣି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଦଶହରା ଯାଏ ଯାନବାହନ ଚଳାଚଳ ରୁଟ୍ ପରିବର୍ତ୍ତନ

**ବାରିପଦା, ୨୭।୯(ସମିସ):** ଚଳିତବର୍ଷ ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ପାଖାପାଖି ୩୦ଟି ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଏଥିପାଇଁ ସହରରେ ବିପୁଳ ଜନସମାଗମ ପାଇଁ ଅଧିକ ଯାନବାହନ ଚଳାଚଳ ସମ୍ଭାବନା ଜନିତ ଆକସ୍ମିକ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏଥିସହିତ ଗହଳି ଓ ଅଧିକ ଯାନବାହନ ଚଳାଚଳ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ଏହିସବୁ ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ଦଶହରା ଯାଏ ସହରରେ ଯାନବାହନ ଚଳାଚଳ ରଟ୍‌କୁ ପରିବର୍ତ୍ତନ କରାଯାଇଛି। ଭକ୍ତ, ଶ୍ରଦ୍ଧାଳୁ, ଦର୍ଶନାର୍ଥୀମାନେ ଦେବୀଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସହଜରେ ପୂଜା ମଣ୍ଡପ ନିକଟରେ ପହଞ୍ଚି ପାରିବେ ତଥା ସହରର ପଥଚାରୀ ଜନସାଧାରଣ ଯେମିତି ଶାନ୍ତି ଶୃଙ୍ଖଳାର ସହିତ ଗମନାଗମନ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି। ତଦନୁସାରେ ଦୈନନ୍ଦିନ ଚଳାଚଳ କରୁଥିବା ବସ, ଟ୍ରକ ଓ ଅନ୍ୟାନ୍ୟ ଯାନ ଗୁଡିକ ଦୁର୍ଗା ପୂଜା ସମୟରେ ୨୮ରୁ ୨ତାରିଖ ଦଶହରା ପର୍ଯ୍ୟନ୍ତ ଭାୟା ବାଘରାରୋଡ଼, ଦାରୋଗାଡାହି ଛକ ଓ ବାଲେଶ୍ୱର ଗୋଲେଇ ରାସ୍ତା ଦେଇ ଗନ୍ତବ୍ୟ ସ୍ଥଳକୁ ଚଳାଚଳ କରିବେ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି।

## ଦୁର୍ଗାପୂଜାରେ ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା ପରମ୍ପରା ନିଆରା

# ୧୦ ହଜାରରୁ ଆରମ୍ଭ ପୂଜା ଏବେ ଅଟକଳ ୧୦ ଲକ୍ଷ



**ବାରିପଦା, ୨୭।୯(ସମିସ):** ଶାରଦୀୟ ଦୁର୍ଗାପୂଜା ଅବସରରେ ବାରିପଦାରେ ନିଆରା ପରମ୍ପରା ଅନୁଷ୍ଠିତ ହୋଇଆସୁଛି। ମା' ଦୁର୍ଗା ଧରାବତରଣ କରୁଥିବା ବେଳେ ତାଙ୍କୁ ଶାନ୍ତ ରଖିବା ପାଇଁ ହନୁମାନଙ୍କ ପୂଜା କରାଯିବା ଭଳି ଏକ ନିଆରା ପରମ୍ପରା ଏଠି ଅନୁଷ୍ଠିତ ହୋଇଆସୁଛି। ବାରିପଦା ସହର ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଦୀର୍ଘ ୩୩ ବର୍ଷ ହେବ ଏହି ପରମ୍ପରା ବଜାୟ ରଖିଛି। ମା' ଦୁର୍ଗାଙ୍କ ଆବାହନ ମନ୍ତ୍ରରେ ପରିବେଶ ପ୍ରକମ୍ପିତ ହେଉଥିବା ବେଳେ ବାରିପଦାରେ ହନୁମାନଙ୍କ ପୂଜା ଶାରଦୀୟ ଉତ୍ସବକୁ ଅଧିକ ଭକ୍ତିମୟ କରି ତୋଳିଥାଏ। କଥିତ ଅଛି ଯେ, ମା' ଦୁର୍ଗା ରକ୍ତମୁଖା ହୋଇ ମହିଷାସୁରକୁ ଦମନ କରିଥିଲେ। ତାଙ୍କୁ ଉଗ୍ର ରୂପରେ ଦେଖି ଧରାପୃଷ୍ଠରେ ଭକ୍ତଜନ ଭୟଭୀତ ହୋଇପଡ଼ିଥିଲେ। ଏଣୁ ସେତେବେଳେ ମା'ଙ୍କୁ ଶାନ୍ତ କରିବା ପାଇଁ ହନୁମାନଙ୍କୁ ପୂଜା କରାଯାଇଥିଲା। ଏହି ପରମ୍ପରା କାଳକ୍ରମେ ହଜି ଯାଇଥିଲା ବେଳେ ବାରିପଦା ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଏହାକୁ ଉଜ୍ଜୀବିତ କରି ରଖିଛି। ୧୯୯୨ ମସିହାରେ ୩୦ରୁ ୪୦ ଜଣ ସଦସ୍ୟ ସଙ୍ଗଠିତ ହୋଇ ୧୦ ହଜାର ଟଙ୍କା ବ୍ୟୟ ଅଟକଳରେ ଶାରଦୀୟ ଉତ୍ସବ ଅବସରରେ ହନୁମାନଙ୍କ ପୂଜା ଆରମ୍ଭ କରିଥିଲେ। ବର୍ଷକୁ ବର୍ଷ ଏହି ପୂଜାର ଆକର୍ଷଣ ବଢ଼ିବା ସହ ବର୍ତ୍ତମାନ ବଜେଟ ୧୨ ଲକ୍ଷ ଟଙ୍କାକୁ ଛୁଇଁଛି। ପରମ୍ପରା ଅନୁଯାୟୀ ପୂଜକ ମନ୍ମଥ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଅଷ୍ଟମୀ, ନବମୀ ଓ ଦଶମୀ ତିଥିରେ ହନୁମାନଙ୍କ ପୂଜା ସହିତ ୭ଘଣ୍ଟା ଧରି ହୋମଯଜ୍ଞ ଅନୁଷ୍ଠିତ ହୋଇଥାଏ। ପୂଜା କମିଟି ସମ୍ପାଦକ ନରୋତ୍ତମ ମହାନ୍ତଙ୍କ ସୂଚନା ମୁତାବକ ଗତ ୯ବର୍ଷ ହେଲା କଳା ମୁଗୁନି ପଥରରେ ତିଆରି ୯ ଫୁଟର ହନୁମାନଙ୍କ ମୂର୍ତ୍ତି ସ୍ଥାୟୀ ଭାବେ ପୂଜା ପାଇ ଆସୁଛନ୍ତି। ଠାକୁରଙ୍କ ଆଖି, ଚିତା ଓ ମୁକୁଟ ରୂପାରେ ତିଆରି ହୋଇଛି। ପୂର୍ବରୁ ମାଟିରେ ପଞ୍ଚମୁଖୀ ହନୁମାନଙ୍କ ମୂର୍ତ୍ତି ତିଆରି କରାଯାଇ ପୂଜା କରାଯାଉଥିଲା। ବର୍ତ୍ତମାନ କମିଟିରେ ୨ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଅଛନ୍ତି। ସମସ୍ତ କମିଟି ସଦସ୍ୟଙ୍କ ସହଯୋଗରେ ଏହି ପୂଜା ଶାନ୍ତିଶୃଙ୍ଖଳାର ସହ ହେଉଥିବା କମିଟି ସଭାପତି ନବ କିଶୋର ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ଜୟେଷ ପାତ୍ର, ଉପ ସଭାପତି ଖଗେଶ୍ୱର ବଳିଆର୍ ସିଂହ, ସାଂଗଠନିକ ସମ୍ପାଦକ ଦେବବ୍ରତ ଦେ ଓ କୁମାର ରାକେଶ କୋଷାଧ୍ୟକ୍ଷ ବିଶ୍ୱାଷ ମହାନ୍ତି ଦାୟିତ୍ୱ ତୁଲାଉଛନ୍ତି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଏଠି କେବଳ ଭଜନ ପରିବେଷଣ ହୋଇଥାଏ। ଚଳିତ ବର୍ଷ କମିଟି ପକ୍ଷରୁ ଏକ କାଳ୍ପନିକ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଉଛି। କମିଟି ପକ୍ଷରୁ ସାଜସଜ୍ଜା ପାଇଁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି।



ନବରାତ୍ର ଅବସରରେ ବାରିପଦା ମା' ଅମ୍ବିକାଙ୍କ କାତ୍ୟାୟନୀ ବେଶ

# ଉଦଳାରେ ଫାର୍ମାସିଷ୍ଟ ଦିବସ ପାଳିତ




**ଉଦଳା, ୨୭।୯(ସମିସ)**

ବିଶ୍ୱ ଫାର୍ମାସିଷ୍ଟ ଦିବସ ଉପଲକ୍ଷେ ଉଦଳା ଉପଖଣ୍ଡ ହସ୍ପିଟାଲର କନଫରେନ୍ସ ହଲ୍‌ରେ କାର୍ଯ୍ୟରତ ଫାର୍ମାସୀ ଅଧିକାରୀଙ୍କ ମିଳିତ ସହଯୋଗରେ ଉପଖଣ୍ଡସ୍ତରୀୟ 'ବିଶ୍ୱ ଫାର୍ମାସିଷ୍ଟ ଦିବସ' ପାଳିତ ହୋଇଯାଇଛି। ଏଥିରେ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଫାର୍ମାସୀ ଅଧିକାରୀଙ୍କ କର୍ତ୍ତବ୍ୟ, ଅବଦାନ ତଥା ସମାଜ ପ୍ରତି ଥିବା ଭୂମିକାକୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଳୟର ଡା. ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା, ଡା. ମଧୁସ୍ମିତା ବେହେରା, ଅବସରପ୍ରାପ୍ତ ବରିଷ୍ଠ ଫାର୍ମାସୀ ଅଧିକାରୀ ସୁନୀଲ କୁମାର ଦାସ, ଅନ୍ତର୍ଯ୍ୟାମୀ ମହାନ୍ତି, ବିଜୟ କୁମାର ପାଢ଼ୀଙ୍କ ସହ ଜିଲ୍ଲା ସଂଘ ତରଫରୁ ଉପ ସଭାପତି ଗିତାଞ୍ଜଳି ନାୟକ, ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା, ଯୁଗ୍ମ ସମ୍ପାଦକ ସାଗର ପଟ୍ଟନାୟକ, ସାଂଗଠାନିକ ସମ୍ପାଦକ ନିର୍ଲିପ୍ତ ଦାସ, ଉପଦେଷ୍ଟା ପ୍ରତାପ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାନ୍ତ, ମନୋଜ କୁମାର ଦାସ, ଜ୍ୟୋତିରଞ୍ଜନ ବିଶ୍ୱାଳ, ସସ୍ମିତା ହଟେଇ ପ୍ରମୁଖ ଯୋଗଦାନ କରି ସମାଜରେ ଫାର୍ମାସିଷ୍ଟଙ୍କ ଭୂମିକା ଓ ବଳିଷ୍ଠ ଯୋଗଦାନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ତୁଷାର କାନ୍ତି ବେହେରା ଜିଲ୍ଲାର ମେଡିକାଲଗୁଡ଼ିକରେ ଥିବା ମୁଖ୍ୟ ସମସ୍ୟା ରୂପେ ଫାର୍ମାସୀ ଅଧିକାରୀଙ୍କ ଅଭାବ ତଥା ସଂଘ ତରଫରୁ ରାଜ୍ୟ ସରକାରଙ୍କ

### ବିଭିନ୍ନ ଦାବି ପୂରଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ

ପାଖରେ ଥିବା ଦୀର୍ଘଦିନର ଦାବିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥିସହ ସେସବୁ ପୂରଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ଚିକିତ୍ସାଳୟର ସିନିୟର୍ ଫାର୍ମାସୀ ଅଧିକାରୀ ଗୀତାଞ୍ଜଳି ନାୟକ ପରିଚାଳନା କରିବା ସହ ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ହସ୍ପିଟାଲ ମ୍ୟାନେଜର ନିରୁପମା ମହାନ୍ତି, ଆକାଉଣ୍ଟାଣ୍ଟ ଅରୂପ ସାହୁ, ନର୍ସି ଅଫିସର, ଲାବୋରାଟରି ଟେକ୍ନିସିଆନ୍, ଏକ୍ସରେ ଟେକ୍ନିସିଆନ୍ ତଥା ଡାକ୍ତରଖାନାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ

## ନାବାଳିକା ଦୁଷ୍କର୍ମକାରୀକୁ ୫ ବର୍ଷ ଜେଲ୍


**ବାରିପଦା, ୨୭।୯ (ସମିସ):** ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ଏକ ମାମଲାକୁ ବାରିପଦା ଆଡହକ ଅତିରିକ୍ତ ଜିଲା ଓ ଦୌରାଜଜ୍ (ପୋକ୍ସୋ ଆଇନର ପାଷ୍ଟଟ୍ରାକ ସ୍ପେଶାଲ କୋର୍ଟ) ସନ୍ତୋଷ କୁମାର ନାୟକ ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଣି କରିଛନ୍ତି। ଜୋରିମାନା ଅନାଦେୟରେ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଛି। ଦୋଷୀ ଜଣଙ୍କ ହେଲେ ଶରତ ଥାନା ଦେୱାନବାହାଲି ଗ୍ରାମର ମକା ଓରଫ ମାଣିକ ସିଂ (୩୦)। ସେ କାରାଗାରରେ ୨୦୨୩ ନଭେମ୍ବର ୧୫ ତାରିଖଠାରୁ ବିଚାରାଧୀନ କଏଦୀଭାବେ ରହିଥିବା ଅବଧି ମୋଟ ଦଣ୍ଡାଦେଶରୁ ହ୍ରାସ କରାଯିବା ନେଇ ରାୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ପୀଡିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ୨୦୨୩ ନଭେମ୍ବର ୧୩ ତାରିଖରେ ଶରତ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ୨୦୨୩ ନଭେମ୍ବର ୧୨ ତାରିଖ ପ୍ରାୟ ରାତି ୯ଟାରେ ପୀଡିତା ନାବାଳିକାକୁ ଅଭିଯୁକ୍ତ ଦୁଷ୍କର୍ମ କରିବା ସହ ଘଟଣା ପ୍ରଘଟ ନ କରିବାକୁ ଧମକ ଦେଇଥିଲା। ପୁଲିସ ଅଭିଯୁକ୍ତକୁ ୨୦୨୩ ନଭେମ୍ବର ୧୫ ତାରିଖରେ ଗିରଫ କରି କୋର୍ଟକୁ ଚାଲାଣ କରିବା ପରେ ଜେଲ ହାଜତରେ ଆଜି ରାୟ ପର୍ଯ୍ୟନ୍ତ ବିଚାରାଧୀନ କଏଦୀଭାବେ ରହିଥିଲା।

## ବଜ୍ରପାତରେ ୫ ଛେଳି ମୃତ; ସହାୟତା ଦାବି

**ଶରତ, ୨୭।୯(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତ କାଦବାହାଲି ଗ୍ରାମରେ ୨୫ ତାରିଖ ଅପରାହ୍ଣରେ ବୁଲା ସିଂ ତିୟୁ(୪୭)ଙ୍କ ଘର ଉପରେ ବଜ୍ରପାତ ହେବାରୁ ତାଙ୍କର ୫ଟି ଛେଳିର ମୃତ୍ୟୁ ଘଟିଛି। ବିଜୁଳିର ପ୍ରକୋପ ଏତେ ଜୋର୍ ଥିଲା ଯେ, ଆଖପାଖ ଅଞ୍ଚଳ ମଧ୍ୟ ଦୋହଲି ଯାଇଥିଲା। ବୁଲା ଜଣେ ଗରିବ ଆଦିବାସୀ ପରିବାରର ହୋଇଥିବାରୁ ସରକାରୀ ସହାୟତା ପାଇଁ ସେ ପ୍ରଶାସନକୁ ନିବେଦନ କରିଛନ୍ତି।

## ହାଣ୍ଡିଆ ପାଇଁ ସ୍ତ୍ରୀକୁ ପିଟିପିଟି ହତ୍ୟାକଲା ସ୍ୱାମୀ

**ଉଦଳା, ୨୭।୯(ସମିସ):** ସାମାନ୍ୟ ହାଣ୍ଡିଆ ପାଇଁ ନିଜ ସ୍ତ୍ରୀକୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଛି ସ୍ୱାମୀ। ଏଭଳି ଏକ ଘଟଣା ଘଟିଛି ଉଦଳା ଥାନା



ଅନ୍ତର୍ଗତ କୁଣ୍ଡାବାଇ ଫାଣ୍ଡି ଅଧୀନ ଉପର ତାଳଡ଼ିହା ଗାଁରେ। ଘଟଣାରୁ ପ୍ରକାଶ ଯେ, ଉପର ତାଳଡିହା ଗ୍ରାମର ଗୁରୁପ୍ରସାଦ ସିଂ କାମରୁ ଫେରି ସ୍ତ୍ରୀକୁ ହାଣ୍ଡିଆ ପିଇବାକୁ ମାଗିଥିଲା; ମାତ୍ର ସମସ୍ତ ହାଣ୍ଡିଆକୁ ସ୍ତ୍ରୀ ସୀତା ସିଂ ପିଇ ନିଶାରେ ରହିଥିବା ଦେଖି ଗୁରୁପ୍ରସାଦ ରାଗି ପଞ୍ଚମ ହୋଇଯାଇଥିଲା। ପରେ ନିକଟରେ ଥିବା ଏକ କାଠ ଫାଳିଆରେ ଅତି ନୃଶଂସ ଭାବେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଥିଲା। ଏପରିକି ଦୁଇ ଛୋଟ ପିଲାକୁ ମଧ୍ୟ ମାରିଦେବାକୁ ଉଦ୍ୟମ କରିଥିଲା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଗୁରୁପ୍ରସାଦକୁ ଗିରଫ କରିବା ସହ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରିଛି। ପୁଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାଛୁରୀପଡ଼ାରୁ ଅଳଙ୍କାର ଓ ଟଙ୍କା ଚୋରି

**ବୈଶିଙ୍ଗା, ୨୭।୯(ସମିସ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡ଼ା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ମଧୁସୁଦନ ସାହୁ ଓ ତାଙ୍କ ସ୍ତ୍ରୀ ଝିଅର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶୁକ୍ରବାର ବାଲେଶ୍ୱର ଡାକ୍ତରଖାନାକୁ ନେଇଥିଲେ। ତେବେ କୌଣସି କରଣ ବଶତଃ ସେଠାରେ ସେମାନଙ୍କୁ ରାତିରେ ଡାକ୍ତରଖାନାରେ ରହିବାକୁ ପଡ଼ିଥିଲା। ଶନିବାର ସକାଳେ ଘରେ ପହଞ୍ଚି ଦେଖିଲାବେଳକୁ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଆଲମିରାରେ ଥିବା ସୁନା ଗହଣା, ମୋବାଇଲ ଓ ତିରିଶ ହଜାର ଟଙ୍କା ଚୋରି ହୋଇଯାଇଥିବା ନେଇ ସେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି।

## ଓସିଏସ୍ ପରୀକ୍ଷାରେ ପାର୍ବତୀଙ୍କ ସଫଳତା

**ବିଶୋଇ, ୨୭।୯ (ସମିସ):** ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ଲୁହାକାନି ପଞ୍ଚାୟତ କୁଆଝରି ଗ୍ରାମର ପାର୍ବତୀ ମାର୍ଣ୍ଡୀ ୩୫୨ତମ ସ୍ଥାନ ପାଇ ସଫଳତା ହାସଲ କରିଛନ୍ତି। ସେ ଅବସରପ୍ରାପ୍ତ ସେନା କର୍ମଚାରୀ ନର୍ସି ମାର୍ଣ୍ଡି ଏବଂ ମାଆ ସିଙ୍ଗୋମଣି ମାର୍ଣ୍ଡିଙ୍କ ଦ୍ୱିତୀୟ କନ୍ୟା।



ପାର୍ବତୀ ରାଇରଙ୍ଗପୁର କନ୍ୟାଶ୍ରମରେ ୨୦୧୭ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପରେ ୨୦୧୯ରେ ବାଲେଶ୍ୱର ଏଫଏମ ଜୁନିୟର କଲେଜ୍ରୁ ଯୁକ୍ତ ୨ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ୨୦୨୩ରେ ଫକିରମୋହନ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ଇଣ୍ଟିଗ୍ରେଟେଡ ବିଇଡି ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ବଣକାଟି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷୟିତ୍ରୀଭାବେ କାର୍ଯ୍ୟରତ। ଓଡ଼ିଶା ସିଭିଲ ସର୍ଭିସରେ ସୋସିଓଲୋଜି ବିଷୟ ରଖି ପ୍ରଥମ ପ୍ରୟାସରେ ଓପିଏସସି ପରୀକ୍ଷା ଦେଇ ସେ ଏହି ସଫଳତା ପାଇଛନ୍ତି। ବାପାମାଆଙ୍କ ଆଶୀର୍ବାଦ, ସାଙ୍ଗସାଥୀଙ୍କ ସହଯୋଗ, କଠିନ ପରିଶ୍ରମ ଏବଂ ଇଚ୍ଛାଶକ୍ତି ତାଙ୍କୁ ଏହି ସଫଳତା ଦେଇଛି ବୋଲି ସେ କହିଛନ୍ତି। ଜିଲ୍ଲା ସାମ୍ବାଦିକ ୟୁନିଅନର ବରିଷ୍ଠ ସଦସ୍ୟ ଅକ୍ଷୟ ବିଶ୍ୱାଳ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି। ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ବିଜେପି ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି, ବରିଷ୍ଠ ବିଜେଡି ନେତା ଡାକ୍ତର ଦେବାଶିଷ ମାର୍ଣ୍ଡି, ବରିଷ୍ଠ କଂଗ୍ରେସ ନେତା ସୁବାଷ ପାତ୍ର, ଜିଲ୍ଲାପରିଷଦ ସଦସ୍ୟା ବିଦୁସ୍ମିତା ଦେଓ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ନୂତନ ଅଧ୍ୟାୟ ସୃଷ୍ଟିକଲା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

# ବୈଜ୍ଞାନିକ ର୍‍ୟାଙ୍କିଙ୍ଗରେ ଡ. ଜନ୍ମେଜୟ ଓ ପ୍ରଫେସର ସୁକାନ୍ତ

**ବାରିପଦା, ୨୭।୯(ସମିସ)**





ବିଶ୍ୱସ୍ତରୀୟ ଗବେଷଣାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଛି। ୨୦୨୫ ମସିହାରେ ଷ୍ଟାନଫୋର୍ଡ଼ ଏବଂ ଏଲ୍‌ସେଭିୟର ବିଶ୍ୱବିଦ୍ୟାଳୟର ଶୀର୍ଷ ୨% ବୈଜ୍ଞାନିକ ର୍‍ୟାଙ୍କିଙ୍ଗରେ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ସ୍ଥାନ ପାଇପାରିଛନ୍ତି। ଏହି ବିଶ୍ୱସ୍ତରୀୟ ଯୋଗ୍ୟତା ସମ୍ପନ୍ନ ତାଲିକାକୁ ସ୍କୋପସ୍ ସାଇଟେସନ ଡାଟାକୁ ଭିତ୍ତିକରି ଉଭୟ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟର ମିଳିତଭାବେ ପ୍ରସ୍ତୁତ କରିଥାନ୍ତି। ଏଥିରେ ୨୨ଟି ବୈଜ୍ଞାନିକ ବିଷୟ ଏବଂ ୧୭୪ଟି ଉପଶାଖାରେ ବୈଜ୍ଞାନିକଙ୍କ ସନ୍ଦର୍ଭ, ଏଚ୍-ଇଣ୍ଡେକ୍ସ ଏବଂ ସଂଯୁକ୍ତ ସାଇଟେସନଗୁଡିକୁ ଆଧାର କରି ଏକ ସ୍କୋର ପ୍ରସ୍ତୁତ କରାଯାଇ ମୂଲ୍ୟାଙ୍କନ କରାଯାଇଥାଏ। ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନର ସହକାରୀ ପ୍ରଫେସର ଡକ୍ଟର ଜନ୍ମେଞ୍ଜୟ ନାୟକ ଆର୍ଟିଫିସିଆଲ ଇଣ୍ଟିଲେଜେନ୍ସି ଓ ଇମେଜ ପ୍ରସେସିଂ ନିମନ୍ତେ ଲଗାତାର ତୃତୀୟ ଥର ଏବଂ ଜୈବପ୍ରଯୁକ୍ତି ବିଜ୍ଞାନ ବିଭାଗର ପ୍ରଫେସର ସୁକାନ୍ତ କୁମାର ନାୟକ ଫିସେରୀ ଗବେଷଣା ନିମନ୍ତେ ଚତୁର୍ଥ ଥର ସଫଳତାର ସହ ଟପ୍ ୨% ସାଇଣ୍ଟିଷ୍ଟ ର୍‍ୟାଙ୍କିଙ୍ଗ ବଜାୟ ରଖିଛନ୍ତି। ଏହି ସଫଳତା ପାଇଁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ଦୁଇଜଣ ଅଧ୍ୟାପକଙ୍କ ବିଶ୍ୱସ୍ତରୀୟ ଗବେଷଣା ଓ ସଫଳତା ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛି। ରାଜ୍ୟ ତଥା ଦେଶପାଇଁ ଏହା ଏକ ସମ୍ମାନର ବିଷୟ। ଅଧ୍ୟାପକଙ୍କ ସଫଳତା ଆମ ଛାତ୍ରଛାତ୍ରୀଙ୍କୁ ଗବେଷଣା ନିମନ୍ତେ ଅଧିକ ଅନୁପ୍ରେରିତ କରିବ ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଏବଂ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତା ସିଂ ଅଧ୍ୟାପକ ଦ୍ୱୟଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଏବଂ ଏଲ୍‌ସେଭିୟର ଟପ୍ ୨% ସାଇଣ୍ଟିଷ୍ଟ ରାଙ୍କିଂଙ୍କୁ ଗବେଷଣାର ଶ୍ରେଷ୍ଠତାର ମାନକ ରୂପେ ଗ୍ରହଣ କରିଥାଏ। ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୁଇ ଅଧ୍ୟାପକ ପୁନର୍ବାର ସ୍ଥାନ ବଜାୟ ରଖିବା ସେମାନଙ୍କ ବିଶ୍ୱସ୍ତରୀୟ ଗବେଷଣାକୁ ପ୍ରମାଣିତ କରିଛି। ଉକ୍ତ ସଫଳତା ପାଇଁ ଡକ୍ଟର ଜନ୍ମେଞ୍ଜୟ ନାୟକ ଓ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କୁ ଶିକ୍ଷକ, ଛାତ୍ର ଓ ଶିକ୍ଷାବିତ୍ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବାଲେଶ୍ୱର ଷ୍ଟେସନରେ ସ୍ୱଚ୍ଛ ଖାଦ୍ୟ ଉପରେ ଗୁରୁତ୍ୱାରୋପ



ବାଲେଶ୍ୱର,୨୭।୯ (ସମିସ): ଦକ୍ଷିଣ ପୂର୍ବ ରେଳପଥର ଡିଭିଜନ 'ସ୍ୱଚ୍ଛତା ହିଁ ସେବା'-୨୦୨୫ ଅଭିଯାନରେ ବାଲେଶ୍ୱର ଷ୍ଟେସନ ସହିତ ଅନ୍ୟାନ୍ୟ ଷ୍ଟେସନ ଓ ଟ୍ରେନରେ ସ୍ୱଚ୍ଛ ଖାଦ୍ୟ, କୀଟାଣୁ ନିୟନ୍ତ୍ରଣ ଏବଂ ମହିଳା ସ୍ୱାସ୍ଥ୍ୟ ସଚେତନତାକୁ ନେଇ ବିଶେଷ ଗୁରୁତ୍ୱାରୋପ କରିଛି। ବାଲେଶ୍ୱର ଷ୍ଟେସନରେ କ୍ୟାଟରିଂ ଷ୍ଟଲ୍, ଜନ ଆହାର୍ ୟୁନିଟ୍, ଫୁଡ୍ ପ୍ଲାଜା ଓ ବେସ୍ କିଚେନରେ ସ୍ୱଚ୍ଛତା, ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛ ଆହାରକୁ ପ୍ରାୟୋଗିକ କରିବା ପାଇଁ କଡ଼ାକଡି ଯାଞ୍ଚ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସମେତ ସାନ୍ତ୍ରାଗାଛି, ଶାଲିମାର୍, ଡୋମଜୁର୍ ଓ ଖଡ଼ଗପୁର୍ ଭଳି ପ୍ରମୁଖ ଷ୍ଟେସନରେ କୀଟ ଓ ମୂଷା ନିୟନ୍ତ୍ରଣ ଅଭିଯାନ ଆରମ୍ଭ କରାଯାଇଛି। ଯାତ୍ରୀ ସୁରକ୍ଷା ନିମନ୍ତେ ପ୍ୟାଣ୍ଟ୍ରି କାର୍ ଓ ଟ୍ରେନ କୋଚରେ ବିଶେଷ କୀଟନାଶକ ସିଞ୍ଚନ କାର୍ଯ୍ୟ କରାଯାଇଥିଲା।

## ସ୍ୱଚ୍ଛତା ସଚେତନତା ରାଲି

ବାଲେଶ୍ୱର,୨୭।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଓ କୋ-ୟୁନିଟ୍‌ମାନଙ୍କ ସହଯୋଗ ମାଧ୍ୟମରେ ଗ୍ରାମ୍ୟ ସ୍ତରରେ ସ୍ୱଚ୍ଛତା ସଚେତନତା ରାଲି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି ଅଭିଯାନରେ ଏନଏସଏସ ର ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ ଓ ଅଭୟ ନାୟକଙ୍କ ସମନ୍ୱୟରେ ତଥା ଏନଏସଏସର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଏବଂ ଏନଏସଏସ ର କାର୍ଯ୍ୟକର୍ତ୍ତା ତାପସ ପଟ୍ଟନାୟକ ସହିତ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସକ୍ରିୟଭାବେ ଯୋଗ ଦେଇଥିଲେ।

# ମା' ଆସୁଛନ୍ତି — ୨୫ ବର୍ଷରେ ରାଣୀପାଟଣା ସାର୍ବଜନୀନ ଦୁର୍ଗାପୂଜା

ବାଲେଶ୍ୱର,୨୭।୯ (ସମିସ)

ଆଉ ଦିନକ ପରେ ଆରମ୍ଭ ହେବ ମାଆ ଦୁର୍ଗାଙ୍କ ପୂଜା। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସେହିପରି ବାଲେଶ୍ୱର ସହରରେ ଥିବା ବିଭିନ୍ନ କମିଟି ପକ୍ଷରୁ ମଧ ପ୍ରସ୍ତୁତି ଜୋରଦାର ଚାଲିଛି। ସେଥିମଧ୍ୟରୁ ରାଣୀପାଟଣା ସାର୍ବଜନୀନ ଦୁର୍ଗାପୂଜା କମିଟି ଚଳିତବର୍ଷ ୨୫ ବର୍ଷର ଦୁର୍ଗାପୂଜା ପାଳନ କରୁଛି। ଯାହାର ସାଜସଜ୍ଜା ଓ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ବିଶେଷକରି କଲିକତାର ମଣ୍ଡପ ପରି ଏହି କମିଟିରେ ହୋଇଛି ଆକର୍ଷଣ ତୋରଣ। ସୂଚନାଯୋଗ୍ୟ, ୨୦୦୧ ମସିହାରେ ଆରମ୍ଭ ହୋଇଥିବା ରାଣୀପାଟଣା ସାର୍ବଜନୀନ ଦୁର୍ଗା ଉତ୍ସବ ଚଳିତବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି। ସ୍ଥାନୀୟ ଅଧିବାସୀଙ୍କ ସାହାଯ୍ୟ ଓ ସହଯୋଗରେ ଅନୁଷ୍ଠିତ ଉକ୍ତ ପୂଜାର ଆନୁମାନିକ ବଜେଟ ପ୍ରାୟ ୬ ଲକ୍ଷ ୫୦ ହଜାର ଟଙ୍କା ରହିଛି। ଏଥିରେ ସାଜସଜ୍ଜା, ତୋରଣ ଏବଂ ମୂର୍ତ୍ତି ସହିତ ଅନ୍ୟାନ୍ୟ କାମ ରହିଛି। ଯଦିଓ ଦୁଇ ବର୍ଷ ପୂର୍ବରୁ ରୌପ୍ୟ ଜୟନ୍ତୀ ପାଳନର ପ୍ରାକ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା ମାତ୍ର ଅନୁଷ୍ଠାନର ଜନୈକ ବରିଷ୍ଠ ତଥା ସକ୍ରିୟ ସଦସ୍ୟ ରାକେଶ କୁମାର ନାୟକଙ୍କ ବିୟୋଗ ସହିତ ଅନୁଷ୍ଠାନର ଅନ୍ୟତମ ବରିଷ୍ଠ ସଦସ୍ୟ ତଥା



ସମ୍ପାଦକଙ୍କର ଶାରୀରିକ ଅସୁସ୍ଥତା କାରଣରୁ ରୌପ୍ୟ ଜୟନ୍ତୀ ପାଳନ କରିବା ସମ୍ଭବପର ହୋଇପାରିନାହିଁ। ଏହି ମଣ୍ଡପରେ ସମସ୍ତେ ଦେବଦେବୀ ରୂପା ତାରକସି ମୁକୁଟ ସାଙ୍ଗକୁ ସ୍ୱର୍ଣ୍ଣ ଓ ରୌପ୍ୟ ଗହଣା ପିନ୍ଧିଥିବା ସହ ପିତ୍ତଳ ଅସ୍ତ୍ରଶସ୍ତ୍ର ଧରିଥାନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରସାଦ ବଣ୍ଟନ ସହ ମହାସପ୍ତମୀ ସନ୍ଧ୍ୟାରେ ମାତୃ ବନ୍ଦନା କାର୍ଯ୍ୟକ୍ରମ, ମହାନବମୀ ସନ୍ଧ୍ୟାରେ ଝୁଣା ନାଚ ସହିତ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭଜନ ପରିବେଷଣ କରାଯାଇଥାଏ। ବିଜୟା ଦଶମୀ ସନ୍ଧ୍ୟାରେ ମହିଳା ମାନଙ୍କ ଦ୍ୱାରା ମାଆଙ୍କୁ ସିନ୍ଦୂର ଲଗାଇ ମେଲାଣି ଦେବା ସହ ପରସ୍ପର ମଧ୍ୟରେ ସିନ୍ଦୂର ଖେଳ ବେଶ୍ ମନ ମୁଗ୍ଧକର ହୋଇଥାଏ। ଆଖପାଖ ଅଞ୍ଚଳର ଭକ୍ତମାନଙ୍କ ଦ୍ୱାରା ଅଷ୍ଟମୀ ଦିନ ପ୍ରାୟ ଏକ ହଜାରରୁ ଅଧିକ ଡାଲା ଦିଆଯିବା ସହ ପୁଷ୍ପାଞ୍ଜଳି ଦିଆ ଯାଇଥାଏ। ପୂଜା ମଣ୍ଡପ ନିକଟରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଥାଏ। ଏଥିସହ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥାଏ। ଦୂର ଦୁରାନ୍ତରରୁ ଆସୁଥିବା ଭକ୍ତ ମାନଙ୍କ ନିମନ୍ତେ ବସିବାର ବ୍ୟବସ୍ଥା କରାଯାଇଥାଏ। ପୂଜା ସମୟରେ ଶାନ୍ତିଶୃଙ୍ଖଳା ନିମନ୍ତେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଉକ୍ତ ପୂଜା ମଣ୍ଡପଟି ପ୍ଲାଷ୍ଟିକ ବର୍ଜିତ ମଣ୍ଡପର ଅନନ୍ୟ ଉଦାହରଣ। ରାଣୀପାଟଣା ଦୁର୍ଗାପୂଜା କମିଟି ଏହାର ମୃଣ୍ମୟୀ ମୂର୍ତ୍ତୀ ସାଙ୍ଗକୁ ଆକର୍ଷଣୀୟ ତୋରଣ, ଆଲୋକ ସଜ୍ଜା ସହିତ ପଡୋଶୀ ପଶ୍ଚିମ ବଙ୍ଗରୁ ଆସିଥିବା ଢାକି ବାଦ୍ୟ ଦଳ ନିମନ୍ତେ ସଦାସର୍ବଦା ପ୍ରସିଦ୍ଧି ଲାଭ କରିଥିବା ବେଳେ ଏହି ବର୍ଷ ମଧ ସେହିପରି ସୁନ୍ଦର ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ଜନ ସଚେତନତା ନିମନ୍ତେ ପୂଜା ମଣ୍ଡପ ନିକଟରେ ବ୍ୟାପକ ପୋଷ୍ଟର ଓ ବ୍ୟାନର ଲଗାଯାଇଥାଏ। ବିଶେଷକରି ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭାଇଚାରାର ଚରମ ନିଦର୍ଶନ ରାଣୀପାଟଣା ପୂଜା କମିଟିର ଏହି ବର୍ଷର ସଭାପତି ପ୍ରଫେସର ଡ଼. ସେକ୍ ଗିୟାସୁଦ୍ଦିନ, କାର୍ଯ୍ୟକାରୀ ସଭାପତି ଦେବାନନ୍ଦ ପାଣିଗ୍ରାହୀ, ଉପସଭାପତି ଦେବାଶିଷ ଚାଟାର୍ଜୀ, ସମ୍ପାଦକ ଜୟ ପ୍ରକାଶ ଦାଶ, ସହ ସମ୍ପାଦକ ପ୍ରଭାତ ମହାନ୍ତି ଓ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ସାହୁ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ଜୀବନ ପ୍ରଦୀପ ଦାଶ, ଡା. ଅମିତାଭ ଗିରି, କଲ୍ୟାଣ ରାୟ ମହାଶୟ, କୌଶିକ ବୋଷ, ବିଜୟ ପାଣି, ଗୌର ଚନ୍ଦ୍ର ବାରିକ, ଶ୍ୟାମସୁନ୍ଦର ଜେନା, ଅଭିରାମ ଦାସ, ଗୟା ପ୍ରସାଦ ଜେନା, ଡା. ଭାରତଚନ୍ଦ୍ର ପାତ୍ର, ରବିନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ମଲ୍ଲିକ, ରୀତା ରାୟ, କମ୍ବୁ ଚରଣ ମଲ୍ଲିକ, ନିରଞ୍ଜନ ସାହୁ, ଯଦୁନାଥ ଟୁଡୁ, ବରେନ୍ଦ୍ର ବାର ପ୍ରମୁଖ ରହିଛନ୍ତି।



● ସବୁବେଳେ କିଛି ନୂତନ କରିବା ନିମନ୍ତେ ସଦାସର୍ବଦା ମାଆ ଦୁର୍ଗାଙ୍କ ସମେତ ସମସ୍ତ ଦେବଦେବୀଙ୍କ ନିମନ୍ତେ ଗ୍ରାମବାସୀ ବନାରସି ଓ ପାଟ ବସ୍ତ୍ର ପ୍ରଦାନ କରିଥାଆନ୍ତି।

**ସେକ୍ ଗିୟାସୁଦ୍ଦିନ, ସଭାପତି**



● ପ୍ରଶାସନ ନିୟମ ଅନୁସାରେ ପୂଜା କାର୍ଯ୍ୟ ସହ ଭସାଣି ହୋଇଥାଏ। ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଆଦିବାସୀ ନୃତ୍ୟ ଏହିବର୍ଷ ଭସାଣିର ମୁଖ୍ୟ ଆକର୍ଷଣ।

**ଜୟପ୍ରକାଶ ଦାଶ, ସମ୍ପାଦକ**

# କଲାମ ଟ୍ରଷ୍ଟ ତରଫରୁ ଚିତ୍ର ଓ କୁଇଜ୍ ପ୍ରତିଯୋଗିତା




ବାଲେଶ୍ୱର,୨୭।୯ (ସମିସ): ଫକୀରମୋହନ କଲେଜର ହେରିଟେଜ ହଲରେ କାଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ତରଫରୁ ଅକ୍ଟୋବର ୧୫ ତାରିଖ ରୋମିରେ ପାଳିତ ହେବାକୁ ଥିବା କାଲାମ ଜୟନ୍ତୀ ଉପଲକ୍ଷେ ଆଜି ଏକ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଚେୟାରମ୍ୟାନ ତଥା ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ, ବିଶ୍ୱ ରେକର୍ଡ ଅଧିକାରୀ ଡ. ପଙ୍କଜ କୁମାର ଜେନା ପ୍ରତିଯୋଗିତାର ଆଭିମୁଖ୍ୟ ବିଷୟରେ କହିଥିଲେ। ଏଥିରେ ଭାଗ ନେଇଥିବା ଜିଲ୍ଲାର ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ। ଏଥିରେ ଅତିଥି ଭାବେ ଅଧକ୍ଷ ପ୍ରଦୀପ କୁମାର ରଣା, ଡ. ସନ୍ତୋଷ କୁମାର ରାଉତ, ଲକ୍ଷ୍ମୀ ନାରାୟଣ ନାୟକ, ଶୁଭମ କୁମାର ଦାସ, ହରିପଦ ଭୂୟାଁ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋପାଳ ଚନ୍ଦ୍ର ଜେନା, ସଂଜୀବ କୁମାର ନାୟକ, ନିକୁଞ୍ଜ ବିହାରୀ ଦାସ, ଡ. ସଂଗ୍ରାମ କୁମାର ରାଉତ, ସତ୍ୟନାରାୟଣ ସାହୁ, ବଳରାମ ସ, ଜ୍ୟୋତିର୍ମୟୀ ଶତପଥୀ, ବିଚିତ୍ରା ପ୍ରଧାନ, ସୁଚିତ୍ରା ଜେନା, ଶୁଭଶ୍ରୀ ମିଶ୍ର, ଅବନୀ କୁମାର ଜେନା, ଉପେନ୍ଦ୍ର ବେହେରା, ବିଜୟ ସ ପରିଚାଳନା କରିଥିଲେ।



# ନବରାତ୍ରର ପଞ୍ଚମ ଦିବସ — 'ସ୍କନ୍ଦମାତା' ସ୍ୱରୂପରେ ମା' ବଗଳାମୁଖୀ

ବାଲେଶ୍ୱର,୨୭।୯ (ସମିସ): ସହର ଉପକଣ୍ଠ ତାମୁଲିଆସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଚାଲିଛି ନବରାତ୍ର ପୂଜା। ପ୍ରଥମ ଦିବସରେ ମା'ଙ୍କୁ ହିମାଳୟ ରାଜାଙ୍କ କନ୍ୟା ରୂପେ "ଶୈଳପୁତ୍ରୀ', ଦ୍ୱିତୀୟ ଦିବସରେ ତପ, ତ୍ୟାଗ ଓ ଶକ୍ତିର ଦେବୀ "ବ୍ରହ୍ମଚାରିଣୀ', ତୃତୀୟ ଦିବସରେ ମା' ପାର୍ବତୀଙ୍କ ବିବାହିତ ଅବତାର "ଚନ୍ଦ୍ରଘଣ୍ଟା', ଚତୁର୍ଥ ଦିବସରେ ବ୍ରହ୍ମା ରଚନାକାରିଣୀ ଦେବୀ "କୁଷ୍ମାଣ୍ଡା'ଙ୍କୁ ଅର୍ଚ୍ଚନ କରାଯାଇଛି। ସେହିପରି ପଞ୍ଚମ ଦିବସରେ ସ୍କନ୍ଦ ଅଥବା କାର୍ତ୍ତିକେୟଙ୍କ ମାତା ଭାବେ "ସ୍କନ୍ଦମାତା'ଙ୍କୁ ପୂଜା କରାଯାଇଥିଲା। ଏହି ସ୍ୱରୂପରେ ସ୍କନ୍ଦ ଅର୍ଥାତ କାର୍ତ୍ତିକେୟଙ୍କୁ ନିଜ କୋଳରେ ଧରି ବିରାଜିତ ହୋଇଥିବାରୁ ବସିଥିବାରୁ ମା'ଙ୍କର ଏହି ସ୍ୱରୂପକୁ ସ୍କନ୍ଦମାତା ଭାବରେ ଅବିହିତ କରାଯାଇଛି। ତାରକାସୁର ନାମକ ଏକ ରାକ୍ଷସକୁ ବଦ୍ଧ କରିବା ନିମନ୍ତେ ମା' ପାର୍ବତୀ ପୁତ୍ର କାର୍ତ୍ତିକେୟଙ୍କୁ ଯୁଦ୍ଧ ପାଇଁ ପ୍ରଶିକ୍ଷିତ କରିବାକୁ ସ୍କନ୍ଦମାତାଙ୍କ ରୂପ ଧାରଣ କରିଥିଲେ। ସ୍କନ୍ଦମାତାଙ୍କଠାରୁ ଯୁଦ୍ଧ ପ୍ରଶିକ୍ଷଣ ନେଇ କାର୍ତ୍ତିକେୟ ତାରକାସୁରକୁ ବଦ୍ଧ କରିଥିଲେ। ସ୍କନ୍ଦମାତା ବିଶୁଦ୍ଧ ଚକ୍ରର ଅଧିଷ୍ଠାତ୍ରି ଦେବୀ। ନବରାତ୍ର ବ୍ରତ ପାଳନ କରୁଥିବା ସାଧକଙ୍କ ମନ ଏହିଦିନ ବିଶୁଦ୍ଧ ଚକ୍ରରେ ସ୍ଥିର ରହିଥାଏ। ସନ୍ତାନ ସୁଖ ସହିତ ରୋଗ-ବ୍ୟାଧିରୁ ମୁକ୍ତି ହେବା ପାଇଁ ମା ସ୍କନ୍ଦମାତାଙ୍କ ସାଧନା ଓ ପୂଜା କରାଯାଇଥାଏ। ଜ୍ୟୋତିଷ ଶାସ୍ତ୍ର ମତରେ ମା' ସ୍କନ୍ଦମାତାଙ୍କ ସମ୍ବନ୍ଧ ବୃହସ୍ପତି ଗ୍ରହ ସହିତ ଜଡିତ। ବୃହସ୍ପତି ଗ୍ରହଙ୍କୁ ଶାନ୍ତ କରିବାକୁ ହେଲେ ମା' ସ୍କନ୍ଦମାତାଙ୍କ ଶରଣାପନ୍ନ ହେବା ଉଚିତ। ମା' ସ୍କନ୍ଦମାତାଙ୍କ ଆରାଧନା ସାଧକକୁ ସର୍ବ ସୌଭାଗ୍ୟ ପ୍ରଦାନ କରିଥାଏ। ନବରାତ୍ରର ଷଷ୍ଠ... ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ, ମହାସପ୍ତମୀରେ କାଳରାତ୍ରି, ମହାଅଷ୍ଟମୀରେ ମହାଗୌରୀ ଓ ମହାନବମୀରେ ସିଦ୍ଧିଦାତ୍ରୀ ସ୍ୱରୂପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ନେଇ ଶାସ୍ତ୍ର ସମ୍ମତ ବିଧି ରହିଛି। ଏଥିରେ ପ୍ରତ୍ୟେହ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ପୂଜା ସହିତ ସଂଧ୍ୟାରେ ସପ୍ତଶତୀ ଚଣ୍ଡିପାଠ ଓ ଅନ୍ତେ ୧୦୮ ଆହୁତି ଆଜି କର୍ମକାଣ୍ଡ ମାଧ୍ୟମରେ ନିୟମିତ ପୂଜାର୍ଚ୍ଚନା ହେଉଛି ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ। ନବମୀ ଦିନ ଯଜ୍ଞ ପୂର୍ଣ୍ଣାହୁତିରେ ମା'ଙ୍କ ନବରାତ୍ର ପୂଜା ସମ୍ପନ୍ନ ହେବ।



# ଦେଶୀ ମଦ ସହ କାର ଜବତ, ଜଣେ ଗିରଫ

ବାଲେଶ୍ୱର,୨୭।୯ (ସମିସ): ପୂଜା ମାହୋଲ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଏବେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ଆଜି ନୀଳଗିରି ସ୍ଥିତ ଅଯୋଧା ଛକଠାରୁ ୬ଶହ ଲିଟର ଦେଶୀ ମଦ ଜବତ କରାଯିବା ସହ ଜଣେ ମଦ ବେପାରୀକୁ ମଧ ଗିରଫ କରାଯାଇଛି। ଏହାସହ ଚୋରା ମଦ କାରବାରରେ ବ୍ୟବହୃତ ହୋଇଥିବା କାରକୁ ଜବତ ଜବତ କରିଛି। ଗିରଫ ମଦ ବେପାରୀ ଜଣକ ହେଲେ ନୀଳଗିରି ଥାନା ଅର୍ନ୍ତଗତ କଦମସାହି ଅଞ୍ଚଳର ଶଙ୍କର ସିଂ(୩୨)। ସୂଚନା ଅନୁସାରେ,ନୀଳଗିରି ଅଂଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ଖବର ପାଇ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଅବକାରୀ ବିଭାଗ ପକ୍ଷରୁ ଅଯୋଧାଛକ ଠାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମଦବେପାରୀ ଶଙ୍କର ଏକ କାରରେ ମଦ ରଖି ଚୋରା ଚାଲାଣ କରୁଥିଲେ। ତେବେ ତଦନ୍ତ ପରେ କାର ମଧ୍ୟରେ ୬ଶହ ଲିଟର ଦେଶୀ ମଦ ମିଳିଥିଲା। ଯାହାର ମୂଲ୍ୟ ଏକ ଲକ୍ଷ ୨୦ହଜାର ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏଣୁ ଉକ୍ତ ମଦକୁ ଜବତ କରିବା ଗିରଫ ମଦବେପାରୀକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ହରିହର ସିଂ, ସବଇନସପେକ୍ଟର ଭବେଶ ଦାସ, କନେଷ୍ଟବଳ ସୁନାରାମ ସୋରେନ ଏବଂ ପଙ୍କଜ ମହାନ୍ତି ପ୍ରମୁଖ ସାମିଲ ଥିଲେ।




# ଦୁର୍ଗାପୂଜା ପାଇଁ ବାଲେଶ୍ୱର ସହର ଉତ୍ସବମୁଖର



ମା'ଙ୍କ ମୂର୍ତ୍ତିରେ ଦିଆଯାଉଛି ଶେଷ ସ୍ପର୍ଶ

ବାଲେଶ୍ୱର,୨୭।୯ (ସମିସ)

ଶାରଦୀୟ ଦୁର୍ଗାପୂଜା ପାଇଁ ବାଲେଶ୍ୱର ସହର ଏବେ ଉତ୍ସବ ମୁଖର ହୋଇପଡିଛି। ହେଲେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଏହି ପାର୍ବଣର ମାହୋଲକୁ ଫିକା କରିଦେବାର ଆଶଙ୍କା ରହିଛି। ଅନ୍ୟପଟେ ଶାରଦୀୟ ଦୁର୍ଗାପୂଜା ପାଇଁ ସହରର ବିଭିନ୍ନ ଅନୁଷ୍ଠାନମାନଙ୍କରେ ମା'ଙ୍କର ମୃଣ୍ମୟ ମୂର୍ତ୍ତି ଗଢ଼ା ହେବା ସହ ତୋରଣ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଁଚିଛି। ଆଉ ମା'ଙ୍କ ମୂର୍ତ୍ତିରେ ଦିଆଯାଉଛି ଶେଷ ସ୍ପର୍ଶ। ରବିବାର ରାତି ଠାରୁ ଆରମ୍ଭ ହେବ ମା'ଙ୍କ ଷଷ୍ଠୀ ପର୍ବ ବା ବେଲବରଣ। ଆଉ ସୋମବାର ହେବ ମା'ଙ୍କ ସପ୍ତମୀ ପୂଜା। ମଙ୍ଗଳବାର ମା'ଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ଗୁରୁବାର ଦଶହରା ପୂଜା ଅନୁଷ୍ଠିତ ହେବ। ସହରର ଫକୀରମୋହନ ଗୋଲେଇ, ଫାଣ୍ଡିଛକ, ଆଜିମାବାଦ ଛକ, ମଠସାହି, ଷ୍ଟେସନ ଛକ, ମାନସିଂବଜାର, ଚୂନଭାଟି, ଆଇଟିଆଇ ଛକ, ପୁଲିସ ଲାଇନ ଛକ ଆଦି ବିଭିନ୍ନ ସ୍ଥାନମାନଙ୍କରେ ଶତାଧିକ ତୋରଣ ସହ ମେଢ଼ ଅନୁଷ୍ଠିତ ହେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ପୂଜା ସମୟରେ ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟ ଜଳ ଯୋଗାଣ, ଅଗ୍ନି ନିର୍ବାପକ ଆଦି ବ୍ୟବସ୍ଥା ଦିଗରେ ଗୁରୁତ୍ୱ ଦିଆଯାଇଛି। ସେହିପରି ସବୁ ଠାରୁ ବଡ଼ ସମସ୍ୟା ହେଉଛି ଟ୍ରାଫିକ ସମସ୍ୟା। ଏହାକୁ ସୂଚାରୁ ତୁଲାଇବା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂଜା ପାଇଁ ବହୁ ଲୋକଙ୍କ ସମାଗମକୁ ଆଖି ଆଗରେ ରଖି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଭାବେ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ ପୂଜାରେ ଡିଜେ ସାଉଣ୍ଡ ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ କରି ସହରର୧୦ଟି ସ୍ଥାନରେ ନଏଜ ପଲ୍ୟୁସନ ଉପରେ ଧ୍ୟାନ ଦିଆଯାଉଥିବା ବେଳେ ଅଧିକ ଡିଜେ ସାଉଣ୍ଡ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବ୍ୟତିତ ଟାଉନଥାନା, ସହଦେବଖୁଣ୍ଟା ଥାନା, ଶିଳ୍ପାଞ୍ଚଳ ଥାନା ଏବଂ ଚାନ୍ଦିପୁର ଥାନା ଅଧିନରେ ଶତାଧିକ ମେଢ଼ ହୋଇଛି। ସେଥିରେ ଭସାଣୀ ସମୟରେ ନୁଣିଆଯୋଡି ପୋଲ ଏବଂ ବାଲିଘାଟ ପୋଲଠାରେ ମେଢ଼ ଗୁଡିକ ବିସର୍ଜନ କରାଯିବ। ଅନ୍ୟପଟେ ଭସାଣି ଉପରେ ପୁଲିସ ସବୁଠାରୁ ଗୁରୁତ୍ୱ ଦେଉଥିବା ବେଳେ ୨ତାରିଖ ଗୁରୁବାର ସୁଦଶାବ୍ରତ ପଡୁଥିବାରୁ ଏହା ୩ ତାରିଖ ଶୁକ୍ରବାରରେ ଏହି ଭସାଣି ଅନୁଷ୍ଠିତ ହେବାର ଅଧିକ ସମ୍ଭାବନା ରହିଛି। ଉକ୍ତଦିନ ସକାଳେ ୭ଟାରେ ଦୁଇ ଜଣ ଅତିରିକ୍ତ ଏସପି ଉପସ୍ଥିତ ରହି ମେଢ଼କୁ ଟୋକନ ପ୍ରଦାନ କରିବେ। ପ୍ରଥମେ ୧ନମ୍ବର ମେଢ଼ ସକାଳ ୮ଟାରୁ ବାହାରିବା ପରେ ଅନ୍ୟମେଢ଼ ଗୁଡିକୁ ପଛକୁ ପଛ ଯାଇ ବିସର୍ଜନ କରିବେ। ଅନ୍ୟପଟେ ପୂଜା ସମୟରେ ସହରରେ ପାର୍କିଂ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଅଟେ। ତେବେ ବିଶେଷ କରି ୭ରୁ ଅଧିକ ସ୍ଥାନ ପାର୍କିଂ ପାଇଁ ଚିହ୍ନଟ କରାଯାଇଥିବା ବେଳେ ଏହାର ଚୂଡାନ୍ତ ରୂପରେଖ ଶିଘ୍ର କରାଯିବ ବୋଲି ଜଣାଯାଇଛି। ଭସାଣୀ ସମୟରେ ଅପ୍ରୀତିକର ପରିସ୍ଥିତିକୁ ପ୍ରତିହିତ କରିବା ପାଇଁ ସିଭିଲ ପୁଲିସ ମୁତୟନ କରାଯିବ। ସିନେମାଛକରେ କଂଟ୍ରୋଲ ରୁମ ଖୋଲାଯାଇ ସବୁ ବିଭାଗ ଉପରେ ନଜର ରଖିବ ବୋଲି ଜଣାଯାଇଛି। ପୂଜା ଅବସରରେ ବାଲେଶ୍ୱରରେ ଅନ୍ୟତମ ଆକର୍ଷଣ ହେଉଛି ବାଡି ଖେଳ। ଏହି ବାଡିଖେଳ ମହାଷ୍ଟମୀ ଏବଂ ଦଶହରା ଦିନ ଅନୁଷ୍ଠିତ ହେବ। ବାଲେଶ୍ୱରର ପ୍ରାୟ ୩୦ରୁ ଅଧିକ ଆଖଡା ଦଳ ମହାବୀର ହନୁମାନଙ୍କର ଆଶିଷ ଭିକ୍ଷା କରି ଏକ ବିରାଟ ପଟୁଆରେ ଆସି ବାଡିଖେଳର ପ୍ରତିଭା ଦେଖାଇ ଥାଆନ୍ତି।

# ସୃଜନିକା

ସକାଳ THE SAKALA
www.sakalaepaper.com



## ଅସ୍ପୃଶ୍ୟ



ମୂଳ ଇଂରାଜୀ : ରସ୍କିନ୍ ବଣ୍ଡ
ଅନୁବାଦ : ପ୍ରଦ୍ୟୁମ୍ନ ପଟ୍ଟନାୟକ

ଝାଡୁଦାର ପିଲାଟି ଦ୍ୱାରରେ ଟଙ୍ଗା ହୋଇଥିବା ବେଣାଚେର ମସିଣା ଉପରେ ପାଣି ଛାଟି ଦେବାରୁ କିଛି ସମୟ ପାଇଁ ପବନ ଥଣ୍ଡା ହୋଇଗଲା । ମୁଁ ମୋ ଖଟ ଧାରରେ ବସି ଖୋଲା ଝରକାରେ ଦି' ପହରରେ ଜଳୁଥିବା ଧୂଳି ରାସ୍ତାକୁ ଦେଖୁଥାଏ । ଗୋଟିଏ ମଟର କାର ଚାଲିଯିବା ପରେ ରାସ୍ତାର ଧୂଳି ତରଙ୍ଗାୟିତ ହୋଇ ମେଘ ଭଳି ଉଡ଼ିବାକୁ ଲାଗିଲା ।

ମୋ ବାପା ମେଲେରିଆରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ପଡ଼ିବାରୁ ରାସ୍ତା ସେପଟର ପଡ଼ୋଶୀଙ୍କୁ ମୋ' ଦାୟିତ୍ୱ ଦେଇ ଯାଇଥାନ୍ତି । ମୁଁ ତାଙ୍କ ସହ ରହିବା ଏବଂ ତାଙ୍କ ଘରେ ଶୋଇବା କଥା । କେବଳ ଖାଇବା ବ୍ୟତୀତ ମୁଁ କିନ୍ତୁ ତାଙ୍କ ଠାରୁ ଦୂରେଇ ରହୁଥିଲି । ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେ ମୋତେ ଭଲ ଲାଗୁନଥିଲେ ।

ଗୋଟେ ସପ୍ତାହରୁ ଅଧିକ ହେବ ମୁଁ ସହର ବାହାରେ, ଜଙ୍ଗଲ ପାଖରେ ଥିବା ନାଲି ଇଟାର ବଙ୍ଗଳାରେ ଏକୁଟିଆ ରହୁଥିଲି । ରାତିରେ ଝାଡୁଦାର ପିଲା ମୋତେ ଜଗି ରହୁଥିଲା । ରୋଷେଇ ଘରେ ଶୋଉଥିଲା । ତା' ବ୍ୟତୀତ ମୋର କେହି ସାଥୀ ନଥିଲେ । ପଡ଼ିଶାରେ ଥିବା ପିଲାମାନେ ମୋତେ ଭଲ ଲାଗୁ ନଥିଲେ କି ମୁଁ ତାଙ୍କୁ ଭଲ ଲାଗୁ ନଥିଲି । ତାଙ୍କ ମା' ମୋତେ ଝାଡୁଦାର ପିଲା ସହ ଖେଳିବାକୁ ମନା କରି କହିଲେ, "ସେ ଅସନା, ତାକୁ ଛୁଁ ନା । ମନେରଖ, ସେ ଜଣେ ଚାକର । ତୁ ଆସି ଆମ ପିଲାଙ୍କ ସହ ଖେଳ ।" ମୁଁ ଝାଡୁଦାର ପିଲା ସହ ଖେଳୁ ନଥିଲି କି ତାଙ୍କ ପିଲାଙ୍କ ସହ ବି ଖେଳିବାକୁ ଇଚ୍ଛା କରୁନଥିଲି । ମୁଁ ମୋ ବିଛଣାରେ ବସି ବସି ସପ୍ତାହ ସାରା ମୋ' ବାପାଙ୍କର ଆସିବାକୁ ଅପେକ୍ଷା କରୁଥିଲି ।

ଗୋଟିଏ ବାଲଟିକୁ ଠଣ ଠାଣ କରି ଝାଡୁଦାର ପିଲା ଦିନସାରା ଘରୁ ପୋଖରୀ ଯାଏ ବାରମ୍ବାର ଯିବା ଆସିବା କରୁଥାଏ । ସେ ବି ମୋ ଭଳି ଦଶ ବର୍ଷର । ଛୋଟ ଛୋଟ ଚୁଟି, ଧଳା ଦାନ୍ତ ଏବଂ ଧୂଳି ମଳି ହାତ, ପାଦ ଓ ମୁହଁ । ଗାଢ଼ ବାଦାମୀ ରଙ୍ଗର ଦେହରେ କେବଳ ଖଣ୍ଡେ ଖାକି ପ୍ୟାଣ୍ଟ୍ ବ୍ୟତୀତ ସାରା ଦେହ ଫୁଙ୍ଗୁଳା । ସବୁ ଥର ପୋଖରୀରୁ ପାଣି ଆଣିବା ବେଳେ ସେ ଗାଧୋଇ ପଡୁଥାଏ । ତା' ମୁଣ୍ଡରୁ ଗୋଡ଼ ଯାଏ ଝରୁଥିବା ପାଣି ଧାର ଚକ୍ ଚକ୍ କରୁଥାଏ ।

ମୁଁ ଝାଳରେ ବୁଡ଼ି ଯାଉଥାଏ । ପୋଖରୀରେ ଗାଧୋଇବା ମୋ' ପାଇଁ ଥିଲା ନୀଚସ୍ତରର, ଯେଉଁଠି ମାଳି, ପାଣି ବୁହାଳୀ, ରୋଷେୟା, ଆୟା, ଝାଡୁଦାର ଏବଂ ତାଙ୍କ ପିଲାମାନେ ଏକାଠି ହେଉଥିଲେ । ମୁଁ ଜଣେ ସାହେବ ଘର ପିଲା ହୋଇଥିବାରୁ ଚାକରମାନଙ୍କ ପିଲାଙ୍କ ସହ ମୋର ଖେଳିବା କଥା ନୁହଁ । କିନ୍ତୁ ମୁଁ ସ୍ଥିର କରିଥିଲି ଅନ୍ୟ ସାହେବ ପିଲାମାନଙ୍କ ସହ ବି ନଖେଳିବାକୁ, କାରଣ ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେମାନେ ମୋତେ ଭଲ ଲାଗୁ ନଥିଲେ ।

ବସି ବସି ମୁଁ ଝରକା କାଚରେ ମାଛି ଭଣ ଭଣ ହେବା, ଝିଟିପିଟି ଲୁଚିଯିବା ଏବଂ ପବନରେ ଶୁଖିଲା ଫୁଲଗୁଡ଼ିକ ଏଣେ ତେଣେ ଉଡୁଥିବା ଦେଖୁ ଥିଲି । ଝାଡୁଦାର ପିଲାଟି ଖେଳିବା ଢଙ୍ଗରେ ଆସି ସାଲ୍ୟୁଟ୍ କଲା । ମୁଁ ତା' ଆଡ଼କୁ ନଚାହିଁ କହିଲି, 'ପଳା ଯା!' ସେ ରୋଷେଇ ଘରକୁ ଚାଲି ଗଲା । ମୁଁ କୋଠରି ପାର ହୋଇ ଟୋପି ଥାକରୁ ମୋ ଖରା ଟୋପି ଉଠାଇ ଆଣିଲି । ଗୋଟେ ବିଛା କାନ୍ଥରୁ ପଡ଼ି ତଳେ ଚାଲିବାକୁ ଲାଗିଲା । ମୁଁ ଡରି ଯାଇ ଖଟ ଉପରକୁ ଡେଇଁ ପଡ଼ି ସାହାଯ୍ୟ ପାଇଁ ପାଟି କଲି ।

ଝାଡୁଦାର ପିଲା ତୀର ବେଗରେ ଛୁଟି ଆସିଲା । ସେ ମୋତେ ଖଟ ଉପରେ ଓ ବିଛାକୁ ଚଟାଣରେ ଦେଖି ଥାକରୁ ଗୋଟେ ବଡ଼ ବହି ଆଣି ତାକୁ ଚାପି ଦେଲା । ମୁଁ ମୋ ବିଛଣା ଉପରେ ଠିଆ ହୋଇ ଭୟ ଏବଂ ଘୃଣାରେ ଥରୁଥିଲି । ସେ ତା' ଧଳା ଦାନ୍ତ ଦେଖାଇ ମୋ ଉପରେ ହସିବାରୁ ମୋତେ ଲାଜ ଲାଗିଲା । ମୁଁ ଆଉ ସେ ଟୋପି ଥାକ ପାଖକୁ ଗଲି ନାହିଁ କି ତାକୁ ଛୁଇଁଲି ନାହିଁ । କେବଳ ମୋ ବାପାଙ୍କ ଘରକୁ ଆସିବା ଚାହୁଁଥିଲି । ମୋ' କାନ ପାଖରେ ଗୋଟିଏ ମଶା ଗୀତ ଗାଇ ଚାଲିଗଲା । ଦ୍ୱିଧାର ସହ ମୁଁ ତାକୁ ଧରିବାକୁ ଚାହୁଁ ଥିଲି । ସେ ଖସି ଯାଇ ଡ୍ରେସିଂ ଟେବୁଲ ପଛପଟେ ଅଦୃଶ୍ୟ ହୋଇଗଲା । ସେହି ମଶା ବୋଧେ ମୋ' ବାପାଙ୍କୁ ମେଲେରିଆ ଦେଇଥିଲା ଏବଂ ମୋତେ ଦେବାକୁ ଚେଷ୍ଟା କରୁଥିଲା ।

ରାତିରେ ମୁଁ ମୋ ବିଛଣାରେ ବସି ବତୀ ଲଗାଇ ପଢ଼ିବାକୁ ଲାଗିଲି । ତେବେ ବହିଗୁଡ଼ିକ ବି ମୋ ଉଦ୍‌ବେଗକୁ ପ୍ରଶମିତ କରି ପାରିଲେ ନାହିଁ । ଝାଡୁଦାର ପିଲା ଘର ସାରା ବୁଲି ବୁଲି ସବୁ ଝରକା କବାଟ ବନ୍ଦ କରିଦେଲା । ସେ ସବୁ ସ୍ୱିଚ୍ ବନ୍ଦ କରି ତା' ଶୋଇବା ଘରକୁ ଚାଲି ଗଲା । ବାହାର ଭିତର ସବୁଆଡ଼େ ଅନ୍ଧାର । କେବଳ ଝାଡୁଦାର ପିଲାର କୋଠାରି କବାଟ ଫାଙ୍କରୁ ଧାରେ ଆଲୁଅ ଦିଶୁଥିଲା, ସେ ବି ବନ୍ଦ ହୋଇଗଲା ।

ମୁଁ ଭାବିଲି ପଡ଼ିଶା ଘରେ ଶୋଇ ଯାଇଥିଲେ ଠିକ୍ ହୋଇ ଥାଆନ୍ତା । ଅନ୍ଧାର ମୋତେ ବିବ୍ରତ କରୁଥିଲା । ନିରବତା ମଧ୍ୟରେ ଶୁଖିଲା ପତ୍ରର ମର୍ମର... । ମୋତେ ଲାଗିଲା ଯେମିତି ସାପଟିଏ ଶୁଖିଲା ଡାଳ ପତ୍ର ଉପରେ ଚାଲୁଛି । ମୋର ମନେ ପଡ଼ିଗଲା ବହୁ ଆଗରୁ ଶୁଣିଥିବା କଥାଟିଏ । ଗୋଟିଏ ଶୋଇବା ପିଲାକୁ ନାଗ ସାପ କାମୁଡ଼ି ଦେଇଥିଲା । ମୁଁ ଶୋଇ ପାରିଲି ନାହିଁ । ବାପାଙ୍କୁ ଖୋଜୁ ଥିଲି । ପୁଣି ସଟର୍ ଉଠିବା ଏବଂ କବାଟ ଖୋଲିବା ଶବ୍ଦ । ସେ ଗୋଟିଏ ଭୂତ ରାତି ଥିଲା । ଭୂତ !

ହେ ଭଗବାନ ! ମୁଁ କାହିଁକି ସେସବୁ ଚିନ୍ତା କରୁଛି ! ହେ ଭଗବାନ ସେ ଭୂତ ଗାଧୁଆ ଘର କବାଟ ପାଖରେ ଠିଆ ହୋଇଛି । ମୋ ବାପା । ମୋ ବାପା ମେଲେରିଆରେ ମରି ଯାଇଛନ୍ତି ଏବଂ ମୋତେ ଦେଖିବାକୁ ଆସିଛନ୍ତି । ମୁଁ ଯାଇ ସ୍ୱିଚ୍ ଟିପି ଦେଲି । କୋଠରି ଆଲୋକିତ ହୋଇଗଲା । ମୁଁ ପୂରା ଭୟରେ ବୁଡ଼ି ଯାଇଥିଲି । ଝାଳରେ ମୋ ରାତ୍ର ପୋଷାକ ଭିଜି ଯାଇଥିଲା । ମୁଁ ଯାହା ଦେଖିଥିଲି ସେ ମୋ' ବାପା ନୁହଁ ତାଙ୍କ ଗାଧୁଆ ଗାଉନ ଥିଲା ଯାହାକୁ ସେ ଡାକ୍ତରଖାନା ନେଇ ନଥିଲେ । ମୁଁ ଆଲୁଅ ଲିଭାଇ ଦେଲି ।

ବାହାରର ନିରବତା ଆହୁରି ଗଭୀର ଏବଂ ନିକଟତର ହେଉଥିଲା । ମୋର ମନେ ପଡ଼ି ଯାଉଥିଲା ବିଛା, ବାଦୁଡ଼ି, ନାଗ ସାପ ଏବଂ ଶୋଇବା ପିଲା କଥା । ମୁଁ ଚାଦରକୁ ମୋ' ମୁଣ୍ଡ ଉପରକୁ ଭିଡ଼ି ଆଣିଲି । ଭାବିଲି ମୁଁ ଯଦି କାହାକୁ ନଦେଖେ ମୋତେ କେହି ଦେଖି ପାରିବେ ନାହିଁ । ଗୋଟିଏ ଘଡ଼ଘଡ଼ି ସେ ନିରବତାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲା । ବିଜୁଳି ଝଲକ ଆକାଶରେ ଦେଖାଦେଲା । ସେ ଏତେ ପାଖରେ ଥିଲା ଯେ ମୁଁ ଚାଦର ତଳେ ଥିଲେ ବି ମୋତେ ଗଛ ଏବଂ ବିପରୀତ ଦିଗରେ ଥିବା ଘର ଗୋଟିଏ ସ୍ୱର୍ଣ୍ଣାଭ କାନଭାସ୍‌ରେ ଛାୟା ମୂର୍ତ୍ତି ଭଳି ଦେଖା ଗଲା । ମୁଁ ଆହୁରି ଚାଦର ଭିତରକୁ ପଶିଯାଇ ମୋ କାନକୁ ତକିଆରେ ଘୋଡ଼ାଇ ଦେଲି । କିନ୍ତୁ ପରବର୍ତ୍ତୀ ବିଜୁଳି ଘଡ଼ଘଡ଼ି ତାଠୁ ଆହୁରି ଜୋର୍ ଥିଲା । ମୁଁ ଏ ପର୍ଯ୍ୟନ୍ତ ଶୁଣିଥିବା ଘଡ଼ ଘଡ଼ିଠାରୁ ବି ଜୋର୍ । ମୁଁ ତାକୁ ସହ୍ୟ କରି ପାରିଲି ନାହିଁ । ବିଛଣାରୁ ଉଠି ପଡ଼ିଲି ଏବଂ ଦୌଡ଼ି ଅସଂଯତ ଭାବେ ଝାଡୁଦାର ପିଲାର କୋଠରିରେ ପଶି ଗଲି ।

ସେ ପିଲା ଖାଲି ଚଟାଣରେ ବସିଥିଲା ।

କ'ଣ ହେଲା ! ପଚାରିଲା । ବିଜୁଳି ଆଲୁଅରେ ତା' ମୁହଁ ଦାନ୍ତ ଦିଶୁଥିଲା । ତା' ପରେ ଆଉ ଦେଖାଗଲା ନାହିଁ ଅନ୍ଧାରରେ ।

ମୁଁ କହିଲି, "ମୋତେ ଡର ଲାଗୁଛି ।" ମୁଁ ତା' ପାଖକୁ ଘୁଞ୍ଚି ଯାଇ ତା' କାନ୍ଧକୁ ଛୁଇଁଲି ।

ସିଏ କହିଲା, "ଏଇଠି ରୁହ ମୋତେ ବି ଡର ଲାଗୁଛି । ମୁଁ କାନ୍ଥକୁ ଆଉଜି ବସି ଗଲି ସେ ଅଜାତି, ଅସ୍ପୃଶ୍ୟ ପାଖରେ । ତା' ପରେ ବିଜୁଳି ଘଡ଼ଘଡ଼ି ବନ୍ଦ ହୋଇ ବର୍ଷା ହେବାକୁ ଲାଗିଲା । ବର୍ଷା ପାଣିର ସୁ ସୁ ଗର୍ଜନରେ ଢେଉ ଢେଉକା ଛାତ ଉପରୁ ତଳକୁ ପଡୁଥିଲା । ମୋ ଆଡ଼କୁ ଚାହିଁ ସେ ଝାଡୁଦାର ପିଲା କହିଲା, "ବର୍ଷା ଋତୁ ଆସିଗଲା ।" ଅନ୍ଧାରରେ ତା' ହସ ଖେଳି ଗଲା, ମୁଁ ବି ହସିଦେଲି ।


ମୁଁ କିନ୍ତୁ ଖୁସି ଓ ସୁରକ୍ଷିତ ଥିଲି । ଭିଜା ମାଟିର ବାସ୍ନା ସ୍କାଇଲାଇଟ୍ ଦେଇ ଆସୁଥିଲା । ବର୍ଷା ବଢୁଥିଲା । ■

୧୦୧- ପ୍ରକାଶ ଦୀପ ଟାୱାର,
ଜୟଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ: ୯୯୬୮୨୮୦୮୯୬

## ସନ୍ଧ୍ୟାରେ ଏକ କାମନା



କେଉଁ ରାସ୍ତାକୁ କହିବି ଆପଣାର ବାଟ
କେଉଁ ବିସ୍ମୃତ ସୁଖକୁ ସୁଖ
କାହା ନିଦରେ ଯାଇ ନିଦେଇ ଯିବି
କେଉଁ ମିଠା ସ୍ୱପ୍ନର ବାହୁରେ ଡେଇଁ ଉଠିବି
ଏମିତି ଏକ କାମନା ଏହି ସନ୍ଧ୍ୟାରେ
କିନ୍ତୁ ଏ ସଞ୍ଜ ନଇଁ ଯିବା ପରେ
ପ୍ରଜ୍ୱଳିତ ଅଗ୍ନିର ସେଇ ରାସ୍ତାରେ
କ'ଣ ଯାଇହେବ?
ସ୍ମୃତିରେ ମିଳେଇ ଯାଇ ସୁଖର ଆକାଂକ୍ଷା
ନିଦ ଏକ ମୋହଭଳି ବିଛେଇ ହୋଇ ରହିଛି
ପ୍ରତି ଲୋମକୂପରେ
ହଂସ ଭଳି ସ୍ୱପ୍ନରେ ପହଁରେ ଦୁଇଟି ଆଖି । ■



ମୂଳ ହିନ୍ଦୀ : ସବିତା ସିଂ
ଅନୁବାଦ: ପ୍ରବାସିନୀ ମହାକୁଡ଼

## ସୁନ୍ଦର ଉଦିତା

ଗାଢ଼ କଳାରାତି ଶୋଇଛି ଉଦିତା
ନିଜର ଶାଢ଼ି ଖୋଲି ନିଜର କେଶ ଖୋଲି ବିଛଣାରେ ଏକୁଟିଆ
ତା' ମନରେ ନା ଅଛି କୌଣସି ଦ୍ୱନ୍ଦ୍ୱ
କୌଣସି ବିଷାଦ ନା କିଛି ଚାହିଁବା
ରାତିରେ ପୂରା ଗୋଟେ ନିଦ ଶୋଇ ସାରିଛି
ଆଖି ଖୋଲି ସାରିଲାଣି
ବାହାରେ ସୁନ୍ଦର ଲାଲ୍ ଗୋଲ୍ ସୂର୍ଯ୍ୟ ଉଇଁ ଆସିଲେଣି
ବାହୁରେ ପବନକୁ ଉପରକୁ ଟେକି
ଭାଙ୍ଗେ ଗୋଟେ ସୁଖଦ ଅଳସ
ମୁହଁକୁ ଠିଆ କରି
ନିଜ ପୋଷାକ ପିନ୍ଧୁଛି ଉଦିତା
ସିଏ ନିଜର ଏଇ ସୌନ୍ଦର୍ଯ୍ୟ
ଦେଖିବା ପାଇଁ କେତେ ବଡ଼ ଦର୍ପଣ
ଦେଖ ସାମ୍ନାର ଏଇ ନୀଳ ଆକାଶ ପାଲଟି ଯାଇଛି । ■

ଷ୍ଟେସନ୍ ବଜାର, ଢେଙ୍କାନାଳ

## ଯୋନା ଓବର୍ସ୍କିଙ୍କ 'ପିଲାଦିନ'ରେ କାରୁଣ୍ୟ




ଡକ୍ଟର ନିଖିଳେଶ ମହାନ୍ତି

ଯୋନା ଓବର୍ସ୍କି ଜଣେ ଡଚ୍ ଲେଖକ । ୧୯୭୮ ମସିହାରେ ପ୍ରକାଶିତ ତାଙ୍କ ରଚିତ 'ପିଲାଦିନ' (Childhood) ଏକ ଚମତ୍କାର କ୍ଷୁଦ୍ର ଉପନ୍ୟାସ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେଉଁ ଭଳି ଇହୁଦୀମାନଙ୍କୁ ନିର୍ଯାତନା ଦିଆଗଲା ଓ ଜର୍ମାନୀର ଇହୁଦୀ ମାରଣ ନୀତି ଅବଲମ୍ବନ କରାଗଲା ଏବଂ ଅଷ୍ଟାଦଶ ଶତକରୁ ଇହୁଦୀ ନିର୍ଯାତନାକୁ ରାଷ୍ଟ୍ରୀୟ ମାନ୍ୟତା ଦିଆଗଲା, ଫଳତଃ ଷାଠିଏ ଲକ୍ଷରୁ ଅଧିକ ଇହୁଦୀ ପ୍ରାଣ ହରାଇଥିଲେ । ଇହୁଦୀମାନଙ୍କୁ ଅମାନୁଷିକ ଦଣ୍ଡ ପ୍ରଦାନ, ଶୋଷଣ, ନିର୍ଯାତନା, ଘୃଣ୍ୟ ଜୀବ ଭାବେ ଅତ୍ୟାଚାର ଓ ନାରୀମାନଙ୍କୁ ଶାରୀରିକ ଶୋଷଣ ସହ ଶିଶୁମାନଙ୍କୁ ଶ୍ରମଜୀବୀ ଭାବେ ବିଚାର କରି ହିଟଲରଙ୍କ ପ୍ରଚଳିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଗୋଟେ ଇହୁଦୀ ଜାତି କିଭଳି ମୃତ୍ୟୁ ସହିତ ସଂଗ୍ରାମ କରିଥିଲା ତାହାରି ପ୍ରେକ୍ଷାପଟରେ 'ପିଲାଦିନ' ଉପନ୍ୟାସଟି ଲିଖିତ । ଏହିପରି ଗଣହତ୍ୟା ଓ ନିର୍ଯାତନାର ପୃଷ୍ଠଭୂମି ଆଧାରିତ ସାହିତ୍ୟକୁ 'ନିର୍ଯାତନା ସାହିତ୍ୟ' (Holocaust Literature) କୁହାଯାଏ ।

ଉପନ୍ୟାସଟିରେ ମୁଖ୍ୟ ଚରିତ୍ର ଭାବେ ଯିଏ ସବୁ ଘଟଣାକୁ କାହାଣୀ ଭାବେ ବର୍ଣ୍ଣନା କରୁଛି ତା'ର ବୟସ ମାତ୍ର ସାତରୁ ଆଠ । ତା' ସହିତ ଘଟଣା ଘଟିଚାଲିଛି, ତା'ର ସମସ୍ତ ବାସ୍ତବ ଅନୁଭବ ହିଁ କାହାଣୀରେ ରୂପାନ୍ତରିତ ହେଉଛି । ନାଜିମାନଙ୍କ କବଳରୁ ବଞ୍ଚିବା ପାଇଁ ବାପାମା'ଙ୍କ ସହିତ ତାକୁ ଯିବାକୁ ପଡୁଛି ଏଭଳି ସ୍ଥାନମାନଙ୍କୁ, ଯେଉଁଠି ହଜାର ହଜାର ଲୋକଙ୍କୁ ପୋଡ଼ି ମାରି ଦିଆଯାଉଥିବା ଧୂଆଁର ଗନ୍ଧ ଭିତରକୁ । ବରଫ ଗଦା ଭିତରେ ଲୁଚି ଲୁଚି ଗୋଟେ ଅନ୍ଧାରିଆ ଟ୍ରେନ୍ ବଗି ଭିତରକୁ ଯେଉଁଠି ସାମାନ୍ୟ ପାଣି ଟିକିଏ ମିଳିବାର ସମ୍ଭାବନା କ୍ଷୀଣ । ବଗି ଭିତରେ ଏତେ ଲୋକ ସାଲୁବାଲୁ ଯେ ବସିବା ପାଇଁ ସ୍ଥାନ କେହି ବି ଖୋଜୁନାହାନ୍ତି; ଅଣ୍ଟା ସଳଖିବା ଏକ ପ୍ରକାର ଅସମ୍ଭବ । ଗୁଳି ଓ ବୋମାର ଶବ୍ଦ ବେଳେ ବେଳେ ନିଶ୍ଚଳ କରିଦେଉଛି ଦେହକୁ । ମା'ର ଆକଟ ପାଟି କରିବୁ ନାହିଁ, କି କନ୍ଦାକଟା କରିବୁ ନାହିଁ; ମୋତେ କଥା ଦେ । ପ୍ରଚଣ୍ଡ ହେମାଳ ଭିତରେ ସମସ୍ତେ ଖାଲି ନୀରବରେ ଅଶ୍ରୁ ଗଡ଼ାଇବେ ହେଲେ କେହି ବି ଦୀର୍ଘଶ୍ୱାସ କିମ୍ବା ପାଟି ଖୋଲିବେ ନାହିଁ ।

ନିର୍ଯାତନା ଭିତରକୁ ଆପଣା ଛାଏଁ ଛାଏଁ ବାପାମା'ଙ୍କ ସହ ପଶି ଯାଉଛି, ହେଲେ ସେ ଜାଣିନି ଏତେ ସବୁ କାଣ୍ଡ କାରଖାନା କାହିଁକି ହେଉଛି । ପ୍ରତିଦିନ ମା' ତାକୁ ଗେଲ କରୁଛି ସତ ହେଲେ, ସେ କୁଆଡ଼େ ବଣ ଅରଣ୍ୟ ଅନ୍ଧାର ଖୋପଡ଼ି, ଧୂଆଁଳିଆ ଉତ୍କଟ ଶବର ଗନ୍ଧ ଭିତରେ ଲୁଚିଛପି ବୁଲୁଛି ଏକଥା ଜାଣି ବି ପାରୁନି ।

ବେଶି ଲୁଚାଉଛନ୍ତି ନିଜକୁ ବାପା, ତେଣୁ ତାଙ୍କ ଭେଟ ବେଳେ ବେଳେ ହେଉନି । ଯେତେବେଳେ ଭୟଙ୍କର ବ୍ୟସ୍ତତା ଭିତରେ ଗୋପନରେ ରହୁଥିବା ବାପାଙ୍କୁ ଭେଟୁଛି, ସେତିକି ବେଳେ ବାପା ଗେଲ କରି ଦେଉଛନ୍ତି, ହେଲେ କିଛି କହୁନାହାନ୍ତି ଓ ଅସୁସ୍ଥତା ଭିତରେ ମରି ଯାଉଛନ୍ତି । ସେ ବାପାଙ୍କ ଶବ ଅନେକ ଶବ ଭିତରେ ଦେଖିଛି ବୋଲି କହୁଛି, ଯଦିଓ ତାକୁ ସମସ୍ତେ ମନା କରୁଛନ୍ତି ତୋ ବାପାଙ୍କୁ ତୁ ଦେଖିନୁ; ତାଙ୍କ ଦେହରେ ଚଦର ନଥିଲା । ଶବ ଘର ଭିତରେ ଏତେ ଗଦା ଗଦା ଶବ ଯେ, ସେଠି ବାପାଙ୍କୁ ପାଇବା




କଷ୍ଟ; ହେଲେ ସେ ଦେଖିଛି ବୋଲି ଦାବି କରିପାରୁଛି । ମା'ଙ୍କୁ ବି ହରାଇବାକୁ ବାଧ ହେଉଛି ଯେତେବେଳେ ଇଭା କହୁଛି ତୁ ମା'ଙ୍କୁ ଆଉ କେବେ ଦେଖିପାରିବୁ ନାହିଁ । ଟ୍ରୁଡ଼ି ବି ସମାନ କଥା କହୁଛି । କାହା ପାଇଁ ବି ଖାଦ୍ୟ ନଥିଲା, କିଛି କଣ୍ଟା ଗଛରୁ ସବୁଜ କଣ୍ଟା ଛିଡ଼ାଇ ଆଣି ସିଝାଇ ମା' ଖାଇଥିଲା ଓ ତା'ର ଝାଡ଼ା ବନ୍ଦ ହେଲା ନାହିଁ; ତାକୁ ମଧ୍ୟ ଶବମାନଙ୍କ ଭିତରେ ଖୋଜିବାକୁ ପଡ଼ିଲା । ରେଶମୀ କୁଞ୍ଚୁକୁଞ୍ଚିଆ କେଶରୁ ମା'କୁ ଚିହ୍ନି ହେଲା ସତ, ମାତ୍ର ଦେଖି ହେଲା ନାହିଁ ।

ଆମଷ୍ଟର ଡାମ୍‌ରେ ପହଞ୍ଚିଲା ବେଳକୁ ପିଲାଟି ପାଞ୍ଚ ଦିନ ବେହୋସରେ ଥିଲା । ଅତ୍ୟଧିକ ଜ୍ୱର ଯୋଗୁ, ମାତ୍ର ସେ ବଞ୍ଚିଯାଇଛି ଏଇଟା କମ୍ ବଡ଼ କଥା ନୁହେଁ! ଜୟ ଆମଷ୍ଟର ଡାମ୍‌ର ଜୟ କହିଲା ବେଳକୁ ସେ ମୁକ୍ତିର ଆଲୋକ ଦେଖୁଥିଲା ହେଲେ ସବୁକିଛି ହରାଇ ସାରିଥିଲା । ତା' ନିଜ ପିଲାଦିନଟି ଅସମ୍ଭବ ଭାବେ କ୍ଷତାକ୍ତ, କରୁଣାକ୍ତ ଓ ବେଦନାସିକ୍ତ ହୋଇସାରିଥିଲା । ତା'ର ପିଲାଦିନକୁ ନାଜିମାନେ ମୋଡ଼ି ମକଚି ଦଳାଚକଟା କରି ଖଣ୍ଡବିଖଣ୍ଡିତ କରିଦେଇଥିଲେ ସତ, ମାତ୍ର ସେଇ ପିଲାଟି ପୁନର୍ବାର ଅଣ୍ଟା ସଳଖିବାକୁ ଧୈର୍ଯ୍ୟ ସାଉଁଟି ପାରିଥିଲା ଓ ରୁଷ୍‌ର ଧଳା ବରଫରେ କୁଦି ନାଚି ମାଟିକୁ ଚୁଚୁମି ଗେଲ କରି କାନ୍ଦି ପକାଇଥିଲା । ଏଥର ସୁନ୍ଦର ସ୍ୱପ୍ନ ଦେଖିବାକୁ, ଅସରନ୍ତି ସ୍ୱପ୍ନ ଦେଖିବାକୁ ଟ୍ରୁଡି କହିଥିଲା । ସେ ଏବେ ପାଲେନଷ୍ଟାଇନ୍‌ର ନୂଆ ସକାଳ ଦେଖୁ; ମନ ଭରି ଦେଖୁ ।

ଔପନ୍ୟାସିକ ଯୋନା ତାଙ୍କ ଛୋଟିଆ ଚରିତ୍ରଟି ମୁହଁରେ ଖୁବ୍ ସାନ ସାନ ପିଲାଳିଆ କଅଁଳ ଭାଷା ଦେଇଛନ୍ତି, ଅନେକ ଅସମାହିତ ପ୍ରଶ୍ନ ପାଠକମନକୁ ଅଶ୍ରୁପୂର୍ଣ୍ଣ କରୁଛି ଓ ସହନଶୀଳତାର ସୁପ୍ତିଭୂତ ଶିହରଣର ଆବେଗରେ ଭାବ ଗମ୍ଭୀର କରିଦେଉଛି । ପାଠକ ଭାବିବାକୁ ବାଧ ହେଉଛି ନିର୍ଯାତନା କେତେ କଠୋର ହୋଇପାରେ । କେବେ ବି କେହି କାହାକୁ ଯୁଦ୍ଧ ମୁହଁକୁ ଠେଲି ନଦେଉ; କାହାରି ବି ପିଲାଦିନ ଆତଙ୍କ ଓ ବିଭୀଷିକାରେ ହାହାକାରମୟ ନ ହେଉ । ସବୁ ପିଲା ନିଜ ପିଲା ହୁଅନ୍ତୁ:ସେମାନଙ୍କ ହସ ଖୁସିରେ ସୃଷ୍ଟି ଆନନ୍ଦମୟ ହେଉ । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ
କଟକ
ମୋ: ୯୪୩୭୯୦୫୪୯୦

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା : ସୁବାସିନୀ ଜେନା




ଓଟି ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ସଂପୂର୍ଣ୍ଣ ରଙ୍ଗିନ ପାରିବାରିକ ଫିଚରଧର୍ମୀ ପତ୍ରିକା ଆମ ମାଟିର ସ୍ୱର 'ରେବତୀ'ର ସେପ୍ଟେମ୍ବର ସଂଖ୍ୟା ଆକର୍ଷଣୀୟ ହୋଇଛି । ସଂପାଦିକା ସୁବାସିନୀ ଜେନାଙ୍କ ସଂପାଦକୀୟ 'ଶକ୍ତିଦାୟିନୀ ମାଆ'ଠାରୁ ଆରମ୍ଭ କରି କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' 'ଶରଶଯ୍ୟାରେ ସାହିତ୍ୟ ପୁରସ୍କାର' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ପ୍ରଥା ପରମ୍ପରା'ରେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ଭାଇ ଭାବନାର ଭାଷା: ଭାଇ ଜିଉଁତିଆ'ରେ ଏକ ନିଆରା ଓଷା ସଂପର୍କରେ ମାର୍ମିକ ଆଲେଖ୍ୟ ପ୍ରକାଶ ପାଇଛି । ସେହିପରି ଡକ୍ଟର ହିମାଦ୍ରି ତନୟା ମିଶ୍ରଙ୍କ 'କବିତାରେ କଳାଠାକୁର', ଆନ୍‌ପା ମାର୍ଣ୍ଡିଙ୍କ 'ଅଲ୍‌ଚିକି'ର ଜନ୍ମଦାତା', ଡ. ପ୍ରୀତିପଦ୍ମା ପଣ୍ଡାଙ୍କ 'ଗୌରଙ୍କ ଗୀତଗୁମର', ପତିତପାବନ ଗିରିଙ୍କ 'ମିଥର ମାୟା ଓ କବିର କାୟା', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ବାବାଧାମର ବୈଚିତ୍ର୍ୟ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନଛୁଆଁ ହୋଇଛି । ସେଭଳି ସ୍ୱପ୍ନା ମିଶ୍ର, ସୁଚିତ୍ରା ପାଣିଗ୍ରାହୀ, ଭବାନୀ ପାଟଯୋଷୀ, ଡକ୍ଟର ସୁଷମା ମିଶ୍ର, ରବିପ୍ରିୟ ଦାଶ, ଡକ୍ଟର ତୁହିନାଂଶୁ ରଥ, ରାମକୃଷ୍ଣ ସାହୁ ପ୍ରମୁଖଙ୍କ କବିତା ପାଠକଙ୍କ ଚିତ୍ତକୁ ତଲ୍ଲୀନ କରିଦିଏ । ଡ. ପ୍ରିୟଲତା ଜେନା, ପ୍ରଶାନ୍ତ ଦାଶ, ମନୋରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଗପରେ ମାନବୀୟ ଭାବାବେଗ ଓ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ସମ୍ଭବାମି ଭାରତ

ସଂପାଦିକା : ନନ୍ଦିତା ପଣ୍ଡା




ଜୟ ଭାରତ ଫାଉଣ୍ଡେସନ୍
ରାମଦାସପୁର, କଟକ

ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ବାର୍ଷିକ ସ୍ମରଣିକା 'ସମ୍ଭବାମି ଭାରତ' ୨୦୨୫ ଆମର ହସ୍ତଗତ ହୋଇଛି । ସଂପାଦିକା ନନ୍ଦିତା ପଣ୍ଡା ଓ ସହଯୋଗୀ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ବହୁ କାଳଜୟୀ ସାହିତ୍ୟ ସ୍ରଷ୍ଟା ଓ ବିଶିଷ୍ଟ ସାହିତ୍ୟିକଙ୍କ କବିତା, ଗଳ୍ପ, ପ୍ରବନ୍ଧ ଆଦି ସଂକଳିତ ହୋଇଛି । ଓଡ଼ିଆ ସାହିତ୍ୟର କାଳଜୟୀ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ 'ପିତା ଓ ପୁତ୍ର', ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', ନନ୍ଦିନୀ ଶତପଥୀଙ୍କ 'ନବ ଦିଗନ୍ତ', ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଆଦି ଗଳ୍ପ ମନଛୁଆଁ ହୋଇଛି । ଏହି ସବୁ ଗପଗୁଡ଼ିକ ନିଜସ୍ୱ ସୌରଭରେ ଓଡ଼ିଆ କଥା ସାହିତ୍ୟକୁ ପରିପୁଷ୍ଟ କରିଛି । ସେହିପରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ବନ୍ଦୀର ଆତ୍ମକଥା', ରମାକାନ୍ତ ରଥଙ୍କ 'ଜନନୀର ସ୍ନେହ', ମଧୁସୂଦନ ଦାସଙ୍କ 'ଉତ୍କଳ ସନ୍ତାନ', ବଳରାମ ଦାସଙ୍କ 'ମାଲ୍ୟବନ୍ତରେ ବର୍ଷାକାଳ', ଭାନୁଜୀ ରାଓଙ୍କ 'କାଠଯୋଡ଼ି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ସେଭଳି ବନଜ ଦେବୀ, ଅଖିଳ କୁମାର ମିଶ୍ର, ପୀତାମ୍ବର ତରାଇ, ରଞ୍ଜନ ବାଇ ପ୍ରମୁଖଙ୍କ କବିତାରେ ପ୍ରେମ, ଜୀବନ ଓ ମାନବୀୟ ଭାବାବେଗର ଛବି ପ୍ରତିଫଳିତ ହୋଇଛି । ସେହିପରି ଗୌରହରି ଦାସ, ମନୋଜ କୁମାର ମହାପାତ୍ର, ଅଞ୍ଜନ ଚାନ୍ଦଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ସମ୍ଭବାମି ଭାରତ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### ସଂପର୍କ

ସଂପାଦକ : ଚନ୍ଦ୍ରମଣି ଭୂୟାଁ



ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର
କଟକ
ମୂଲ୍ୟ: ୫୦ ଟଙ୍କା

'ସଂପର୍କ' ପତ୍ରିକାର ନୂଆଁଖାଇ-୨୦୨୫ ବିଶେଷାଙ୍କ ଚନ୍ଦ୍ରମଣି ଭୂୟାଁଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝାଙ୍କ 'ସେବାବ୍ରତୀ ଗୋପବନ୍ଧୁ', ଅକ୍ଷୟ ପ୍ରସାଦ ବିଶ୍ୱାଳଙ୍କ 'ହେ କୁଳବୃଦ୍ଧ, ତୁମକୁ ଝୁରୁଛି ଉତ୍କଳ', ତୁଷାରକାନ୍ତ ମହାନ୍ତିଙ୍କ 'ସନ୍ଥ କବି ଭୀମଭୋଇ ଓ ମହିମା ଧର୍ମ' ଆଦି ପ୍ରବନ୍ଧଗୁଡ଼ିକ ତଥ୍ୟ ଭିତ୍ତିକ ଓ ଉଚ୍ଚକୋଟୀର ହୋଇଛି । ସେହିପରି ଗଳ୍ପ ବିଭାଗରେ ଦେବେନ୍ଦ୍ର ମହରାଣାଙ୍କ 'ଗଣପତି ଭାଇନା', ସୌମ୍ୟରଞ୍ଜନ ଭୂୟାଁଙ୍କ 'ଈଶ୍ୱରଙ୍କ ସହ ଭେଟ' ଆଦି ଗପଗୁଡ଼ିକରେ ମାନବୀୟ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । 'କବିଙ୍କ କବିତା'ରେ ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର ଶେଷାଂଶ ଓ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ 'କୋଠ ଭୋଗଖିଆ' କବିତା ଦୁଇଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ପ୍ରଫୁଲ୍ଲ ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଅଖିଳ ଚନ୍ଦ୍ର ହୋତା, ସୁରଞ୍ଜନ ପଣ୍ଡା ପ୍ରମୁଖଙ୍କ କବିତାରେ ମଣିଷ ଜୀବନର ଆଶା, ଆକାଂକ୍ଷା, ପ୍ରେମ, ବିରହ, ଦ୍ୱନ୍ଦ୍ୱ ସଂଘର୍ଷ ଆଦିର ଚିତ୍ର ପ୍ରତିଫଳିତ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୭।୯ (ସମିସ): ମୟୂରଭଞ୍ଜ ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଅସିତ ବେହେରା (୨୫)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ସହାୟତା ନିମନ୍ତେ ୨ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ୨୦୨୪ ନଭେମ୍ବର ୪ରେ ଅସିତ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ନାବାଳିକାଜଣଙ୍କ ସନ୍ଧ୍ୟାରେ ବଜାରରୁ ଘରକୁ ଫେରୁଥିବା ବେଳେ ଅସିତ ତାକୁ ଅପହରଣ କରି ଘରକୁ ନେଇଯିବା ସହ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ ଜଣାଇଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ପୀଡ଼ିତାଜଣଙ୍କ ଘରକୁ ଆସି ଘଟଣା ବାବଦରେ ପରିବାରକୁ ଜଣାଇଥିଲା। ଏନେଇ ପରିବାରଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତାର ବୟାନ ରେକର୍ଡ କରିଥିଲା। ଅସିତକୁ ବୈଶିଙ୍ଗା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ଏଫ୍ଏମ୍ ଛାତ୍ରୀ ଆତ୍ମଦାହ ଘଟଣା
# ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ

ବାଲେଶ୍ୱର, ୨୭।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଆଜି ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ଆଜି ଦ୍ୱିତୀୟଥର ପାଇଁ ଗିରଫ ଦୁଇ ଛାତ୍ର ଶୁଭ୍ରସମ୍ବିତ ନାୟକ ଏବଂ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ବିରୋଧରେ ୧୬୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ତାରିଖରେ ସୌମ୍ୟାଶ୍ରୀ କଲେଜ ପରିସରରେ ଆତ୍ମଦାହ କରିଥିଲେ। ବିଭାଗୀୟ ଏଚ୍‌ଓଡିଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ସୌମ୍ୟାଶ୍ରୀ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବେଆଇନ ବାଣ କାରଖାନାରେ ଚଢ଼ଉ
## ଲକ୍ଷାଧିକ ଟଙ୍କାର ବାଣ ଜବତ, ବଙ୍ଗୀୟ ଯୁବକ ଗିରଫ

ଭୋଗରାଇ,୨୭।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅଧୀନ କଖଡ଼ା ପଞ୍ଚାୟତ ହାଟସରିଷା ଗ୍ରାମରେ ଥିବା ଏକ ଆକାଶିଆ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକଜଣଙ୍କ ହେଲେ, ପଡ଼ୋଶୀ ପଶ୍ଚିମବଙ୍ଗ ପଟାସପୁର ଥାନା ଅଧୀନ ପଦିମା ଗାଁର ସୁକୁମାର ଜାନା(୪୦)। ଆଗକୁ ଦୀପାବଳି ଥିବାରୁ ସୁକୁମାର ପଶ୍ଚିମବଙ୍ଗରୁ ଓଡ଼ିଶା ସୀମା ଭିତରକୁ ଆସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ହାଟସରିଷା ଗାଁରେ ବାଣ ତିଆରି କରୁଥିଲା। ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବାଣ ତିଆରି କାରଖାନା ଉପରେ ଚଢ଼ଉ କରିଥିଲେ। ସେଠାରୁ ପାଖାପାଖି ୩ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ପୁଲିସ ସୁକୁମାରକୁ ଗିରଫ କରିଛି। ଏନେଇ ଭୋଗରାଇ ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

# ଅବଶିଷ୍ଟାଂଶ

## ୬ ଦିନରେ...

ଲାଗିଛି। ସୂଚନା ଅନୁଯାୟୀ କ୍ରମାଗତ ଷଷ୍ଠ ଦିନରେ ସେୟାର ବଜାର ଶୁକ୍ରବାର ଲାଲ୍ ସଙ୍କେତରେ ବନ୍ଦ ହୋଇଥିଲା। ସେନ୍‌ସେକ୍ସ ୭୩୩ ପଏଣ୍ଟ ହ୍ରାସ ପାଇ ୮୦, ୪୨୬ରେ ପହଞ୍ଚି ଯାଇଥିଲା। ସେହିପରି ନିଫ୍ଟି-୫୦ ୨୩୬ ପଏଣ୍ଟ ଖସି ଆସି ୨୪, ୬୫୫ରେ ବନ୍ଦ ହୋଇଥିଲା। ଏହି ସପ୍ତାହରେ ସେନ୍‌ସେକ୍ସ ୨,୧୯ ୯ ପଏଣ୍ଟ ଏବଂ ନିଫ୍ଟି-୫୦ ୬୭୨ ପଏଣ୍ଟ ହ୍ରାସ ପାଇଥିଲା। ଏହା ଗତ ଛଅ ମାସ ମଧ୍ୟରେ ହୋଇଥିବା ସବୁଠାରୁ ବଡ଼ ସାପ୍ତାହିକ ବିପର୍ଯ୍ୟୟ ଥିଲା। ଆମେରିକା ରାଷ୍ଟ୍ରପତି ଏଚ୍-୧ବି ଭିସା ଦେୟ ବଢ଼ାଇ ଲକ୍ଷେ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) କରିବାରୁ ଏହି ସଙ୍କଟ ସୃଷ୍ଟି ହୋଇଥିଲା। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଆଇଟି କମ୍ପାନୀଙ୍କ ଉପରେ ପଡ଼ିଥିଲା। ଏହି କମ୍ପାନୀଗୁଡ଼ିକର ହଜାର ହଜାର କର୍ମଚାରୀ ଆମେରିକାରେ କାମ କରୁଛନ୍ତି। ଏଥିଯୋଗୁଁ ଆଇଟି ସୂଚକାଙ୍କ ୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ଅର୍ଥ କାଢିବାରେ ଲାଗିଛନ୍ତି।

ସେହିପରି ଔଷଧ ଉପରେ ଆମେରିକା ୧୦୦ ପ୍ରତିଶତ ଶୁଳ୍କ, କିଚେନ କ୍ୟାବିନେଟ୍ସ ଉପରେ ୫୦ ପ୍ରତିଶତ, ଆସବାବପତ୍ରରେ ୩୦ ପ୍ରତିଶତ ଏବଂ ଭାରୀ ଟ୍ରକ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏହା ମଧ୍ୟ ନିବେଶକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହାର ପ୍ରଭାବରେ ଏନ୍‌ଏସ୍‌ଇରେ ପଞ୍ଜୀକୃତ କମ୍ପାନୀଙ୍କ ବଜାର ପୁଞ୍ଜି ଚଳିତ ସପ୍ତାହରେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ନିଫ୍ଟି-୫୦ରେ ସାମିଲ ୪୩ କମ୍ପାନୀଙ୍କ ମଧ୍ୟ କ୍ଷତି ହୋଇଛି। ଟେକ୍ ମହିନ୍ଦ୍ରାର ସବୁଠାରୁ ଅଧିକ କ୍ଷତି ହୋଇଛି। ଏହି କମ୍ପାନୀର ସେୟାର ୯.୪ ପ୍ରତିଶତ ହ୍ରାସ ପାଇଛି। ସେହିପରି ଟିସିଏସ୍‌ର ୮.୫ ପ୍ରତିଶତ, ୱିପ୍ରୋ ଏବଂ ଟ୍ରେଣ୍ଟର ୮ ପ୍ରତିଶତ ଏବଂ ଇନ୍‌ଫୋସିସର ସେୟାର ୫.୯ ପ୍ରତିଶତ ଖସି ଆସିଛି। କ୍ଷେତ୍ର ହିସାବରେ ଆଟିର ସର୍ବାଧିକ ୮%, ରିୟଲଟିର ୬.୧%, ଫାର୍ମାର ୫.୨%, କଞ୍ଜୁମର ଡ୍ୟାରାବିଲ୍ସର ୪.୬%, ଗଣମାଧ୍ୟମଗୁଡ଼ିକର ସେୟାର ୨.୭% ହ୍ରାସ ପାଇଛି।

## ୬୦ ହଜାର...

ଟାୱାରର ଲୋକାର୍ପଣ କରିଛନ୍ତି। ଏଥିରେ ବିଏସଏନଏଲ ଦ୍ୱାରା ୯୨,୬୦୦ରୁ ଅଧିକ ୪ଜି ଟେକ୍ନୋଲୋଜି ସାଇଟ୍ ଅନ୍ତର୍ଭୁକ୍ତ। ଡିଜିଟାଲ୍ ଭାରତ ନିଧି ଅଧୀନରେ ୧୮, ୯୦୦ରୁ ଅଧିକ ୪ଜି ସାଇଟ୍ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି ଯାହା ଦୂରଦୂରାନ୍ତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬,୭୦୦ ଅପହଞ୍ଚ ଗ୍ରାମକୁ ସଂଯୋଗ କରିବ। ଏଥିସହିତ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ। ସେହିପରି ପ୍ରଧାନମନ୍ତ୍ରୀ ସମ୍ବଲପୁର-ସରଲାରେ ରେଳ ଫ୍ଲାଏଓଭର ପାଇଁ ଶିଳାନ୍ୟାସ, କୋରାପୁଟ-ବୈଗୁଡ଼ା ଲାଇନର ଦୋହରୀକରଣ ଏବଂ ମାନାବାର-କୋରାପୁଟ-ଗୋରାପୁର ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।। ଏତଦବ୍ୟତୀତ ପ୍ରାୟ ୧୧,୦୦୦କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଏହି ଅବସରରେ ଦେଶବ୍ୟାପୀ ୨୭୫ଟି ରାଜ୍ୟ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ପ୍ରତିଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଏବଂ ନବସୃଜନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ମେରିଟ ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ଅବସରରେ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ସମ୍ବଲପୁରର ଭିମସାରକୁ ବିଶ୍ୱସ୍ତରୀୟ ସୁପର-ସ୍ପେଶାଲିଟି ହସ୍ପିଟାଲ ରୂପେ ଉନ୍ନତିକରଣ କରିବା ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ କହିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର ସୁଯୋଗ ତାଙ୍କୁ ମିଳିଛି। ଆମ ସରକାର ସାରା ଦେଶରେ ଗରିବ ପରିବାରକୁ ଚାରି କୋଟିରୁ ଅଧିକ ପକ୍କା ଘର ଯୋଗାଇ ଦେଇଥିବା ବେଳେ ଓଡ଼ିଶାରେ ହଜାର ହଜାର ଘର ଦ୍ରୁତ ଗତିରେ ନିର୍ମାଣ କରାଯାଉଛି। ଆଜି ପ୍ରାୟ ୫୦ ହଜାର ପରିବାର ନୂତନ ଘର ପାଇଁ ଅନୁମୋଦନ ପାଇଛନ୍ତି। ପିଏମ ଜନମନ ଯୋଜନା ଅଧୀନରେ ଓଡ଼ିଶାରେ ଆଦିବାସୀ ପରିବାର ପାଇଁ ୪୦ ହଜାରରୁ ଅଧିକ ଘର ମଞ୍ଜୁର କରାଯାଇଛି। ପ୍ରଧାନମନ୍ତ୍ରୀ କହିଲେ ଯେ ପ୍ରକୃତି ଓଡ଼ିଶାକୁ ପ୍ରଚୁର ପରିମାଣରେ ଆଶୀର୍ବାଦ ଦେଇଛି ଏବଂ ଆଗାମୀ ଦଶନ୍ଧି ରାଜ୍ୟବାସୀଙ୍କ ପାଇଁ ସମୃଦ୍ଧି ଆଣିବ। କେନ୍ଦ୍ର ସରକାର ସମ୍ପ୍ରତି ଓଡ଼ିଶା ପାଇଁ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ମଞ୍ଜୁର କରିଛନ୍ତି ଏବଂ ଗୋଟିଏ ସେମିକଣ୍ଡକ୍ଟର ପାର୍କ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି। ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି। ଜାହାଜ ନିର୍ମାଣର ରଣନୀତିକ ଗୁରୁତ୍ୱ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଆର୍ଥିକ ଶକ୍ତି ପାଇଁ ଆକାଂକ୍ଷୀ ଯେକୌଣସି ରାଷ୍ଟ୍ର ଏହି କ୍ଷେତ୍ରରେ ନିବେଶ କରିବା ଉଚିତ। ଭାରତରେ ଜାହାଜ ନିର୍ମାଣ ପାଇଁ ୭୦,୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ସେ ଆକଳନ କରି କହିଲେ, ଏହା ୪.୫ ଲକ୍ଷ କୋଟି ଟଙ୍କାର ନିବେଶକୁ ଆକର୍ଷିତ କରିବ ଯାହା ଇସ୍ପାତ, ଯନ୍ତ୍ରପାତି, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ ଭଳି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚିବ।

ଶ୍ରୀ ମୋଦୀ କହିଲେ ଯେ ବର୍ତ୍ତମାନ ବିଏସଏନଏଲ ଭାରତରେ ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ସଫଳତାର ସହିତ ବିକଶିତ କରିଛି। ପ୍ରଧାନମନ୍ତ୍ରୀ ବିଏସଏନଏଲର ୨୫ତମ ବାର୍ଷିକୀ ପାଳନର ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ବିଏସଏନଏଲ ଏବଂ ଏହାର ଅଂଶୀଦାରମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ମାଧ୍ୟମରେ ଭାରତ ଏକ ବିଶ୍ୱସ୍ତରୀୟ ଦୂରସଞ୍ଚାର ଉତ୍ପାଦନ କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଛି। ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ଯେ ବିଏସଏନଏଲର ସ୍ୱଦେଶୀ ୪ଜି ନେଟୱାର୍କ ଝାରସୁଗୁଡାରୁ ଆରମ୍ଭ ହେଉଛି, ଯେଉଁଥିରେ ପ୍ରାୟ ଏକ ଲକ୍ଷ ୪ଜି ଟାୱାର ଅନ୍ତର୍ଭୁକ୍ତ। ଏହି ଟାୱାରଗୁଡ଼ିକ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ସଂଯୋଗର ଏକ ନୂତନ ଯୁଗ ଆରମ୍ଭ କରିବାକୁ ପ୍ରସ୍ତୁତ। ଗତ ୨୨ ତାରିଖଠାରୁ ଓଡ଼ିଶା ସମେତ ସାରା ଦେଶରେ ନୂତନ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହି ସଂସ୍କାରଗୁଡ଼ିକୁ ସମସ୍ତଙ୍କ ପାଇଁ ସଞ୍ଚୟର ଉପହାର। ବିଶେଷକରି ମା' ଏବଂ ଭଉଣୀମାନଙ୍କ ପାଇଁ ରୋଷେଇ ଘର ଖର୍ଚ୍ଚକୁ ଅଧିକ ସୁଲଭ କରାଯାଇଛି। ଓଡ଼ିଶାରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି ଏବଂ ପ୍ରାୟ ୬୦ଟି ରେଳ ଷ୍ଟେସନରେ ଆଧୁନିକୀକରଣ ଚାଲିଛି। ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ବର୍ତ୍ତମାନ ଭାରତର ଅନେକ ପ୍ରମୁଖ ସହର ସହିତ ଯୋଡ଼ି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନ୍ସି ମାଧ୍ୟମରେ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଅନେକ କେନ୍ଦ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ।

## କଲବଲ କରୁଛି...

ବିଶେଷକରି ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଥିଲେ ହେଁ ବନ୍ୟା ସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଜଳସେଚନ ବିଭାଗ ପ୍ରମୁଖ ଯନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଏହା କ୍ରମଶଃ ଘନୀଭୂତ ହୋଇ ଅକ୍ଟୋବର ୧ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ରାଜ୍ୟବ୍ୟାପି ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଏଥିପାଇଁ ୩୦ଟି ଜିଲ୍ଲାକୁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## 'ହାର୍ଟ ବିଟ୍' ପରିଦର୍ଶନ...

'ୱାଇଲ୍ଡଲାଇଫ୍: ଆୱାର୍ ସେୟାର୍ଡ ଫ୍ୟୁଚର'। ଏହି ପ୍ରଦର୍ଶନୀରେ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କିତ ରଚନା, ଫଟୋଗ୍ରାଫି, ପ୍ରକୃତିର ସଂରକ୍ଷଣ ସହ ଗୋଷ୍ଠୀ ସହଯୋଗିତା ବିଷୟବସ୍ତୁଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଏଥିସହ ଆକର୍ଷଣୀୟ ପ୍ରଦର୍ଶନୀ ଏବଂ ବାସ୍ତବ ଜୀବନର ପ୍ରଭାବଶାଳୀ କାହାଣୀ ମାଧ୍ୟମରେ ବନ୍ୟଜନ୍ତୁ ସୁରକ୍ଷା, ବାସସ୍ଥାନ ପୁନରୁଦ୍ଧାର, ଉଦ୍ଧାର ଓ ପଶୁ ସ୍ୱାସ୍ଥ୍ୟ ଏବଂ ଆଦିବାସୀ ସମୁଦାୟଙ୍କୁ ସଶକ୍ତୀକରଣ କ୍ଷେତ୍ରରେ କରାଯାଉଥିବା ପ୍ରୟାସଗୁଡ଼ିକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା।

## ସୁନା ବଜାରରେ...

ଇଣ୍ଡିଆ ବୁଲିୟନ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରୁପା ମୂଲ୍ୟ ମଧ୍ୟ ରକେଟ୍ ବେଗରେ ବଢ଼ିବାରେ ଲାଗିଛି। ଶନିବାର ରୁପା କିଲୋ ସର୍ବକାଳୀନ ରେକର୍ଡ ଛୁଇଁଛି। ଏହା ୧, ୩୮, ୧୦୦ ଟଙ୍କାରେ ପହଞ୍ଚି ଯାଇଛି। ଗତ ଶନିବାର ରୁପା କେଜି ୧, ୨୮, ୦୦୦ ଟଙ୍କା ଥିଲା। ଏହି ଭଳି ଭାବେ ଚଳିତ ସପ୍ତାହରେ ରୁପା ମୂଲ୍ୟ ୧୦, ୧୦୦ ଟଙ୍କା ବୃଦ୍ଧି ପାଇଲାଣି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ରୁପା ମୂଲ୍ୟ ୫୨, ୦୮୩ ଟଙ୍କା ମହଙ୍ଗା ହେଲାଣି। ଗତ ବର୍ଷ ଡିସେମ୍ବର ୩୧ରେ ରୁପା ମୂଲ୍ୟ ୮୬, ୦୧୭ ଟଙ୍କା ଥିଲା। ୨୦୨୪ରେ ଏହା ୧୭ ପ୍ରତିଶତ ମହଙ୍ଗା ହୋଇଥିଲା। ଚଳିତ ବର୍ଷ ବର୍ଷ ଏ ପର୍ଯ୍ୟନ୍ତ ସୁନା ୪୯ ପ୍ରତିଶତ ଏବଂ ରୁପା ୬୦ ପ୍ରତିଶତ ରିଟର୍ଣ୍ଣ ଦେଲାଣି। ୱାର୍ଲ୍ଡ ଗୋଲ୍ଡ କାଉନସିଲର ରିପୋର୍ଟ ଅନୁଯାୟୀ ସେପ୍ଟେମ୍ବର ପ୍ରାରମ୍ଭରେ ଏହାର ମୂଲ୍ୟ ୬.୭ ପ୍ରତିଶତ ବଢ଼ିଥିଲା। କାରଣ ସୁରକ୍ଷିତ ନିବେଶ ଭାବେ ନିବେଶକ ସୁନା କ୍ରୟ କରିବାରେ ଲାଗିଛନ୍ତି।

## ସାର କହି...

ଟିମ୍ ଆଜି ଅପରାହ୍ଣରେ ଉକ୍ତ ଗୋଦାମରେ ଚଢ଼ଉ କରି ୧୫୮ ବସ୍ତା ନକଲି ପଟାସ ସାର ଜବତ କରିଛି। ଲୁଣରେ ରଙ୍ଗ ମାରି ତାକୁ ସାର ଭାବେ ବିକ୍ରି କରାଯାଉଥିଲା।

ସୂଚନାନୁଯାୟୀ, ଅରଡ଼ବଜାରଠାରେ ନକଲି ସାର ତିଆରି ହେଉଥିବା ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆଜି କୃଷି ବିଭାଗ ସହଦେବଖୁଣ୍ଟା ପୁଲିସ ସହଯୋଗରେ ଉକ୍ତ ନକଲି ସାର ଗୋଦାମ ଉପରେ ଚଢ଼ଉ କରିଥିଲା। ସେଠାରେ ଏକ ଘରେ ମହଜୁଦ ରହିଥିବା ୧୫୮ ବସ୍ତା ନକଲି ସାର ଜବତ କରାଯାଇଛି। ପରେ ଉକ୍ତ ଗୋଦାମକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରିଦିଆଯାଇଛି।

ଏ ସଂପର୍କରେ କୃଷି ବିଭାଗର ଭାରପ୍ରାପ୍ତ ସିଡିଓ ସରୋଜ କୁମାର ଜେନା କହିଛନ୍ତି ଯେ ଏଠାରେ ଲୁଣରେ ରଙ୍ଗ ମିଶାଇ ନକଲି ପଟାସ ସାର ତିଆରି କରାଯାଇ ବିକ୍ରି କରାଯାଉଥିଲା। ଜବତ ନକଲି ସାର ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ। ଚଢ଼ଉ ବେଳେ ସେଠାରେ କୌଣସି ଲୋକ ନ ଥିବା ବେଳେ ଗୋଦାମ ହୋଇଥିବା ସ୍ଥାନଟି ସେକ ନରୁଜୁମାଙ୍କ ନାମରେ ରହିଛି। ଏହାବ୍ୟତୀତ ଏହି ଗୋଦାମର ମାଲିକ କେଶବ ରଞ୍ଜନ ଗିରି ଏବଂ ତାଙ୍କର ଏକ ଦୋକାନ 'କୃଷି ସଂସାର ଫର୍ଟିଲାଇଜର' ଥିବା ସନ୍ଦେହ କରାଯାଉଛି। ଏଣୁ କୃଷି ବିଭାଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୨୯ ମୃତ...

ଅଛନ୍ତି। ୩୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଦଳଚକଟା ଯୋଗୁଁ ୯ ବର୍ଷର ଏକ ଶିଶୁ ନିଖୋଜ ହୋଇଯାଇଛି। ସୂଚନା ଅନୁଯାୟୀ ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ରାଜନୈତିକ ଦଳ ତାମିଲଗା ଭେଟ୍ରି କଝଗମ (ଟିଭିକେ) ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି। ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ରାଲି କରି ଦଳ ପ୍ରତି ଲୋକଙ୍କ ସମର୍ଥନ ହାସଲ କରୁଛନ୍ତି। କରୁରେ ଆୟୋଜିତ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ହଜାର ହଜାର ଲୋକ ଭିଡ ଜମାଇଥିଲେ। ଅଭିନେତାଙ୍କ ପାଇଁ ପ୍ରାୟ ୬ ଘଣ୍ଟା ହେଲା ଅପେକ୍ଷା କରି ରହିଥିଲେ। ତେବେ ଅଭିନେତା ବିଳମ୍ବରେ ପହଞ୍ଚିଥିଲେ। ସେ ପହଞ୍ଚିବା ପରେ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଥିଲା। ବିଜୟ ବସ୍ ଉପରୁ ଲୋକଙ୍କ ପାଇଁ ପାଣି ବୋତଲ ଫୋପାଡିବାରେ ଲାଗିଥିଲେ। ଏଥିଯୋଗୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଲୋକେ ପାଣି ବୋତଲ ଆଣିବା ପାଇଁ ଯିବା ସମୟରେ ଅନ୍ୟମାନଙ୍କୁ ଦଳି ଦେଇଥିଲେ। ପ୍ରବଳ ଭିଡ଼ ଯୋଗୁଁ ଲୋକେ ଠିକ୍‌ରେ ନିଃଶ୍ୱାସ ନେଇପାରି ନ ଥିଲେ। ଏଥିଯୋଗୁଁ ଅନେକ ଚେତା ହରାଇ ପଡ଼ି ଯାଇଥିଲା। ପରେ ଲୋକେ ଅନ୍ୟମାନଙ୍କୁ ଦଳି ପଳାଇ ଥିଲେ। ଏହି ଅଘଟଣା ପରେ ବିଜୟ ରାଲି ଛାଡ଼ି ପଳାଇଛନ୍ତି।


GOVERNMENT OF ODISHA C-1191
HOUSING & URBAN DEVELOPMENT DEPARTMENT
OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com
No. 2896 / NACP Dt. 25.09.2025

National Competitive Bidding through e-procurement
Bid Identification No. NAC-PDP-04/2025-26

The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | |
|---|---|---|
| 1. | Nature of Work | : Civil Work |
| 2. | No. of works | : 4 (Four Nos.) |
| 3. | Estimate Cost | : Rs. 2,65,562/- to Rs. Rs.9,62,188/- |
| 4. | Class of Contractor | : "C" or "D" Class |
| 5. | Date & Time of availability of Bid Documents in the portal | : 9.00 AM on dt.26-09-2025 up to 05.00 PM on dt.17-10-2025 |
| 6. | Last date & time for receipt of Bids in the portal. | : 17-10-2025 at 05.00 PM. |
| 7. | Bid opening Date | : Dt.18-10-2025 at 11.00 AM |

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Executive Officer
N.A.C. Padampur
OIPR-13118/11/0041/2526



ଫର୍ମ ଏ
**ସର୍ବସାଧାରଣ ଘୋଷଣା**
(ଭାରତୀୟ ଦେବାଳିଆ ଓ ଇନସଲଭେନ୍ସି ବୋର୍ଡ ଅଫ୍ ଇଣ୍ଡିଆ ରେଗୁଲେସନ୍ ୬ ଅଧୀନରେ)
(କର୍ପୋରେଟ ପରଦାର୍ଥିକ ପାଇଁ ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟା ନିୟମାବଳୀ, ୨୦୧୬)
**ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର୍ ଲିମିଟେଡ (IN CIRP) ଋଣଦାତାମାନଙ୍କ ଧ୍ୟାନାକର୍ଷଣ ନିମନ୍ତେ**

| ସମ୍ପୃକ୍ତିତ ବିସ୍ତୃତ ବିବରଣୀ | | |
|---|---|---|
| ୧ | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର୍ ଲିମିଟେଡ |
| ୨ | କର୍ପୋରେଟ୍ ଋଣଗ୍ରହୀତାଙ୍କ ରେଜିଷ୍ଟ୍ରେସନ୍ ତାରିଖ | ୦୯/୦୫/୧୯୬୧ |
| ୩ | ଯେଉଁ କର୍ତ୍ତୃପକ୍ଷ ଅଧୀନରେ କର୍ପୋରେଟ୍ ଋଣଗ୍ରହୀତାଙ୍କ ଅନ୍ତର୍ଭୁକ୍ତ / ପଞ୍ଜିକରଣ କରାଯାଇଛି | କମ୍ପାନୀ ରେଜିଷ୍ଟ୍ରାର, କୋଲକାତା |
| ୪ | କମ୍ପାନୀ ଆଇଡେଣ୍ଟିଫିକେସନ ସଂଖ୍ୟା | U31300WB1961PLC025104 |
| ୫ | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟର ଠିକଣା (ଯଦି ଥାଏ) | ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଇଏନ-୬୧, ସେକ୍ଟର-ଭି, ୬ମ ମହଲା, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ଭାରତ- ୭୦୦୦୯୪; ଆଉ ଏକ ଠିକଣା: କଟକ-ପୁରୀ ରୋଡ୍, ଭୁବନେଶ୍ୱର ... ସାମନା, ଭୁବନେଶ୍ୱର, ଓଡ଼ିଶା, ଭାରତ - ୭୫୧୦୦୬ |
| ୬ | କର୍ପୋରେଟ୍ ଋଣଗ୍ରହୀତାଙ୍କ କ୍ଷେତ୍ରରେ ଇନସଲଭେନ୍ସି ଆରମ୍ଭ ତାରିଖ | ୨୬.୦୯.୨୦୨୫ (ଅର୍ଡର ଅପଲୋଡ୍ ହୋଇଥିଲା ୨୬.୦୯.୨୦୨୫ରେ) |
| ୭ | ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଅନୁମାନିତ ସମାପ୍ତି ତାରିଖ | ୨୫.୦୩.୨୦୨୬ |
| ୮ | ନାମ ଏବଂ ପଞ୍ଜିକରଣ ନମ୍ବର ଯେଉଁଠାରେ ଇନଟେରିମ ରେଜୋଲ୍ୟୁସନ ପ୍ରୋଫେସନାଲ ଅଧିକାରୀ ଅନୁମୋଦିତ | ପ୍ରଦୀପ କୁମାର କବ୍ରା IBBI/IPA-001/IP-P01104/2017-18/11790 |
| ୯ | ବୋର୍ଡରେ ପଞ୍ଜୀକୃତ ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା, ବି/୩୦୫, ... ଭେସୁ, ସୁରତ, ଗୁଜରାଟ, ୩୯୫୦୦୭; ଇ-ମେଲ: pradeepkabra@gmail.com |
| ୧୦ | ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ସହ ପତ୍ରାଚାର ପାଇଁ ବ୍ୟବହାର ହେବାକୁ ଥିବା ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା, ୩୦୧, ୩ୟ ମହଲା, ... ଭେସୁ, ସୁରତ, ଗୁଜରାଟ, ୩୯୫୦୦୭; ଇ-ମେଲ: ip.guptapower@gmail.com |
| ୧୧ | ଦାବିପତ୍ର ଦାଖଲ କରିବାର ଶେଷ ତାରିଖ | ଶୁକ୍ରବାର, ୧୦.୧୦.୨୦୨୫ |
| ୧୨ | ଧାରା 21 ଉପ-ଧାରା (6A) ର ଧାରା (b) ଅନୁଯାୟୀ, ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଦ୍ୱାରା ଚିହ୍ନିତ ଋଣଦାତାଙ୍କ ଶ୍ରେଣୀ, ଯଦି କୌଣସି ଥାଏ | ଲାଗୁ ନାହିଁ |
| ୧୩ | ଇନସଲଭେନ୍ସି ପ୍ରୋଫେସନାଲଙ୍କର ନାମ, ଯେଉଁମାନେ ଅଧିକାରୀ ହୋଇଛନ୍ତି ଦାବିକାରୀଙ୍କ ପ୍ରତିନିଧି ଭାବେ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନୋଟି ନାମ) | ଲାଗୁ ନାହିଁ |
| ୧୪ | (a) ପ୍ରାସଙ୍ଗିକ ଫର୍ମ ଏବଂ (b) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଏଠାରେ ଉପଲବ୍ଧ: | a) Web link: https://ibbi.gov.in/home/downloads b) Not applicable |

ନୋଟିସ: ଏଠାରେ ଜଣାଇ ଦିଆଯାଉଛି ଯେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଆଦେଶ ଦେଇଛି ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ୨୮ ସେପ୍ଟେମ୍ବର, ୨୦୨୫ରେ (୨୬.୦୯.୨୦୨୫ ଅର୍ଡର ଅପଲୋଡ୍ ହୋଇଅଛି)।

ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ସମସ୍ତ ଋଣଦାତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ୧୦.୧୦.୨୦୨୫ (ଶୁକ୍ରବାର) ରୁ ପୂର୍ବରୁ ସମସ୍ତ ପ୍ରମାଣ ସହିତ ଦାବିପତ୍ର Interim Resolution Professionalଙ୍କୁ (କ୍ର.ନଂ. ୧୦ରେ ଥିବା ଠିକଣାରେ) ଦାଖଲ କରନ୍ତୁ।

ଆର୍ଥିକ ଦାବିକାରୀଙ୍କୁ ତାଙ୍କର ଦାବି ପ୍ରମାଣ ସହିତ ଇଲେକ୍ଟ୍ରୋନିକ ମାଧ୍ୟମରେ ମାତ୍ର ପଠାଇବାକୁ ହେବ। ଅନ୍ୟାନ୍ୟ ଦାବିକାରୀ ନିଜ ଦାବି ପ୍ରମାଣ ସହିତ ବ୍ୟକ୍ତିଗତ ଭାବେ, ପୋଷ୍ଟ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମରେ ପଠାଇପାରିବେ।

ଦାବିର ମିଥ୍ୟା କିମ୍ବା ଭ୍ରାମକ ପ୍ରମାଣ ଦାଖଲ କଲେ ଦଣ୍ଡନୀୟ ହେବେ।

Sd/-
CA. IP Pradeep Kumar Kabra
IRP for M/s. Gupta Power Infrastructure Limited
Date: 28.09.2025
IBBI Registration No.: IBBI/IPA-001/IP-P01104 /2017-18/11790



**AFFIDAVIT**
By virtue of an affidavit sworn before Notary public Bhubaneswar on dated, 26.09.2025, I Sarat Biswal permanent resident At-Purunasahi, Po- Luhamunda, Dist- Angul, Odisha, PIN-759127, declare that I have changed my name from Sarat Chandra Biswal to Sarat Biswal. Henceforth I shall be known as **SARAT BISWAL** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit sworn before The Executive Magistrate, Gania on dtd-22/09/2025. I, TAPASI MAHAPATRA, At-Belapadapatana, Po: Belapadapatana, Ps: Gania, Dist- Nayagarh, Odisha, Pin-752085 declare that I have changed my name from TAPASI MAHARANA to TAPASI MAHAPATRA. Henceforth, I shall be known as **TAPASI MAHAPATRA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated: 26/09/2025, I, Sagari Mahapatra, resident of At: Damodarpur, PO: Brahmanbadi, PS: Cuttack Sadar, Dist- Cuttack, Pin-754130, Odisha declare that I have changed my name from Sagari Behera to Sagari Mahapatra. Henceforth, I shall be known as **Sagari Mahapatra** for all purposes.
**Sagari Mahapatra**

**AFFIDAVIT**
I, Bharat Swain, S/o-Raj Kishor Swain resident of Vill/Po/Ps-Jhinti Sasan, Khordha, PIN-752100, Odisha declare by this affidavit no.-156210, dated-08/09/2025 that now onwards I shall be known as **BHARAT CHANDRA SWAIN** for all future purposes.

**FOR SALE**
1 Number of .TRACTOR-NEW HOLAND-3037(2WD), Registration No.- OD-17-AC-5260, Model 2024, - ENGINE NO – S325N79437, CHASIS NO - NHN30370ZRB681112, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6, NEAR BHATLI CHOWK- BARGARH, DIST- BARGARH-768028

**AFFIDAVIT**
I, Shilpa Mohanty (29), D/o - DEEPTI MOHANTY, resident of Saharsahi, Ward No-8, Po-Baripada, Ps-Baripada town, Dist-Mayurbhanj, Pin-757001, Odisha, declared by this affidavit No-104(9) dtd-26/09/2025 that now onwards my mother shall be known as **DIPTI MOHANTY** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Anandapur, dated. 19.09.2025, I **Bhagaban Murmu,** Address- AT-Suapur, PO- Baripal, P.S.-Ghasipura, Dist- Keonjhar, Odisha, Pin-758025 declare that I have changed the name of my daughter from **Singa Murmu to Sinigo Murmu.** Henceforth, she Shall be known as **Sinigo Murmu** for all purposes.
**Bhagaban Murmu**

**FOR SALE**
1 Number of CAR-MARUTI-WAGON R ZXI+, Registration No.-OD-17-AD-1384, Model 2024, - ENGINE NO - K12NN1131006, CHASIS NO - MA3JMTC1SRKB79566, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST- BARGARH-768028

**AFFIDAVIT**
I, Shilpa Mohanty (29), D/o- SUBRATA MOHANTY / SUBRATA KUMAR MOHANTY, resident of Saharsahi, Ward No-8, Po-Baripada, Ps-Baripada Town, Dist-Mayurbhanj, Pin-757001 Odisha, declared by this affidavit No-104(8) dtd-26/09/2025 that now onwards my father shall be known as **SUBRAT MOHANTY** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated-27/09/2025. I, **Atulya Kumar Sahu** (new name), formerly called as Atulya Sahu (old name), S/o Amulya Kumar Sahu, permanent resident of AT- Padmanavpur, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Atulya Sahu** (old name) to **Atulya Kumar Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Atulya Kumar Sahu** (new name).
**Atulya Kumar Sahu**

**FOR SALE**
1 Number of KUBOTA COMBINE HARVESTER –TRACK, Registration No.- NA, Model 2023, - ENGINE NO - BNU3263, CHASIS NO - KBH83900ENTK01995, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST- BARGARH-768028

**AFFIDAVIT**
I, Bajrang Bihani H/o Laxmi Devi Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist- Angul, Odisha, PIN- 759100, declare by this affidavit No.5949 dtd 26.09.2025 that now onwards I shall be known as **BAJRANG LAL BIHANI** for all future purposes.

**AFFIDAVIT**
By virtue of an affidavit (CF No.01, date- 20/06/2025) sworn before the Executive Magistrate, Padampur. I, **Mahendra Nayak,** S/o- Rabishankar Nayak, permanent & current resident of At- Haridatal, PO- Kermelabahal, Dist- Bargarh, PIN- 768039, Odisha declare that I have changed my minor daughter's name from **Lilima Nayak** (old name) to **Nilima Nayak** (new name). Henceforth, she shall be known as **Nilima Nayak** (new name) for all purposes.
**Mahendra Nayak**

**ପୂର୍ବ ତଟ ରେଳପଥ**
ଫାଇଲ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ
(1) ଟେଣ୍ଡର ନଂ.e-tender-BrKUR-251-2025,ତା.16.09.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର(ବ୍ରିଜ)/କଟକ-II ଅଧୀନରେ ... ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ... (Zonal) ... କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/-।
(2) ଟେଣ୍ଡର ନଂ.e-tender-EASTKUR-252-2025,ତା.16.09.2025ରିଖ
ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ... ଟ୍ରାକ୍ ... (Linking)କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/-।
ଶେଷ ହେବା ଅବଧି : 08 ମାସ (କ୍ରମ ନଂ.1 ପାଇଁ) ଏବଂ 10 ମାସ (କ୍ରମ ନଂ.2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ଦିନ 1500 ଘଣ୍ଟାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କେବଳ ... ମାଧ୍ୟମରେ ... ଗ୍ରହଣଯୋଗ୍ୟ ହେବ ନାହିଁ, ... ଫର୍ମ (Firm)ର ... ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ... ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ... ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ... ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ... ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-647/Q/25-26

**AFFIDAVIT**
By virtue of an affidavit No-02 sworn before the Executive Magistrate, Jatni on dt 19/09/2025, I **Pratap Chandra Maharathi,** S/o- Late Pramod Maharathi, resident of At- Bhatakhuri, Po- Gangapada, Ps- Infovaley, Dist- Khordha, Pin-752054, Odisha. I am the deponent. I have changed my minor daughter's name from **Bhagrovi Maharathi** (old name) to **Bhargovi Maharathi** (new name). Henceforth, both name **Bhagrovi Maharathi** and **Bhargovi Maharathi** is one & same person she will be known as **Bhargovi Maharathi** for all future purposes.
**Pratap Chandra Maharathi**

**AFFIDAVIT**
By virtue of an affidavit No. 4240 sworn before the Notary Public Swampatna on dated-26/09/2025. I **Mandakini Behera,** aged 41 years, D/O- Hrusikesh Behera, W/O- Ranjit Sethi, resident of At/Po-Mushakhori, Ps-Patna, Dist-Keonjhar, Odisha. My surname in my Aadhar card is mentioned as **SETHI** & D.O.B as **04/05/1989** instead of **BEHERA** & **D.O.B 29/04/1983**. Henceforth I shall be known as **Mandakini Behera,** D/O- Hrushikesh Behera and date of birth as **29/04/1983** for all future purposes
**Mandakini Behera**

**AFFIDAVIT**
I, Laxmi Bihani W/o Bajrang Lal Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist- Angul, Odisha, PIN- 759100, declare by this affidavit No.5950 dtd 26.09.2025 that now onwards I shall be known as **LAXMI DEVI BIHANI** for all future purposes.

**AFFIDAVIT**
I, Jyoshna Mohapatra, W/o- Bikash Chandra Mohapatra, resident of Gopinathpur, Marshaghai, Dist-Kendrapara, Pin-754213, Odisha declared by this affidavit No.788, dtd- 26/09/2025 that now onwards I shall be known as **JYOSHNA RANI MOHAPATRA** for all future purposes.

**IN THE COURT OF THE CIVIL JUDGE, (SR.DIVN) LR & LTV, ANGUL**
**C.S NO: 97/2016**
**Saila Dehury and others .................. Plaintiffs**
**Versus**
**Sulochana Dehury and others .................. Defendants**
**DRAFT NOTICE**
U/O 5, RULE 20 OF CIVIL PROCEDURE CODE
To,
D.5 Suchitra Dehury, Wife of Late Basistha Dehury, Presently wife of Sushanta Biswal, Son of Dinabandhu Biswal, At/P.O/P.S: Nalco Nagar, Dist: Angul.
Whereas the above-named Plaintiffs filed a suit for cancellation of RSD bearing no.5900/2013 and injunction.
You are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the **27th day of October 2025, at 10 ½ O'clock** in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list [to be annexed to the written statement.
Take notice that, in default of your appearance on the day before mentioned, the suit will be heard and determined in your absence.
Given under my hand and the seal of the Court, this **25th day of September 2025.**
**Sd/- Court of the Civil Judge (Sr.Divn) LR & LTV, Angul.**

**AFFIDAVIT**
By virtue of an affidavit (SL No. 306, dtd- 26/09/2025) before the Notary Public, Bhubaneswar. I, **Sthitapragnya Mohapatra,** W/o Indrajit Panda, resident of At: RP-57, Pandav Nagar, Road No. 4, Tankapani Road, Bhubaneswar- 751018, Dist-Khordha, Odisha declare that, I want to change my name from **Sthitapragyan Mohapatra** to **Sthitapragnya Mohapatra** in my son's (Aryan Panda) school record. Henceforth, I shall be known as **Sthitapragnya Mohapatra** (new name) for all future purposes.
**Sthitapragnya Mohapatra**

# ଆଦିବାସୀ ଇଲାକା ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା

## ଆନନ୍ଦପୁର ଉପଜିଲ୍ଲାପାଳଙ୍କ ପରିଦର୍ଶନ



ଆନନ୍ଦପୁର, ୨୭।୯ (ସମିସ): ଆନନ୍ଦପୁର ବ୍ଲକର ଆଦିବାସୀ ଇଲାକାରେ ଅନେକ ଅଙ୍ଗନବାଡ଼ି କେନ୍ଦ୍ର ଠିକଭାବେ ଚାଲୁ ନଥିବା ଆଜି ସ୍ପଷ୍ଟ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଅଚାନକ ଭାବେ ଦରାଖୋଲା କୁମଡ଼ ଯାତ୍ରାକୁସୁମ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ରକୁ କର୍ମଚାରୀ ଆସୁ ନଥିବାରୁ ଶିଶୁ ଛାତ୍ରଛାତ୍ରୀମାନେ ବସି ବସି ଘରକୁ ଫେରୁଛନ୍ତି। ବିଭିନ୍ନ ଆଳ ଦେଖାଇ କର୍ମଚାରୀ ଆସୁନଥିବା ଓ ଆନନ୍ଦପୁର ଶିଶୁ ବିକାଶ ବିଭାଗ ପକ୍ଷରୁ ଏହାର ତଦାରଖ ହେଉନଥିବା ଅନୁଭବ କରିଥିଲେ। ପରିଦର୍ଶିକା ଖାତାରେ ବିଭାଗୀୟ ସୁପରଭାଇଜରଙ୍କର ପରିଦର୍ଶନ ବିବରଣୀ ନଥିବା ଏବଂ ଏହି କେନ୍ଦ୍ରଗୁଡିକ ନିୟମିତ ପରିଦର୍ଶନ ହେଉ ନଥିବାରୁ ସମସ୍ତ ସରକାରୀ ସୁବିଧା ହିତାଧିକାରୀମାନେ ପାଉନଥିବା ଅଭିଯୋଗ ହୋଇଥିଲା। ସୁପରଭାଇଜରମାନେ କେନ୍ଦ୍ର ପରିଦର୍ଶନରେ ନଆସି କାର୍ଯ୍ୟାଳୟରେ ବସି ରହୁଥିବା ଏବଂ ୧୦ ବର୍ଷରୁ ଅଧିକ ଦିନଧରି ଏହି କାର୍ଯ୍ୟାଳୟରେ ରହିଥିବା ବେଳେ ଏବେବି ବଦଳି ନହେବା ପାଇଁ ଉଦ୍ୟମ ଜାରି ରଖିଥିବା ଆଲୋଚନାର ବିଷୟ ହୋଇଛି। ଏନେଇ ଉପଜିଲ୍ଲାପାଳ ଶ୍ରୀ ସୁନା ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି। ଚଳିତ ମାସରେ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଜାରି କରିଥିବା ପତ୍ରସଂଖ୍ୟା ୧୬୨୬୫ର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନେବାକୁ ସାଂସଦ ପ୍ରତିନିଧି ପ୍ରଣୟିନୀ ବ୍ରହ୍ମ ଦାବି କରିଛନ୍ତି।

# ଗଡ଼ଚଣ୍ଡୀ ଓ ହଦଗଡ଼ରେ ବିଶ୍ୱ ପର୍ଯ୍ୟଟନ ଦିବସ

ହାଟଡ଼ିହୀ,୨୭।୯ (ସମିସ)

ସେପ୍ଟେମ୍ବର ୨୭ ତାରିଖକୁ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଉଥିଲା ବେଳେ ହାଟଡ଼ିହୀ ବ୍ଲକ ଗଡ଼ଚଣ୍ଡୀ ଓ ହଦଗଡ଼ଠାରେ ଏହି ଦିବସଟି ପାଳିତ ହୋଇଛି। ବ୍ଲକ ସାଧନ ସଂଯୋଜକ କାର୍ତ୍ତିକ ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଗଡ଼ଚଣ୍ଡୀଠାରେ ସରପଞ୍ଚଙ୍କ ପ୍ରତିନିଧି ଖଗେଶ୍ୱର ମଲ୍ଲିକ, ପିଇଓ ଅମୂଲ୍ୟ ପହି, ଏଡିଇଓ ରିତାଞ୍ଜଳି ରଣାଙ୍କ ସମେତ ପଞ୍ଚାୟତର ଏସଏଚଜି ମହିଳା ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ହଦଗଡ଼ରେ ପଞ୍ଚାୟତ ସରପଞ୍ଚ ନିରୁପମା ନନ୍ଦିଙ୍କ ସମେତ ପିଇଓ ଉମାକାନ୍ତ ସା, ଏଡିଇଓ ମୋହନ ବେହେରାଙ୍କ ସହ ଏସଏଚଜି ମହିଳା ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ଉଭୟ ପର୍ଯ୍ୟଟନସ୍ଥଳୀରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଏବଂ ଥର୍ମାକୁଲ୍ ନିଷେଧ କରିବା ପାଇଁ ସଂକଳ୍ପ କରାଯିବା ସହ ଦୋକାନୀଙ୍କୁ ଏହାର ବିକଳ୍ପ ବିକ୍ରି ଏବଂ ପର୍ଯ୍ୟଟକଙ୍କୁ ଏହାର ବ୍ୟବହାର ସମ୍ପର୍କରେ କୁହାଯାଇଥିଲା।

# ହାଟଡ଼ିହୀର ଗୌରବ ବଢ଼ାଇଲେ ଜଗନ୍ନାଥ, ଜ୍ୟୋତିପ୍ରକାଶ ଓ ବିତି



ହାଟଡ଼ିହୀ,୨୭।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ହାଟଡ଼ିହୀ ବ୍ଲକର ତିନିଜଣ ଗୌରବ ଆଣିଛନ୍ତି। ଶାଳଣିଆଁ ଗ୍ରାମର ଜଗନ୍ନାଥ ସା ୨୪୩ତମ ସ୍ଥାନରେ ରହି ସଫଳତା ହାସଲ କରିଛନ୍ତି। ଶିକ୍ଷାବିତ୍ କେଶବଚନ୍ଦ୍ର ସା ଓ ବୈଜୟନ୍ତୀ ବେହେରାଙ୍କ ପୁଅ ଜଗନ୍ନାଥଙ୍କ ବାପା ସିଆରସିସି ଭାବେ ଯୋଡ଼ା ବ୍ଲକରେ କାର୍ଯ୍ୟରତ ଥିବାବେଳେ ମା' ଜଣେ ଗୃହିଣୀ। ସେହିପରି ସଢ଼ା ଗ୍ରାମର ଜ୍ୟୋତିପ୍ରକାଶ ସାମଲ ୪୧ତମ ର୍‍ୟାଙ୍କରେ ଓଏସ୍ଏସ୍ ପାଇଛନ୍ତି। ଶିକ୍ଷାବିତ୍ ବିଷ୍ଣୁପଦ ସାମଲ ଓ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ଖୁଣ୍ଟିଆଙ୍କ ପୁଅ ଜ୍ୟୋତିପ୍ରକାଶ ଜଣେ ମେଧାବୀ ଛାତ୍ର। ବାପା ଅସିଆ ମୁଣ୍ଡା ସାହି ସ୍କୁଲରେ ଶିକ୍ଷକତା କରୁଥିବାବେଳେ ମା' ସଢ଼ା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ନୂଆରମ୍ଭାସ ଗ୍ରାମର ବିତିହୋତ୍ର ନାୟକ ୧୬୩ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଅବସରପ୍ରାପ୍ତ ଆଇସିଡିଏସ୍ ସୁପରଭାଇଜର କାଦମ୍ବିନୀ ଜେନା ଓ ପ୍ରାକ୍ତନ ଇଂରାଜୀ ରିଡର ରବୀନ୍ଦ୍ର କୁମାର ନାୟକଙ୍କ କନିଷ୍ଠ ପୁତ୍ର। ସେ ଓଡ଼ିଶା ସରକାରଙ୍କ ଭୂତଳ ଜଳସମ୍ପଦ ବିଭାଗରେ ୨୦୨୩ରୁ ଜଣେ କନିଷ୍ଠ ବୈଜ୍ଞାନିକ ଭାବରେ କାର୍ଯ୍ୟ କରିବା ସହ ଏବେ ଡେପୁଟି ଡିରେକ୍ଟର ଦାୟିତ୍ୱରେ ଅଛନ୍ତି। କୃତୀ ତିନିଜଣଙ୍କୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଜେପି ନେତା ଆଲୋକ ସେଠୀ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ସିଦ୍ଧାନ୍ତଙ୍କ ବାଜିମାତ



ଆନନ୍ଦପୁର, ୨୭।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳରେ ଭୋଳନୂଆଗାଁର ସିଦ୍ଧାର୍ଥ ମିଶ୍ର ୫୩ ସ୍ଥାନରେ ରହି ବାଜି ମାରି ନେଇଛନ୍ତି। ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ ଅନ୍ତର୍ଗତ ଭୋଳନୂଆଗାଁ ନିବାସୀ କେଶବଚନ୍ଦ୍ର ମିଶ୍ରଙ୍କ ପୁଅଙ୍କ ଏପରି ସଫଳତାରେ ଭୋଳାନୂଆଗାଁରେ ଆନନ୍ଦ ପ୍ରକାଶ ପାଇଛି। ଆଖପାଖ ଅଞ୍ଚଳରୁ ଅନେକ ଶୁଭେଚ୍ଛା ମିଳିଛି। ପରିବାର ଲୋକଙ୍କ ପ୍ରେରଣା ଅଜସ୍ର ପରିଶ୍ରମ ଯୋଗୁଁ ଏପରି ସଫଳତା ମିଳିଛି ଏବଂ ଜଣେ ଭଲ ପ୍ରଶାସକ ହେବେ ବୋଲି ସିଦ୍ଧାନ୍ତ ଦୃଢ଼ମନା।

# ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୨୦ବର୍ଷ ଜେଲ୍

କେନ୍ଦୁଝର,୨୭।୯ (ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରକରି ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବଡ଼ଗମ୍ଭାରିଆ ଗ୍ରାମର ଅଭିଯୁକ୍ତ ଦୁଷା ମୁଣ୍ଡା (୩୦)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୨ ମସିହା ମେ ୩ ସନ୍ଧ୍ୟା ୫ଟାବେଳେ ନାବାଳିକା ଏକୁଟିଆ ଘରେ ଥିବା ସମୟରେ ଦୁଷା ଦୁଷ୍କର୍ମ କରି ଚମ୍ପଟ ମାରିଥିଲା। ପୀଡ଼ିତାଙ୍କ ବାପାମା' ଏହି ଘଟଣା ସମ୍ପର୍କରେ ଜାଣିବା ପରେ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ୬୫/୨୨ରେ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତକୁ ଶନିବାର ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ମନୋଜ ଜେନା ଜିଲ୍ଲା କଂଗ୍ରେସ ସଭାପତି



ଆନନ୍ଦପୁର/ହାଟଡ଼ିହୀ, ୨୭।୯ (ସମିସ): ସମସ୍ତ କଳ୍ପନାଜଳ୍ପନାର ଅବସାନ ଏବଂ ମାସେ ଧରି କଂଗ୍ରେସ ସଭାପତି ପଦ ପାଇଁ ଛକାପଞ୍ଝା ଲାଗି ରହିବା ପରେ ଶେଷରେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ଆନନ୍ଦପୁର ବିଧାୟକ ଜୟଦେବ ଜେନାଙ୍କ ପୁଅ ଇଂ ମନୋଜ ଜେନା ଏହି ସମ୍ମାନଜନକ ପଦ ପାଇଁ ଏଆଇସିସି ଦ୍ୱାରା ମନୋନୀତ ହୋଇଛନ୍ତି। ଓଡ଼ିଶାରେ କଂଗ୍ରେସ ପ୍ରଥମଥର ପାଇଁ କର୍ମୀଙ୍କ ସୁପାରିସକ୍ରମେ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ତେଣୁ ବାହାର ରାଜ୍ୟର ଏଆଇସିସି ପର୍ଯ୍ୟବେକ୍ଷକ ଏବଂ ଅନ୍ୟ ଜିଲ୍ଲାର ପିସିସି ପର୍ଯ୍ୟବେକ୍ଷକମାନେ କେନ୍ଦୁଝରରେ ପହଞ୍ଚି କର୍ମୀଙ୍କଠାରୁ ମତାମତ ଗ୍ରହଣ କରିଥିଲେ। ପର୍ଯ୍ୟବେକ୍ଷକଙ୍କ ସୁପାରିସକ୍ରମେ ଜଣେ ଯୁବ କର୍ମୀଙ୍କୁ ସଭାପତି ପାଇଁ ମନୋନୀତ କରାଯାଇ ଏଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଏହି ଉପଲକ୍ଷେ ଯୁବନେତା ହାଡିବନ୍ଧୁ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବ୍ରିଜ ଛକ ଗୋଲେଇସ୍ଥିତ କଂଗ୍ରେସ ଭବନ ଆୟୋଜିତ ଏକ ଉତ୍ସବରେ ବହୁ ନେତା-କର୍ମୀ ସାମିଲ ହୋଇ ଶ୍ରୀ ଜେନାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଚର୍ଚ୍ଚା




ଆନନ୍ଦପୁର,୨୭।୯ (ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାଏକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ନେଇ ରାଜନୈତିକ ହଟଚମଟ ହୋଇଛି। ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୮ଜଣ ୱାର୍ଡମେମ୍ବର ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ନିକଟରେ ତାଙ୍କ ବିରୋଧରେ ଅଭିଯୋଗ କରିବା ସହ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ବିଡିଓ ମନୋଜ ମହାନ୍ତ ଆଜି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ଆଣିଥିବା ସମସ୍ତ ୱାର୍ଡମେମ୍ବରଙ୍କ ଦସ୍ତଖତ ଯାଞ୍ଚ କରିଛନ୍ତି। ସରପଞ୍ଚଙ୍କ ମନମୁଖୀ କାମ ଯୋଗୁଁ ପଞ୍ଚାୟତର ଉନ୍ନୟନ କାମ ବାଧାପ୍ରାପ୍ତ ହେଉଥିବା ୱାର୍ଡମେମ୍ବରମାନେ ଅଭିଯୋଗ କରିଛନ୍ତି। ନାଏବସରପଞ୍ଚ ମଞ୍ଜୁଲତା ବାରିକ୍, ୱାର୍ଡମେମ୍ବର ସୁକାନ୍ତି ବେହେରା, ଉମାମଣି ନାଏକ, ହରିହର ନାଏକ, ଇନ୍ଦୁମତୀ ଖଣ୍ଡା, ନାରାୟଣ ବିରୁଆ, ଅଳକା ବାରିକ୍ ପ୍ରମୁଖ ଦସ୍ତଖତ ଯାଞ୍ଚ ବେଳେ ଉପସ୍ଥିତ ଥିଲେ। ବିଡିଓଙ୍କ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ନୀଳମାଧବ ସୁନା କହିଛନ୍ତି। ଏପଟେ ଅନାସ୍ଥାକୁ ନେଇ ପଞ୍ଚାୟତ ରାଜନୀତି ସରଗରମ ହୋଇଛି। ଏହାକୁ ନେଇ ବିଜେପିର ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଛି।

# ଗୁଟ୍‌ଖା ବୋଝେଇ ଟ୍ରକ୍ ଅଟକ



ତୁରୁମୁଙ୍ଗା, ୨୭।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି କଣ୍ଟିଆପଡା ରାସ୍ତାର କଣ୍ଟିଆପଡା ନିକଟରେ ଏକ ଗୁଟଖା ବୋଝେଇ ଟ୍ରକକୁ ଅଟକ ରଖିଛି ତୁରୁମୁଙ୍ଗା ପୁଲିସ। ଟ୍ରକଟି ସମ୍ବଲପୁରରୁ ବଡ଼ବିଲକୁ ଗୁଟଖା ବୋଝେଇ କରି ଟୋଲ ଟାକ୍ସ ଫାଙ୍କିବାକୁ ଗ୍ରାମ୍ୟ ରାସ୍ତାରେ ଯାଉଥିବା ସମୟରେ ଗାଡ଼ିରେ ଥିବା ଗୁଟଖା ଅସଲି କି ନକଲି ସେ ସନ୍ଦେହରେ ଅଟକ ରଖିଛି ପୁଲିସ। ଗାଡ଼ିରେ ୪୦ ହଜାର ପ୍ୟାକେଟ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୪୪ ଲକ୍ଷ ଟଙ୍କାର ସାମଗ୍ରୀ ଥିବା ଜଣାପଡ଼ିଛି। ଥାନାଧିକାରୀ ସୌରଭ ପ୍ରଧାନ, ଦୀପ୍ତିରଞ୍ଜନ ସାହୁ ଗାଡ଼ିର ଯାଞ୍ଚ ଜାରି ରଖିଛନ୍ତି।

# ତେଲକୋଇ ବନାଞ୍ଚଳରେ ମାଈହାତୀ ଅସୁସ୍ଥ



ତେଲକୋଇ, ୨୭।୯ (ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ସେକ୍ସନରେ ଏକ ମାଈ ହାତୀ ଅସୁସ୍ଥ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀଟି ଆକୁଳ କାଳିମା ମଧ୍ୟରେ ଥିବା ଗୁଠୁଣି ଜଙ୍ଗଲରେ ବୁଲୁଥିବା ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ଏକ ବନ୍ୟପ୍ରାଣୀ ଚିକିତ୍ସକ ଦଳ ସ୍ଥାନୀୟ ଗୁଠୁଣି ଜଙ୍ଗଲରେ ପହଞ୍ଚି ହାତୀକୁ ନିରୀକ୍ଷଣ କରୁଛନ୍ତି। ଡ୍ରୋନ ଦ୍ୱାରା ହାତୀର ଗତିବିଧିକୁ ବିଶେଷଜ୍ଞ ଦଳ ଯାଞ୍ଚ କରୁଛନ୍ତି। ଆଗାମୀ ୨୪ ଘଣ୍ଟା ହାତୀର ଗତିବିଧି ଉପରେ ନଜର ରଖାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀର ସମ୍ମୁଖ ବାମ ଗୋଡ଼ରେ ଆଘାତ ଲାଗିଥିବା ସନ୍ଦେହ କରାଯାଇଛି। ତେବେ, ଉକ୍ତ ଜଙ୍ଗଲରେ ୪୪ ଟିକିଆ ହାତୀ ପଲ ଡେରା ପକାଇଥିବା ସୂଚନା ରହିଛି।

# ଲଣ୍ଡନ ସଂସଦରେ ଓଡ଼ିଆ ଶିକ୍ଷାବିତ୍ ସମ୍ମାନିତ



କେନ୍ଦୁଝର/ଆନନ୍ଦପୁର, ୨୭।୯ (ସମିସ): ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନ ସଂସଦ ଗୃହ ହାଉସ ଅଫ ଲର୍ଡସ୍‌ଠାରେ ଆୟୋଜିତ ଏକ ଆନ୍ତର୍ଜାତିକ ସମ୍ମିଳନୀରେ ଶିକ୍ଷାବିତ୍ ମଳୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି। କେନ୍ଦୁଝର ଜିଲ୍ଲାର ବିଦ୍ୟା ଭବନ ଓ ମନୋରମା ବିଦ୍ୟା ଭବନ ସ୍କୁଲର ପ୍ରତିଷ୍ଠାତା ତଥା ଗୋନାଶିକା ରିସର୍ଚ୍ଚ ଫାଉଣ୍ଡେସନର ନିର୍ଦ୍ଦେଶକ ମଳୟ ମହାପାତ୍ର ଏହି ଆନ୍ତର୍ଜାତିକ ଆଲୋଚନାଚକ୍ରରେ ଶ୍ରେଣୀଗୃହ ବ୍ୟତୀତ ବାହ୍ୟ ପରିବେଶକୁ ନେଇ ଜ୍ଞାନ ଆହରଣ ବିଷୟରେ ଆଲୋକପାତ କରିଥିଲେ। ଭାରତର ଉନ୍ନତ ପ୍ରାଚୀନ ଗୁରୁକୂଳ ଶିକ୍ଷା ବ୍ୟବସ୍ଥା ଓ ଏବେ ଏହାର ପ୍ରାସଙ୍ଗିକତାକୁ ଉପସ୍ଥାପନ କରିଥିଲେ। ସେପ୍ଟେମ୍ବର ୨୬ରେ ଏସିଆ ଟୁଡେ ମିଡିଆ ଓ ଇଣ୍ଡୋ-ୟୁରୋପ ରିଲେସନ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଲର୍ଡ କେ.ସି. ବ୍ରେନନ୍ ମଳୟଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ପୂର୍ବରୁ ଖ୍ରୀଷ୍ଟିଆନ ୟୁନିଭର୍ସିଟିରୁ ମଳୟ ସମ୍ମାନଜନକ ଡକ୍ଟରେଟ ଓ ଦୁବାଇଠାରେ ବିଶ୍ୱ ଶିକ୍ଷା ସମ୍ମିଳନୀରେ ଶିକ୍ଷା ପୁରସ୍କାର ୨୦୨୦ରେ ସମ୍ମାନିତ ହୋଇ ସାରିଛନ୍ତି। ୧୯୯୦ରେ କେନ୍ଦୁଝର ସାକ୍ଷରତା ଅଭିଯାନରେ କାର୍ଯ୍ୟ ଆରମ୍ଭ କରି ଖୁଦପସିଠାରେ ନିଜସ୍ୱ ପ୍ରଚେଷ୍ଟାରେ ବିଦ୍ୟା ଭବନ୍ ଆବାସିକ ବିଦ୍ୟାଳୟ ସ୍ଥାପନ କରି ଶତାଧିକ ଛାତ୍ରଛାତ୍ରୀଙ୍କୁ ମଣିଷ କରିବାରେ ମଳୟଙ୍କ ମୁଖ୍ୟ ଭୂମିକା ରହିଛି। ଏହାସହ ଗୋନାଶିକା ଗବେଷଣା କେନ୍ଦ୍ର ସ୍ଥାପନ କରି ଜିଲ୍ଲାର ବିଭିନ୍ନ ବିଷୟରେ ଗବେଷଣାତ୍ମକ କାର୍ଯ୍ୟ ଚାଲୁ ରଖିଛନ୍ତି।

# ଚଳଚ୍ଚିତ୍ର ଅଭିନେତ୍ରୀଙ୍କ ବିୟୋଗରେ ଶୋକ



ତୁରୁମୁଙ୍ଗା, ୨୭।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମର ଦିଲ୍ଲୀପ କୁମାର ସିଂହଙ୍କ ପତ୍ନୀ ତଥା କେନ୍ଦେଇପଶି ମଣ୍ଡଳ ସଭାପତି ଜୁଲୀୟସ ସିଂହଙ୍କ ମା ଚିନ୍ମୟୀ ସିଂହ (୬୪)ଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରି କଟକ ବଡ଼ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଶନିବାର ରାଜନଗର ଗ୍ରାମରେ ମୃତଦେହ ପହଞ୍ଚିବା ପରେ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସବୀର ଦାଶ, ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ର, ଧରଣୀଧର ଦାସ, ଅବସରପ୍ରାପ୍ତ ରେଞ୍ଜର ରଞ୍ଜନ ପାଣି, ସ୍ଥାନୀୟ ସମିତିସଭ୍ୟ ଅବନୀ ନାଏକ, ସରପଞ୍ଚ ସୁଧାଂଶୁ ନାଏକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବୈତରଣୀ ନଦୀକୂଳରେ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ଜୁଲିୟସ ମୁଖାଗ୍ନି ଦେଇଥିଲେ। ସେ ଓଡ଼ିଆ ଚଳଚ୍ଚିତ୍ର 'ସ୍ୱପ୍ନସାଗର ଓ ମାଣିକ'ରେ ପାର୍ଶ୍ୱ ଅଭିନେତ୍ରୀ ଭାବରେ ଅଭିନୟ କରି ବହୁ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲେ।

# ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ





ବାଲିବନ୍ଧ, ୨୭।୯ (ସମିସ): ପ୍ରଧାନମନ୍ତ୍ରୀ ଝାରସୁଗୁଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପ୍ରକଳ୍ପ ଶିଳାନ୍ୟାସ କରିବା ସହି ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ଶୁଭାରମ୍ଭ କରିଥିଲେ। ଏହିକ୍ରମରେ ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତରେ ମଧ୍ୟ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବିଡିଓ ହୃଦାନନ୍ଦ ଅଢାଙ୍କ ତତ୍ତ୍ୱାବଧାନରେ ବଣ୍ଟନ କରାଯାଇଛି। ଧାର୍ଯ୍ୟ ସମୟସୀମା ଭିତରେ ଗୃହ କାର୍ଯ୍ୟ ଶେଷ କଲେ ଅଧିକ ୨୦ହଜାର ବୋନସ ଦିଆଯିବ ବୋଲି ହିତାଧିକାରୀଙ୍କୁ କୁହାଯାଇଛି। ଅର୍ଶଳା ପଞ୍ଚାୟତରେ ୨୦, ଅସନପାଟରେ ୧୩, ବଡଡୁମୁରିଆରେ ୧୧, ବଡନେଉଳିରେ ୧୨, ବାଲିବନ୍ଧରେ ୨୩, ବାରିଆରେ ୧୧, ବସନ୍ତପୁର ୩, ଚଉଠିଆରେ ୯, ଧନୁର୍ଜୟପୁରରେ ୮, ଗୁମୁରାରେ ୧୭, ଗୁଣ୍ଡୁଣିଆଁରେ ୧୨, ଝୁମ୍ପୁରାରେ ୨୮, ଖେଣ୍ଡରା ୧୮, ଖୁଣ୍ଟାପଡାରେ ୧୭, କୁଟୁଗାଁ ପଞ୍ଚାୟତରେ ୫, ମଲଦା ପଞ୍ଚାୟତ ୧୧, ନହବେଡାରେ ୧୮, ନାରଦପୁରରେ ୧୩, ନୟାଗଡ଼ରେ ୩, ନିଶ୍ଚିନ୍ତପୁରରେ ୧୫, ଟୁକୁଡିହାରେ ୧୧ ଏବଂ ଉଖୁଣ୍ଡା ରେ ୯ ଜଣ ମୋଟ ୨୮୭ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଛି।

**ଚମ୍ପୁଆ:** ଚମ୍ପୁଆ ବ୍ଲକର ୨୨ଟି ପଞ୍ଚାୟତର ସମୁଦାୟ ୨୨୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ଏବିଡିଓ ଚୁନୁ ହାଁସଦା, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାଏକ, ଚେୟାରମେନ ସୁରେଶ ନାଏକ, ଏମଏଲଏ ଓ ଏମପିଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଓ ସମିତିସଭ୍ୟ, ସରପଞ୍ଚ, ପିଆଇଓ, ଏଡିଓ, ପଞ୍ଚାୟତସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ପୋଗ୍ରାମ କୋର୍ଡିନେଟର, ଓଏଲଏମ, ବିପିଏମ ସଂଯୋଜନା କରିଥିଲେ।

# କିଡ୍‌ସ କ୍ଲବ୍‌ର ଗଣେଶ ଭସାଣ





ଆନନ୍ଦପୁର, ୨୭।୯ (ସମିସ): ଆନନ୍ଦପୁର ସହରରେ ବହୁ ପ୍ରତୀକ୍ଷିତ ଗଣେଶ ଭସାଣି ଉତ୍ସବ ଆଜି ଶେଷ ହୋଇଛି। ଶେଷ ଦିନରେ କିଡସ କ୍ଲବ୍ ପକ୍ଷରୁ ଭସାଣି ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଇଛି। ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଆନନ୍ଦପୁର ଥାନା ଅଧିକାରୀ ଫଣୀନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲା।

## ବାରିପଦା କଳାକାର ପକ୍ଷରୁ ଓଡ଼ିଶା ନାଟ୍ୟ ସଙ୍ଘ ଦିବସ ପାଳିତ

# ଧୀର ବସା, ଡ. କୁମରମଣି ଓ ଚିନ୍ମୟ ଦାସ ସମ୍ବର୍ଦ୍ଧିତ




ବାରିପଦା, ୨୭।୯ (ସମିସ): ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ସଙ୍ଘ ତରଫରୁ ୩୮ତମ ଓଡ଼ିଶା ନାଟ୍ୟ ସଙ୍ଘ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ନାଟ୍ୟ ସଙ୍ଘର ଉତ୍ତର ଓଡ଼ିଶା ଜୋନର ଉପସଭାପତି ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓମ୍ ନାଟ୍ୟ ସଂସ୍ଥାର ପ୍ରତିଷ୍ଠାତା ତଥା ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା ଅତିଥି ଭାବେ ଯୋଗଦେଇ ମଞ୍ଚ ନାଟକ ପ୍ରତି ନାଟ୍ୟ ସଙ୍ଘର ଭୂମିକାକୁ ପ୍ରଶଂସା କରିଥିଲେ। ଓ ଶ୍ରୀ ବେହେରା ଓଡ଼ିଶା ନାଟ୍ୟ ସଙ୍ଘ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନୂପୁର ନାଟ୍ୟ ସଂସ୍ଥାର ମୁଖ୍ୟ ତଥା ବରିଷ୍ଠ ନିର୍ଦ୍ଦେଶକ ଓ ନାଟ୍ୟକାର ଡ. କୁମରମଣି ନାୟକ ନାଟକ ପ୍ରତି ନିଷ୍ଠାବାନ ହେବା ପାଇଁ ଯୁବ କଳାକାରଙ୍କୁ ଆହ୍ୱାନ ଦେଇଥିଲେ। ସଂଯୋଜକ ବ୍ରିଜେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାରିପଦା କଳାକାର ପରିବାର ଏକ ସାଧାରଣ ପରିଷଦ ବୈଠକ ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଅନଦାଶଙ୍କର ଦାଶ ଓ ପ୍ରକାଶ ଚନ୍ଦ୍ର ଦାଶ, ପୂର୍ବତନ ସଭାପତି ଧୀର ବସା ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚିନ୍ମୟଦାସ ପଟ୍ଟନାୟକ ଓ କ୍ଷିରୋଦ ବିହାରୀ ସିଟ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ସମ୍ପାଦକ ଅସିତ କୁମର ଗିରି ସଫଳ ଆୟୋଜନ ପାଇଁ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ବର୍ଷ ବାରିପଦା କଳାକାର ପରିବାର ଦ୍ୱାରା ଏକ ରାଜ୍ୟସ୍ତରୀୟ ନାଟକ ଉତ୍ସବ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଧୀର ବସା, ଡ଼ କୁମରମଣି ନାୟକ ଓ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସନ୍ତୋଷ ମହାନ୍ତି, ରତିକାନ୍ତ ବେହେରା, ପ୍ରୟାସ ଶତପଥି ସତ୍ୟନାରାୟଣ ଦାସ, ବ୍ରିଜେନ୍ଦ୍ର ରାଉତ, କୁନ୍ଦନଲାଲ ଭଞ୍ଜ ଓ ମହେଶ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପଟ୍ଟନାୟକ, ଜଗଦୀଶ ଚନ୍ଦ୍ର ଦାସ, ସମରେନ୍ଦ୍ର ବସା ଉପସ୍ଥିତ ଥିଲେ। ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବସୁଧା ପ୍ରକଳ୍ପ ନିର୍ମାଣ ଶେଷ କରିବାକୁ ଗ୍ରାମବାସୀଙ୍କ ଦାବି



ରାଇରଙ୍ଗପୁର, ୨୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଏକତାଳି ଗ୍ରାମର ଅଧପନ୍ତରିଆ ଓ ନିମ୍ନମାନର ବସୁଧା ପ୍ରକଳ୍ପ ନିର୍ମାଣ ନେଇ ଗ୍ରାମବାସୀ ରାଇରଙ୍ଗପୁର ପଞ୍ଚାୟତିରାଜ ଓ ଜଳ ଯୋଗାଣ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଲକ୍ଷାଧିକ ଟଙ୍କାରେ ବ୍ୟୟ ଗ୍ରାମରେ ଗତ ୪ବର୍ଷରୁ ଊର୍ଦ୍ଧ୍ୱ ବସୁଧା ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଥିସହିତ ଠିକାଦାର ପରୀକ୍ଷା କରିବା ପାଇଁ ଜଳ ଭଣ୍ଡାରରେ ପାଣି ଭର୍ତ୍ତି କରିଥିବା ବେଳେ ସେହି ଟାଙ୍କିର ପାଣି ଲିକ୍ କରୁଥିବାରୁ ତାହା ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ହେଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଶୀଘ୍ର ଟାଙ୍କି ନିର୍ମାଣ ସହିତ ନିମ୍ନମାନର କାର୍ଯ୍ୟ କରୁଥିବା ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ; ନହେଲେ ବିଭାଗୀୟ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଗ୍ରାମବାସୀ ଗଣମାଧ୍ୟମ ପାଖରେ ପ୍ରତିକ୍ରିୟା ରଖିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ପାଞ୍ଜୁରାମ ଟୁଡୁ, ବିକ୍ରମ ବେଶ୍ରାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକ୍ଅପ୍ ଜବତ; ୨ ଅଟକ



ମହୁଲଡିହା/ଠାକୁରମୁଣ୍ଡା, ୨୭।୯ (ସମିସ): ଠାକୁରମୁଣ୍ଡା ଥାନା ପୁଲିସ ଶନିବାର ଦୁଇଟି ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହିତ ଦୁଇଜଣଙ୍କ ଅଟକ ରଖି ପଚରାଉଚୁରା କରୁଛି। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପୁଲିସ କର୍ମଚାରୀଙ୍କ ସହିତ ୨୭ ତାରିଖ ଭୋର ୪ଟାରେ ଠାକୁରମୁଣ୍ଡା - କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୨ଟି ପିକଅପରେ ୨୦ଟି ଗୋରୁ ଚାଲାଣ ହେଉଥିଲା। ପରେ ଗାଡିକୁ ପୁଲିସ ଅଟକାଇ ଥାନାକୁ ଆଣିଛି। ଜଣେ ଗାଡି ଚାଳକ ଫେରାର ହୋଇଯାଇଛି। ଅନ୍ୟ ୨ ଜଣଙ୍କୁ ପୁଲିସ ଅଟକ ରଖି ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପୁଣି ଅଘୋଷିତ ବିଦ୍ୟୁତ କାଟ; ବଢୁଛି ଅସନ୍ତୋଷ

ପୁରୁଣିଆ, ୨୭।୯ (ସମିସ): କିଛିଦିନ ଅନ୍ତରରେ ପୁଣି ଆରମ୍ଭ ହୋଇଛି ଅଘୋଷିତ ବିଦ୍ୟୁତ କାଟ। ପାର୍ବଣ ସମୟରେ ଏପରି ବିଦ୍ୟୁତ କାଟରେ ଲୋକେ ଅସହ୍ୟ ହେଲେଣି। ବିଦ୍ୟୁତ ବିଭାଗର ବୈଶିଙ୍ଗା ସେକ୍ସନ ଅନ୍ତର୍ଗତ ପୁରୁଣିଆ, ବଙ୍ଗାଳିଡାହି ଓ ବାଛୁରୀପଡ଼ା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ଦିଆ ନ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ମନଇଚ୍ଛା ବିଦ୍ୟୁତ୍ କାଟ ହେଉଛି। ଫଳରେ ଲୋକେ ଗୁଳୁଗୁଳି ଏବଂ ଗରମରେ ଆଉଟପାଉଟ ହେଉଛନ୍ତି। ଏ ନେଇ ବିଦ୍ୟୁତ ବିଭାଗକୁ ଫୋନ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଫୋନ କଲ ଉଠାଉନାହାଁନ୍ତି। ଯଦି କେତେବେଳେ ଉଠାଉଛନ୍ତି ତ କିଛି ଉତ୍ତର ଦେଉନାହାଁନ୍ତି। ତେଣୁ ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଏଡାଇ ଦେଇ ହେବନାହିଁ।

## ରାଷ୍ଟ୍ରୀୟ ଯୁବ ରେଡ୍କ୍ରସ ସେବା ଉଦ୍‌ଘାଟିତ




ଶୁଳିଆପଦା, ୨୭।୯ (ସମିସ): ଶୁଳିଆପଦା ବ୍ଲକ ଗୌରମୋହନ ସାଥୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋଷ୍ଠାରେ ଯୁବ ରେଡ୍କ୍ରସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଦେବବ୍ରତ ଦେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ପୂର୍ବତନ ୱାଇଆରସି ଜିଲ୍ଲା ସଂଯୋଜକ ଡ. ଦିଲ୍ଲୀପ କୁମାର ଭୋଇ, ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଣିଦାର ଯୋଗଦେଇଥିଲେ। ମୁଖ୍ୟଅତିଥି ପିଲାମାନଙ୍କୁ ରେଡ୍କ୍ରସ ଆନ୍ଦୋଳନର ସମାଜ ସେବା, ରକ୍ତଦାନ, ଦୁର୍ଯୋଗ ସହାୟତା ଓ ଜନ ଜାଗରଣ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ତର୍କଶାସ୍ତ୍ର ବିଭାଗର ଅଧ୍ୟାପିକା ବାହା ମାର୍ଣ୍ଡି ଯୁବ ରେଡ୍କ୍ରସର ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। ଅଧ୍ୟାପକ ଅନୀଲ କୁମାର ଭୂୟାଁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ସୁଚିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆରଏସଏସ୍‌ର ଶତାବ୍ଦୀ ଉଦ୍‌ଘାଟନ ଉତ୍ସବ



ମହୁଲଡିହା, ୨୭।୯ (ସମିସ): କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ଉଦ୍‌ଘାଟନ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସଞ୍ଜୟ କୁମାର ସାହୁ ଯୋଗଦେଇ ରାଷ୍ଟ୍ରର ବିପତ୍ତି ସମୟରେ ସଙ୍ଘର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ପ୍ରାନ୍ତର ସହ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ଯୋଗ ଦେଇଥିଲେ। ଶ୍ରୀ ଦାସ ଆରଏସଏସ ୧୯୨୫ ମସିହା ବିଜୟା ଦଶମୀରୁ ଶହେ ବର୍ଷର ଯାତ୍ରାରେ ବ୍ୟକ୍ତି ଓ ରାଷ୍ଟ୍ର ନିର୍ମାଣରେ ସଙ୍ଘର ଭୂମିକା ଏବଂ ଇତି ମଧ୍ୟରେ ବିଶ୍ୱର ସର୍ବବୃହତ ସ୍ୱୟଂସେବୀ ସଙ୍ଗଠନ ଭାବେ ପ୍ରତିପାଦିତ କରିଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସାମାଜିକ ସମରସତା ପ୍ରମୁଖ ପର୍ଶୁରାମ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରଠାରୁ କେନ୍ଦୁଜିଆଣୀ ବଜାର ପର୍ଯ୍ୟନ୍ତ ସଞ୍ଚଳନ କାର୍ଯ୍ୟକ୍ରମରେ ପ୍ରାୟ ୩୭୦ ଜଣ ସ୍ୱୟଂସେବକ ଯୋଗ ଦେଇ କରିଥିଲେ।

## ଓପିଏସସି ପରୀକ୍ଷାରେ ଦୁଇ ଆଦିବାସୀ ଝିଅ ସଫଳ





ମହୁଲଡିହା/ଠାକୁମୁଣ୍ଡା, ୨୭।୯ (ସମିସ): ଶୁକ୍ରବାର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏଥିରେ ଠାକୁରମୁଣ୍ଡା ଅଞ୍ଚଳର ଦୁଇ ଆଦିବାସୀ ଦିନ ମଜୁରିଆଙ୍କ ଝିଅ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଉଭୟ ଅତ୍ୟନ୍ତ ଗରିବ ପରିବାରର। ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତ ଗୋବରଯୋଡ଼ା ଗ୍ରାମର ଭୈରବ ଚରଣ ମାଝୀଙ୍କ ଝିଅ ବିନିତୀ ମାଝୀ ଓଡ଼ିଶା ପ୍ରଶାସନିକ ସେବାର ପରୀକ୍ଷାରେ ୩୮୪ ସ୍ଥାନରେ କୃତିତ୍ୱ ହାସଲ କରିଛନ୍ତି। ସେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୧୬ରେ ମାଟ୍ରିକ ପାସ ପରେ ବାରିପଦା ଏମପିସି ଜୁନିୟର କଲେଜରେ ଯୁକ୍ତଦୁଇ ବିଜ୍ଞାନ କରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟରେ ବିଏସସିରେ ସ୍ନାତକ ପାସ କରିଛନ୍ତି। ପରେ ଭୁବନେଶ୍ୱରରେ ରହି ଓଡ଼ିଶା ପ୍ରଶାସନିକ ସେବା ପରିକ୍ଷା ପାଇଁ ପ୍ରସ୍ତୁତି ହେଉଥିଲେ। ଭୈରବ ଜଣେ ରାଜମିସ୍ତ୍ରି ଭାବେ କାମ କରନ୍ତି। ସେହିପରି ଭରାଣ୍ଡିହା ପଞ୍ଚାୟତ ଭରାଣ୍ଡିହା ଗ୍ରାମର ରବି ବାଇଁଶିଆ ଭଦ୍ରକରେ ରହି ରାଜମିସ୍ତ୍ରୀ ଭାବେ କାମ କରନ୍ତି। ତାଙ୍କ ଝିଅ ଟୁନୀରାଣୀ ବାଇଁଶିଆ ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୫୭ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଭାବ ଅନଟନ ଭିତରେ ବଢ଼ିଥିବା ଝିଅ ଟୁନୀରାଣୀ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୧୭ ମସିହାରେ ମାଟ୍ରିକ ପାସ ପରେ ଧରଣୀଧର କଲେଜ କେନ୍ଦୁଝରରେ ସ୍ନାତକ ପାସ କରିଥିଲେ। କୋଚିଂ ପାଇଁ ଦିଲ୍ଲୀରେ ରହି ପ୍ରସ୍ତୁତି କରୁଥିଲେ। ପରେ ଭୁବନେଶ୍ୱରରେ ରହି ପ୍ରସ୍ତୁତି ଚଳାଇଥିଲେ। ପ୍ରଥମ ପଦକ୍ଷେପରେ ଉଭୟ ଓଡ଼ିଶା ପ୍ରଶାସନିକ ସେବାର ପରୀକ୍ଷାରେ ସଫଳ ହୋଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଆର୍‌କେ ଜୁନିୟର କଲେଜରେ ସ୍ୱେଚ୍ଛାସେବୀ ତାଲିମ ଶିବିର



ବିଜାତଳା, ୨୭।୯ (ସମିସ): ବିଜାତଳା ବ୍ଲକ ଅଧୀନ ଲୁହାଶିଳାସ୍ଥିତ ଆର୍‌କେ ଜୁନିଅର କଲେଜରେ ଯୁବ ରେଡକ୍ରସ ଶାଖା ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ କବି ସଂଗ୍ରାମ ଶତପଥୀଙ୍କ ସଭାପତିତ୍ୱରେ ଆଲୋଚନାଚକ୍ରରେ ଅଧ୍ୟାପକ ଅଜୟ କୁମାର ଗିରି ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାସେବୀ ହେବାକୁ ଅନୁପ୍ରାଣିତ କରିଥିଲେ। ଯୁବ ରେଡକ୍ରସ କ୍ଲବର ସଞ୍ଚାଳକ ସଞ୍ଜୀବ କୁମାର ଗିରି ସ୍ୱେଚ୍ଛାସେବୀର ଗୁଣ ଓ ସ୍ୱେଚ୍ଛାସେବୀର ଆବଶ୍ୟକତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶଶିକାନ୍ତ ନନ୍ଦ, ରୂପ ନାରାୟଣ ମାଝୀ, ଅନୀଲ କୁମାର ଗିରି, ରମାକାନ୍ତ ପତ୍ର, ପ୍ରହ୍ଲାଦ ସ୍ୱାଇଁ, ଯୋଗେଶ୍ୱର ଟୁଂ, ଅଶୋକ ବେହେରା, ମାୟାଧର ସି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁଦୀପ ସରକାର, ରାଧାନାଥ ଗିରି, ନାନୀକାନ୍ତ ନନ୍ଦ, ଭଜହରି ମାଝୀ, ନନ୍ଦ କିଶୋର ହେମ୍ବ୍ରମ, ସାଗ୍ରାମ ଟୁଡୁ, ରାମଦାସ ମାଝି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବଡ଼ଓଲିଆ ଡାକ୍ତରଖାନାରେ ରକ୍ତଦାନ ଶିବିର



କୁଆମରା, ୨୭।୯ (ସମିସ): ଖୁଣ୍ଟା ବ୍ଲକ ଭୋଲାଗଡ଼ିଆ ପଞ୍ଚାୟତସ୍ଥିତ ବଡଓଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏହି ଅବସରରେ ଶିଶୁ ବିଶେଷଜ୍ଞ, ସ୍ତ୍ରୀ ରୋଗ ବିଶେଷଜ୍ଞ, ଦନ୍ତ ବିଶେଷଜ୍ଞ, ଫିଜିଓଥେରାପି ବିଶେଶଜ୍ଞଙ୍କଠାରୁ ୨ ଶହରୁ ଊର୍ଦ୍ଧ୍ୱ ଲୋକ ଚିକିତ୍ସା ପାଇ ପାରିଛନ୍ତି। ଡା. ଅର୍ଜୁନ ସବ୍ୟସାଚୀ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ରବୀନ୍ଦ୍ର ନାଥ ସିଂ, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ କୁମାର ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟ ହୃଦାନନ୍ଦ ମୁର୍ମୁ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିପିଏମ୍ ସୀମା ରାଉତ, ବିଡିଓ ସତ୍ୟଜିତ ରାଉତ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ହାତୀମୁଣ୍ଡି ଗାଁରୁ ୫ଟି ଖାସି ଚୋରି

କରଞ୍ଜିଆ, ୨୭।୯ (ସମିସ): ଯଶିପୁର ଥାନା ଅଧୀନ ହାତୀମୁଣ୍ଡି ଗ୍ରାମର ଶିଶିର କୁମାର ଗୁଲିଆଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପରିବାର ଲୋକଙ୍କୁ ବାହାରପଟୁ ତାଲା ପକାଇ ଦେଇ ୫ଟି ୫ଟି ବଡ ଛେଳି ଖାସୀ ଚୋରି କରି ନେଇ ପଳାଇଛନ୍ତି। ପରେ ଏ ନେଇ ଶ୍ରୀ ଗୁଲିଆ ଯଶିପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା, ୨୭।୯ (ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଗଡ଼ଦେଉଳିଆ ନିକଟରେ ୨୫ ତାରିଖରେ ଘଟିଥିବା ସ୍କୁଟି ଦୁର୍ଘଟଣାରେ ଆହତ ଯୁବକଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗୁରୁବାର ରାତି ୮ଟାରେ ଶମ୍ଭୁନାଥ ସ ଓ ଦୀପକ ବାଲେଶ୍ୱରରୁ ବାରିପଦା ଯାଉଥିବା ବେଳେ ଗଡ଼ଦେଉଳିଆଠାରେ ପ୍ରବଳ ବର୍ଷା ଯୋଗୁଁ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଫଳରେ ଶମ୍ଭୁନାଥଙ୍କର କିଛି ହୋଇନଥିବା ବେଳେ ଦୀପକଙ୍କ ଘଟଣାସ୍ଥଳରେ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

## ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ



ବେତନଟୀ, ୨୭।୯ (ସମିସ): ମହାବିଦ୍ୟାଳୟରେ ଗତକାଲି ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏହାବ୍ୟତୀତ ଡ. ଅଭିଷେକ ମହାନ୍ତ, ଅଭିଜିତ ମହାନ୍ତି, ଭାନୁପ୍ରିୟା ମାଝୀ, ଯୁବ ରେଡ୍କ୍ରସ୍ କାଉନସେଲର ରାଜନ୍ କୁମାର ମିଶ୍ର, ମନୀଷା ରାଣୀ ଅଗ୍ରୱାଲ, ରୋଭର୍ସ ଏଣ୍ଡ ରେଞ୍ଜର୍ସର କାଉନସେଲର୍ ସନ୍ଦୀପ ତୁଙ୍ଗଡୁଙ୍ଗ ଏବଂ ସୋନାଲି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଦୈବଦୁର୍ବିପାକ ଜନିତ କ୍ଷୟକ୍ଷତି ଏବଂ ବଜ୍ରପାତର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଡକ୍ଟର ଅଭିଷେକ ମହାନ୍ତ ବଜ୍ରପାତ ଏବଂ ଘଡ଼ଘଡ଼ିର ସୃଷ୍ଟି ପ୍ରକ୍ରିୟା ତଥା ଏହାସହ ଜଡିତ ବିଜ୍ଞାନମୂଳକ ପ୍ରସଙ୍ଗକୁ ଉପସ୍ଥାପନ କରିଥିଲେ। ଶେଷରେ ଭାନୁପ୍ରିୟା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୁସଂସ୍କାର ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ



ସାନକେରକୋ, ୨୭।୯ (ସମିସ): ସାନକେରକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ନାସା ଫାଉଣ୍ଡେସନ ପକ୍ଷରୁ ଏକ କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଦାନନ୍ଦ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡ. ସରୋଜ ନାୟକ ଯୋଗଦେଇ ପିପିଟି ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ କେବଳ ଏକ ବିଷୟ ନୁହେଁ, ଏକ ଜୀବନଶୈଳୀ ଏବଂ ନିଜକୁ କୁସଂସ୍କାର ଅନ୍ଧବିଶ୍ୱାସରୁ ଦୂରେଇ ରଖି ସ୍ୱାଧୀନ ଚିନ୍ତା କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ଅମିତାଭ ମିଶ୍ର ଓ ଅତିଥିରୂପେ ଶିକ୍ଷକ ଅନିଲ କୁମାର ମହାପାତ୍ର ଅଶ୍ୱିନୀ କୁମାର ପାତ୍ର, ସତ୍ୟଜିତ ତରେଇ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବବି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରା ମଦ ଜବତ; ୨ ଗିରଫ

କୁଆମରା, ୨୭।୯ (ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ୨ଜଣଙ୍କୁ ଗିରଫ କରିବା ସହ ୪୩ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ଥାନା ଅଧିକାରୀ ମମତା ଦାସଙ୍କ ନେତୃତ୍ୱରେ ଥାନା ଅଧୀନ କିରିକିଚିଆ ଗ୍ରାମର ଶ୍ରୀମତୀ ସୋରେନ (୪୦)ଙ୍କ ପାଖରୁ ୨୬ ଲିଟର ଓ ଚୁନଡିହା ଗ୍ରାମର ଭୀମ ବେହେରା (୪୫)ଙ୍କ ପାଖରୁ ୧୭ ଲିଟର ମଦ ଜବତ ହୋଇଛି। ପୃଥକ ମାମଲା ରୁଜୁ ହେବାସହ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢଉରେ କୃଷ୍ଣଚନ୍ଦ୍ର ସେଠୀ, ଗୌତମ ମହାନ୍ତ ଓ ନିରଞ୍ଜନ ମହାନ୍ତ ସାମିଲ ହୋଇଥିଲେ।

# ଦ୍ୱାରଶୁଣୀ ଘାଟିରେ ଭାରୀଯାନ ଚଳାଚଳ କଟକଣା ଦାବି



ବାରିପଦା, ୨୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ୪ଟି ଉପଖଣ୍ଡକୁ ଯୋଗାଯୋଗ କରୁଥିବା ଦ୍ୱାରଶୁଣୀ ଘାଟି ମଧ୍ୟରେ ଯାତାୟାତ ବର୍ତ୍ତମାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତ୍ୟେକ ଦିନ ହଜାର ହଜାର ଖଣିଜ ପଦାର୍ଥ ବୋଝେଇ ଟ୍ରକ୍/ଟ୍ରେଲର ଯିବା ଆସିବା ଯୋଗୁଁ ସାଧାରଣ ଜନତା ବହୁ ସମସ୍ୟାରେ ପଡୁଛନ୍ତି ବୋଲି ଅଭିଯୋଗ ହେଉଛି। ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ, ଆମ୍ବୁଲାନ୍ସ ସେବା, ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏପରିକି ସେହି ରାସ୍ତାଦେଇ ପ୍ରତ୍ୟେକ ଦିନ ଯିବା ଆସିବା କରୁଥିବା ସାଧାରଣ ଜନତା ଘଣ୍ଟା ଘଣ୍ଟା ଜାମ୍ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଦୁର୍ଗା ପୂଜାର ସମୟ ହୋଇଥିବାରୁ ଜିଲ୍ଲା ଏବଂ ଜିଲ୍ଲା ବାହାର ବହୁ ଶ୍ରଦ୍ଧାଳୁ ପ୍ରତ୍ୟେକ ଉକ୍ତ ରାସ୍ତା ଦେଇ ପାର୍ବଣର ମଜା ନେଇଥାନ୍ତି। ମାତ୍ର ଦ୍ୱାରଶୁଣୀ ଘାଟିରେ ହେଉଥିବା ଜାମକୁ ଦେଖି ବହୁ ଶ୍ରଦ୍ଧାଳୁ ମୟୂରଭଞ୍ଜ ଭିତରେ ବୁଲିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ଭେଟି ରାତି ୧୦ଟା ପର୍ଯ୍ୟନ୍ତ ମାଲବାହୀ ଗାଡି ଘାଟି ଦେଇ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଛାତ୍ର ସମ୍ପାଦକ ସଞ୍ଜୟ ମାହାର୍ଣ୍ଣା, ରୁଦ୍ର ପଟ୍ଟନାୟକ, ଦୀପକ୍ ବେହେରା, ସତ୍ୟ ପୃଷ୍ଟେ ଓ ସୋମ୍ୟରଞ୍ଜନ ଦାସବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ପରିମାଣର ଗଞ୍ଜେଇ ଜବତ; ମହିଳା ଗିରଫ

ବାରିପଦା, ୨୭।୯(ସମିସ): ବାରିପଦା ଅବକାରୀ ଉପ-ଅଧିକ୍ଷକ ତପସ୍ୱିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦା ସଦର ଅବକାରୀ ନିରୀକ୍ଷକ ସ୍ୱପ୍ନାରାଣୀ ସାହୁ ଏବଂ ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଭଞ୍ଜପୁର ଥାନା ଅନ୍ତର୍ଗତ ଷ୍ଟାଡିୟମ ଗୋଲେଇ ଛକ ନିକଟରେ ଚଢ଼ଉ କରାଯାଇ ୨ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଢାମରା ଗ୍ରାମର ଶକୁନ୍ତଳା ଗୋଛାୟତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଚଢ଼ଉରେ ଦେଉଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ମୋରଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ରାଉତ, ସଦର ସହ ଉପନିରୀକ୍ଷକ ପ୍ରହଲ୍ଲାଦ ବିଶ୍ୱାଳ, କନେଷ୍ଟବଳ ରଜନୀକାନ୍ତ ବେହେରା, ଦିବ୍ୟାଙ୍ଗଶୁ ପଣ୍ଡା, ଦେବରାଜ ସାହୁ, ସମୀର ରଞ୍ଜନ ଜେନା, ସବିତା ମହନ୍ତ, ପ୍ରଭାତୀ ମଲ୍ଲ ପ୍ରମୁଖ ସାମିଲ ଥିଲେ। ଏନେଇ ବାରିପଦା ସଦର ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

## ନୂଆ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ଶୁଭେଚ୍ଛା

ଠାକୁରମୁଣ୍ଡା, ୨୭।୯ (ସମିସ): ପଶ୍ଚିମ ମୟୂରଭଞ୍ଜ କଂଗ୍ରେସର ନୂତନ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କୁ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଗଠନ ମାଧ୍ୟମରେ ପ୍ରତ୍ୟେକ କଂଗ୍ରେସ କର୍ମୀ,, ବୁଦ୍ଧିଜୀବୀ ଲୋକଙ୍କ ମତାମତ ସଂଗ୍ରହ କରି ଭୂବନ ବିହାରୀ ସାହୁଙ୍କୁ ପୁର୍ନବାର ଏଆଇସିସି ପଶ୍ଚିମ ମୟୂରଭଞ୍ଜ ସଭାପତି ଭାବରେ ରାଜ୍ୟ ସଭାପତି ହୋଇଥିବାରୁ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ତ୍ରିପାଠୀ, ଜବାମଣୀ ଟୁଡୁ, ପ୍ରକାଶ ନାଏକ, କାଶୀନାଥ ବାଇଁସିଆ ପ୍ରମୁଖ ପିସିସି ସଭାପତି ଭକ୍ତ ଦାସ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରଭାରୀ ନିତିନ କୁମ୍ଭାଲକରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସିକଲ୍ ସେଲ ଚିହ୍ନଟ ଶିବିର



ଶରତ,୨୭।୯(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଆଶାକର୍ମୀ ରମଣୀ ପାତ୍ର ଏବଂ ଏଏନଏମ ପ୍ରିୟଦର୍ଶିନୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ପର୍ଯ୍ୟାୟରେ ୬୮ ଜଣ ଛାତ୍ରୀଙ୍କଠାରୁ ସିକ୍‌ଲ ସେଲ ଚିହ୍ନଟ ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ପରେ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେବତୀ ସିଂ ସ୍ୱାଗତିକା ମହାନ୍ତି ପରିଚାଳନା କରାଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓପିଏସ୍ ପରୀକ୍ଷାରେ ୨୧୯ ସ୍ଥାନରେ ଲୋହିତ ମହାନ୍ତ

କରଞ୍ଜିଆ/ଖୁଣ୍ଟିଂ,୨୭।୯(ସମିସ): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ ଅର୍ଜୁନବିଲ୍ଲା ପଞ୍ଚାୟତ ଅନ୍ତର୍ଗତ ଆଦିପୁର ଗ୍ରାମର ଲୋହିତ କୁମାର ମହାନ୍ତ ୨୧୯ ସ୍ଥାନରେ ରହି ଅଞ୍ଚଳ ତଥା ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ବାପା ରତ୍ନାକର ମହାନ୍ତ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ମାଆ ଜୟନ୍ତୀ ମହାନ୍ତ ଖଜୁରୀ ସାଗର (କରଞ୍ଜିଆ) ସରକାରୀ ହାଇସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ। ଲୋହିତ ପ୍ରାଥମିକ ଶିକ୍ଷା ନିୟୁନ୍ତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳଳୟରେ ଶେଷ କରିବା ପରେ କରଞ୍ଜିଆ ସରକାରୀ ହାଇସ୍କୁଲ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓ ଶେଷରେ ରର୍‌କୀ ଆଇଆଇଟିର ଭୂତତ୍ତ୍ୱ ବିଭାଗରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଉଲ୍ଲେଖନୀୟ ଯେ, କେବଳ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଲୋହିତ କୁମାର ଏହି ଅନନ୍ୟ ସଫଳତା ପାଇଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ସାଉଁଟିଛନ୍ତି।



### ଚାକଡି ଗାଁରେ ଦାଶାୟଁ ନାଚ ଓ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

# ଭୁଆଙ୍ଗ ଓ ଘଣ୍ଟର ତାଳେ ତାଳେ ନାଚିଲେ ଆଦିବାସୀ

ବହଳଦା,୨୭।୯(ସମିସ)

ତିରିଂ ବ୍ଲକ ଅନ୍ତର୍ଗତ ପଡାଚାକଡି ଗ୍ରାମରେ ସାର ସାଗୁନ୍ ସାରନା ସେମଲେଦ୍ ସଂଗଠନ ପକ୍ଷରୁ ୪୩ତମ ବାର୍ଷିକ ଦାଶାୟଁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆଦିବାସୀ ସାନ୍ତାଳ ସଂପ୍ରଦାୟର ବହୁ ପୁରାତନ ଲୋକନୃତ୍ୟ ମଧ୍ୟରୁ ଅନ୍ୟତମ। ପରମ୍ପରା ଅନୁସାରେ ବିଭିନ୍ନ ପୂଜା, ପର୍ବପର୍ବାଣୀ ସମୟରେ ବିଭିନ୍ନ ପ୍ରକାରର ପାରମ୍ପରିକ ନୃତ୍ୟ ରହିଛି। ସାନ୍ତାଳୀ ସାମ୍ପ୍ରଦାୟର ଲୋକେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ଋତୁ ଅନୁଯାୟୀ ପାଳନ ହୁଏ ଏହି ପର୍ବ। ଆଉ ପର୍ବ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ ସ୍ୱତନ୍ତ୍ର ବାଦ୍ୟର ତାଳ ଓ ନୃତ୍ୟ ଶୈଳୀ। ବର୍ଷତମାମ ପର୍ବପର୍ବାଣିରେ ଅନେକ ପ୍ରକାର ପାରମ୍ପରିକ ନୃତ୍ୟ ଦେଖିବାକୁ ମିଳେ। ଆଶ୍ୱିନ ମାସର ଅମାବାସ୍ୟା ଦିନଠାରୁ ସାତ ଦିନ ଧରି ଦାଶାୟଁ ନାଚିବାର ପରମ୍ପରା ରହିଛି। ପୂର୍ବରୁ ସାନ୍ତାଳମାନେ ଗାଁ ଗାଁ ବୁଲି ନାଚି ଗାଇ ନିଜ ପରମ୍ପରାକୁ ବଞ୍ଚାଇ ରଖିଥିଲେ। ପୁରୁଷଙ୍କ ଦ୍ୱାରା ଦାଶାୟଁ ନାଚ ଅନୁଷ୍ଠିତ ହେଉଥିବାବେଳେ ଦାସାଇଁ ନାଚ ଦଳର ସାଜସଜ୍ଜା ନିଆରା, ମୁଣ୍ଡରେ ପଗଡି ବାନ୍ଧି ମୟୂରଚୁଳ ଲଗାଇ ନାଚିବା ଦୃଶ୍ୟ ବେଶ ଆକର୍ଷଣୀୟ। ବାଉଁଶରେ ତିଆରି ଭୁଆଙ୍ଗ ଏବଂ ଘଣ୍ଟର ତାଳେ ତାଳେ ନାଚିବା ଦର୍ଶକଙ୍କ ମନ ମୋହିଥାଏ। ପୂର୍ବରୁ ପାଛିଆ ଧରି ଗାଁ ଗାଁ ବୁଲି ନାଚିବା ସହ ଚାଉଳ ଏବଂ ଧାନ ସଂଗ୍ରହ କରିବାର ପରମ୍ପରା ରହିଥିଲା; ଯାହାକି ଧୀର ଧୀରେ ଏବେ ଲୋପ ପାଇବାକୁ ବସିଲାଣି। ହଜି ଯାଉଥିବା ପରମ୍ପରାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଏହି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ 'ସାର ସାଗୁନ ସାରନା ସେମଲେଦ' ପଡାଚାକିଡି ସଂଘ ତରଫରୁ ଏହି ଦାସାଇଁ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ଏଠାରେ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥାଏ। ଲାଖ ବିନ୍ଧା ପ୍ରତିଯୋଗିତା, ମହିଳାଙ୍କର ଖୋଲିଦନା ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଶ୍ରେଷ୍ଠ ନୃତ୍ୟ ପ୍ରଦର୍ଶନ କରିଥିବା ଦଳକୁ ପୁରସ୍କୃତ କରାଯାଇଥିଲା। ଦାଶାୟଁ ନାଚ ପ୍ରତିଯୋଗିତାର ସଭାପତି ବିନୋଦ ପାତ୍ର, ଉପସଭାପତି ପ୍ରଦୀପ ପାତ୍ର, ସଂପାଦକ କାହ୍ନୁଚରଣ ବେଶ୍ରା ଏବଂ ସହ ସଂପାଦକ ଦୁଃଖୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






# ଦେଉଳିଆ ଦୁର୍ଗାପୂଜା ନବମୀରେ ନବକୁମାରୀ ପୂଜା





ବଡ଼ସାହି,୨୭।୯(ସମିସ)

ଚଳିତ ବର୍ଷ ବଡ଼ସାହି ବ୍ଲକ ଦେଉଳିଆ ଦୁର୍ଗା ପୂଜା ୨୬ ବର୍ଷ ପୂର୍ତ୍ତି ପାଳନ କରୁଛି। ଏଠାରେ ମା'ଙ୍କ ପୂଜା ଓ ବିଧିବିଧାନ ଆଦି ନିଆରା। ନବମୀର ନବକୁଆଁରୀ ପୂଜା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଚଳିତ ବର୍ଷ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୫ଲକ୍ଷ ପାଖାପାଖି ଟଙ୍କା ବଜେଟ ରହିଥିବା କମିଟି ସୂତ୍ରରୁ ପ୍ରକାଶ। ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ଆଲୋକରେ ସଜାଯାଇଛି। ସେହିପରି ରାବଣ ପୋଡି ଏହି ପୂଜା ମହୋତ୍ସବକୁ ଦ୍ୱିଗୁଣିତ କରିବ। ଦଶମୀରେ ୧୦ହଜାରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମରେ ରାବଣ ପୋଡି ଉତ୍ସବ ବେଶ ଆକର୍ଷଣୀୟ ହେବ ବୋଲି କମିଟି ସୂତ୍ରରୁ ଜଣାପଡିଛି। ସେଥିପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଓ ଆୟୋଜନ ଜୋରସୋରରେ ଚାଲିଛି। ଗତ ୨୦୦୦ ମସିହାରେ ଦେଉଳିଆ ପଞ୍ଚାୟତର ଡାକ୍ତରଖାନା ଛକରେ ଏହି ପୂଜା ଆରମ୍ଭ ହୋଇଥିଲା। ସଭାପତି ଭାବେ ବିଦ୍ୟାଧର ସଦୁଆଲ, ସଂପାଦକ ଭାବେ ଅଭୟ କୁମାର ମହାପାତ୍ର ଓ କୋଷାଧକ୍ଷ୍ୟ ଭାବେ ସ୍ୱର୍ଗତ ଭାସ୍କର ଚନ୍ଦ୍ର ବେହେରା କାର୍ଯ୍ୟ ତୁଲାଇଥିଲେ। ସ୍ୱର୍ଗତ ପ୍ରଭାକର ବେହେରା, ସ୍ୱର୍ଗତ ପ୍ରବୋଧ କୁମାର ମହାପାତ୍ର, ହାଡିବନ୍ଧୁ ମହାପାତ୍ର, ସନ୍ତୋଷ ବେହେରା, ଶୋଭାକର ଲେଙ୍କା ଓ କିଛି ବ୍ୟକ୍ତିଙ୍କ ସହଯୋଗରେ ଏକ ଝାଟିମାଟି ଭୁଗୁଡା ଘରୁ ଆରମ୍ଭ ହୋଇଥିଲା ମା'ଙ୍କ ପୂଜା। ଅଧ୍ୟାପକ ସରୋଜ କୁମାର ସଦୁଆଳ ୧୨ ଧରି ମା'ଙ୍କ ମୂର୍ତ୍ତି ଖର୍ଚ୍ଚ ବହନ କରିଥିଲେ। ତାଙ୍କ ବଡ଼ଭାଇ ବିନୋଦ କିଶୋର ସଦୁଆଳଙ୍କ ସହଯୋଗରେ ପ୍ରଥମବର୍ଷ ରାବଣପୋଡି ହୋଇଥିଲା। ବିଭିନ୍ନ ଅନୁଦାନରୁ ଯଦିଓ ମା'ଙ୍କ ମଣ୍ଡପ ନିର୍ମାଣ ହୋଇଛି ତାହା ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। କମିଟିର କିଛି ନିଜସ୍ୱ ପାଣ୍ଠି କିଛି ନାହିଁ ଗାଁ, ବ୍ୟକ୍ତି ବିଶେଷ ଚାନ୍ଦା ଓ ପଞ୍ଚାୟତ ପୋଖରୀରୁ ମିଳୁଥିବା ଅର୍ଥରାଶିରେ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ବର୍ତ୍ତମାନ ଜୀବନ କୁମାର ବେହେରା ପ୍ରତିବର୍ଷ ମା'ଙ୍କ ମୂର୍ତ୍ତି ଖର୍ଚ୍ଚ ବହନ କରୁଥିବାର ଜଣାଯାଇଛି। ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି। ସେପ୍ଟେମ୍ବର ୨୮ ତାରିଖ ଷଷ୍ଠୀରେ ବିଲ୍ୱାଧିବାସ, ୨୯ ତାରିଖ ସପ୍ତମୀରେ ବୋଧନ, ବିଲ୍ୱଗ୍ରହଣ, ନିମନ୍ତ ଜଳଯାତ୍ରା ଓ ଘଟ ଆୟୋଜନ, ୩୦ତାରିଖ ଅଷ୍ଟମୀରେ ନିତ୍ୟ ପୂଜା, ସ୍ନାନ, ଉପଚାର, ଚଣ୍ଡିପାଠ, ହୋମ ଓ ସନ୍ଧିପୂଜା, ଅକ୍ଟୋବର ୧ତାରିଖ ନବମୀରେ ନବମୀ ପୂଜା ଓ ୨ତାରିଖ ଦଶମୀରେ ବିଜୟା ଦଶମୀ ପୂଜା ସହିତ ବଳୟ ଧାରଣ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହଥିବାର କମିଟିର ସଭାପତି ଶ୍ରୀ ସଦୁଆଳ ପ୍ରକାଶ କରିଛନ୍ତି।

## ଆବାସ ପାଇଁ ନୟାନ୍ତ ମାଳତୀ



ରାମଚନ୍ଦ୍ରପୁର,୨୭।୯(ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନୂଆଗାଁର ବିଧବା ମାଳତୀ ସା ଆଜି ପର୍ଯ୍ୟନ୍ତ ଆବାସଟିଏ ପାଇ ପାରୁ ନଥିବା ବେଳେ ପରିବାର ପୋଷଣ କରିବା ମଧ୍ୟ କଷ୍ଟ ସାଧ୍ୟ ହେଉଥିବା କହିଛନ୍ତି। ତାଙ୍କ ବଡ଼ପୁଅ ବଳରାମ ସା ୮୫ ପ୍ରତିଶତ ଦିବ୍ୟାଙ୍ଗ, ମଝିଆଁ ବୋହୂ ବିଧବା, ନାତୁଣୀ ଏବଂ ସାନପୁଅକୁ ନେଇ ପରିବାର। ରହିବାକୁ ଭଲ ଘର ଖଣ୍ଡିଏ ନାହିଁ। ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାକୁ ଶନିବାର ଡିଣ୍ଡିମ ପିଟିଥିବା ବେଳେ ମାଳତୀଙ୍କ ଅସହାୟ ପରିସ୍ଥିତି ପ୍ରତି ଆଖି ବୁଜି ଦେଇଛି ପ୍ରଶାସନ। ରାଜନୈତିକ ଅଭିସନ୍ଧି ରଖି ତାଲିକାରୁ ତାଙ୍କ ନାମକୁ କାଟି ଦେଉଥିବା କହିଛନ୍ତି ବଡ଼ପୁଅ ବଳରାମ। ମହେଶ୍ୱର ଦିନ ମଜୁରୀ କରି ଯାହା ରୋଜଗାର କରନ୍ତି। ମାଳତୀ, ସରୋଜିନୀ ଓ ବଳରାମଙ୍କ ସରକାରୀ ଭତ୍ତାରେ ଘର ଚଳିବା କଷ୍ଟସାଧ ହେଉଛି। ତାଙ୍କୁ ତୁରନ୍ତ ସରକାରୀ ଘର ଯୋଗାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ହୋଟେଲରୁ ଚୋରି

ତୁରୁମୁଙ୍ଗା, ୨୭।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଧାନବେଣୀ ନଦୀକୂଳ ନିକଟରେ ଥିବା ଅନନ୍ତ ବଳିଆ ହୋଟେଲରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଛି। ୨୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଧାନବେଣୀ ନିକଟରେ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଅନନ୍ତ ବଳିଆ ହୋଟେଲର ଆଜବେଷ୍ଟସ ଭାଙ୍ଗି କ୍ୟାମେରା ମନିଟର, ସିସିଟିଭି, ଇନଭର୍ଟର ଆଦି ଚୋରି ଅଭିଯୋଗ ହୋଇଛି। ଅଭିଯୋଗ ପରେ ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଛନ୍ତି।

## ଷଷ୍ଠ ଦିନରେ ଜିପିଏଲଏଫ୍ କର୍ମଚାରୀଙ୍କ ଧାରଣା



ରାଇରଙ୍ଗପୁର, ୨୭।୯ (ସମିସ): ଆଜି ଷଷ୍ଠ ଦିବସରେ ପହଞ୍ଚିଲା ବ୍ଲକ ଜିପିଏଲ୍ଏଫ୍‌ନଙ୍କ ଗଣଧାରଣା। ରାଜ୍ୟର ୩୧୪ଟି ବ୍ଲକରେ ଏହି ଧାରଣା ଚାଲିଛି। ଛଅ ମାସର ବକେୟା ପ୍ରାପ୍ୟ ପାଇବା ଆଶା ନେଇ ଦୀର୍ଘ ଦିନର ଅଭିଯୋଗ ପରେ ବି ସରକାର ନ ଶୁଣିବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସଂଘ କହିଛି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ସମ୍ମୁଖରେ ୧୮୦ ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀ ମିତ୍ର ଏବଂ ଜପିଏଲଏଫ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ତେବେ ଗତ ଛଅ ମାସର ବକେୟା ଦରମା ଦାବି କରିଥିବା ବେଳେ କାର୍ଯ୍ୟ ଅନୁସାରେ ଦରମା ନ ଦେଇ ସ୍ଥାୟୀ ଦରମା ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ସରକାର ନ ଶୁଣିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣାରେ ବସିଥିବେ ବୋଲି କହିଛନ୍ତି। ବର୍ଷା ସତ୍ତ୍ୱେ ଧାରଣାରୁ ଉଠି ନାହାଁନ୍ତି କର୍ମଚାରୀ। ରାଣୀ ମାର୍ଣ୍ଡି, ଦୁଲି ଟୁଡୁ, ମନ୍ଦାକିନୀ ପାତ୍ର, ବୈଜନ୍ତୀ ମହାନ୍ତ, ଶୁଭରାଣୀ ପାତ୍ର, କନକଲତା ହେମ୍ବ୍ରମ ଓ ଉଷାରାଣୀ ସୋରେନ୍ ପ୍ରମୁଖ ଗଣଧାରଣାରେ ବସିଛନ୍ତି।

### ବିପର୍ଯ୍ୟସ୍ତ ସ୍ଥିତିରେ ଉଦଳା ହାଇସ୍କୁଲ ପଡ଼ିଆ

### ପୁନରୁଦ୍ଧାର ପାଇଁ ନାହିଁ ଆନ୍ତରିକତା

# ମୁହଁ ଫେରାଉଛନ୍ତି ଛାତ୍ରଛାତ୍ରୀ

ଉଦଳା,୨୭।୯(ସମିସ)

ବିଗତ ଦିନରେ ଉଦଳା ଅଞ୍ଚଳର କ୍ରୀଡ଼ା ପ୍ରତିଭା ବେଶ ସୁନାମ ଅର୍ଜନ କରିଥିଲା। ତେବେ କିଛି ବର୍ଷ ହେବ ଉଦଳା ଅଞ୍ଚଳରେ କ୍ରୀଡ଼ା ପରିବେଶ ଅତ୍ୟନ୍ତ ବିପର୍ଯ୍ୟସ୍ତ ସ୍ଥିତିରେ ରହିଛି। କ୍ରୀଡ଼ାର ବିକାଶ ହେଉଛି ନା ପ୍ରତିଭା ବାହାରୁଛନ୍ତି। ତେଣୁ ମୋଟାମୋଟି କହିବାକୁ ଗଲେ କ୍ରୀଡ଼ା ଓ କ୍ରୀଡ଼ା ଭିତ୍ତିଭୂମି କୋମାକୁ ଚାଲିଗଲାଣି। ସହରର ସର୍ବପୁରାତନ ଉଦଳା ଉଚ୍ଚ ବିଦ୍ୟାଳୟକୁ ଦେଖିଲେ ଜଣାପଡିବ। ଉଦଳା ହାଇସ୍କୁଲର ଦୁଇଟି ଖେଳ ପଡ଼ିଆ ଥିବାବେଳେ ଏବେ ସେଗୁଡିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏହି ଦୁଇଟି ପଡ଼ିଆରେ ହାଇସ୍କୁଲର ସମସ୍ତ କ୍ରୀଡ଼ା ଆୟୋଜିତ ହେଉଥିଲା। ଏପରିକି ଘରୋଇ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ। ଉଦଳା ହାଇସ୍କୁଲର ଫୁଟବଲ ପଡ଼ିଆ ଜିଲ୍ଲାର ସର୍ବଶ୍ରେଷ୍ଠ ପଡ଼ିଆ ଭାବେ ପରିଗଣିତ ହେଉଥିଲା; ମାତ୍ର ଏବେ ଫୁଟବଲ ପଡ଼ିଆ ଚିହ୍ନିବା କଷ୍ଟକର ହୋଇପଡ଼ିଛି। କିଛି ବର୍ଷ ହେବ ପଡ଼ିଆର ରକ୍ଷଣାବେକ୍ଷଣା ହେଉ ନ ଥିବାରୁ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ଆଳରେ ପଡ଼ିଆର ଅବସ୍ଥା ଅଧିକ ଶୋଚନୀୟ ହୋଇପଡ଼ିଛି। ହାଇସ୍କୁଲ ଫୁଟବଲ ପଡ଼ିଆର ସୁରକ୍ଷାକୁ ଆଦୌ ଧ୍ୟାନ ଦିଆଯାଇ ନ ଥିଲା। ଏପରିକି କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସର ସୁରକ୍ଷା ପାଇଁ ପଡ଼ିଆ ମଧ୍ୟରେ ପ୍ରାଚୀର ନିର୍ମାଣର ମସୁଧା ଥିବାବେଳେ ବିରୋଧ ପରେ ନିବୃତ୍ତ ରହିଥିଲେ। ଉଦଳା ହାଇସ୍କୁଲ ଫୁଟବଲ ପଡିଆ ର କଳେବର ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ। ତେବେ ଖାଲଖମା (ନିର୍ମାଣ ପାଇଁ ବ୍ୟବହୃତ ଗାଡିର ଚଳପ୍ରଚଳ)ରେ ଦୁଇ ଚାରି ଟ୍ରିପ ମୋରମ ପକାଯାଇ ମରାମତିର ଭ୍ରମ ସୃଷ୍ଟି କରୁଛି। ଅପରପକ୍ଷେ ବିଭିନ୍ନ ସମୟରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କରାଯାଇଥାଏ। ଉପଖଣ୍ଡର ସର୍ବପୁରାତନ ବିଦ୍ୟାଳୟରେ କ୍ରୀଡ଼ା କ୍ଷେତ୍ର ଏମିତି ଅବସ୍ଥାରେ ପହଞ୍ଚିଛି ପଡ଼ିଆରେ ଖାଲଖମା ସାଙ୍ଗକୁ ଅସମାନତା ପାଇଁ ମଧ୍ୟ ଖେଳିବାକୁ ଅମଙ୍ଗ ପ୍ରକାଶ କରୁଛନ୍ତି ଖେଳାଳି। ଫଳରେ ପଡ଼ିଆ ଏବ ନିଶାଖୋରଙ୍କ ପାଇଁ ଆ‡ାସ୍ଥଳ ପାଲଟିଛି। ଉଦଳା ହାଇସ୍କୁଲ ପଡ଼ିଆ କ୍ରିକେଟ ପଡ଼ିଆ ଏବେ ସାର୍ବଜନୀନ ହେବା ସହିତ ରାଜନୈତିକ, ସାମାଜିକ, ଅଧ୍ୟାତ୍ମିକ, ପୂଜା ତଥା ମେଳା ମହୋତ୍ସବ ଆୟୋଜନ ଫଳରେ ଏବେ କୋମାରେ। ଏବେ ପଡ଼ିଆ ମଦୁଆ ଓ ମଦ ବୋତଲ ସାଙ୍ଗକୁ ପ୍ଲାଷ୍ଟିକ ଗ୍ଲାସ ଗଡ଼ିବା ଓ ପଡ଼ିବା ନିତିଦିନିଆ ଘଟଣା ହେଲାଣି। ଅପରପକ୍ଷରେ ୫ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ କ୍ରିକେଟ ପଡ଼ିଆକୁ ସଂକୁଚିତ କରିଦେଇଛି। ବିଭିନ୍ନ ସମୟରେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ କରାଯାଉଥିଲେ ହେଁ ସ୍କୁଲ କର୍ତ୍ତୃପକ୍ଷ କେବଳ ମୂକସାକ୍ଷୀ ସାଜିଛନ୍ତି। ଭିତ୍ତିଭୂମି ନାମରେ ନିର୍ମାଣକୁ ଗୁରୁତ୍ୱ ଦେଇ ପ୍ରଶାସନ ଦାୟିତ୍ୱ ଶେଷ କରୁଥିବାବେଳେ ବାସ୍ତବରେ କ୍ରୀଡ଼ାର ବିକାଶ ଏକ ପ୍ରହସନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ତୁରନ୍ତ ଉଦଳା ହାଇସ୍କୁଲ ଫୁଟବଲ ଓ କ୍ରିକେଟ ଉଭୟ ପଡ଼ିଆର ପୁନରୁଦ୍ଧାର କରି ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡା ଉପଯୋଗୀ କରିବାକୁ ପୂର୍ବତନ ଛାତ୍ର ସମୂହ ଦାବି କରିଛନ୍ତି।



## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ୨୨୮ ପରୀକ୍ଷାର୍ଥୀ ଅନୁପସ୍ଥିତ

ବାରିପଦା,୨୭ ।୯ (ସମିସ): ଶନିବାର ଅନୁଷ୍ଠିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି)-୨୦୨୫ରେ ମୟୂରଭଞ୍ଜ ଜିଲ୍ଲାରେ ୧୧୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ୨ଟି ସିଟିଂରେ ପରୀକ୍ଷା ପେପର୍-୧ ଏବଂ ପେପର୍-୨ ପାଇଁ ଜିଲ୍ଲା ସଦର ମହକୁମା ବାରିପଦା ସହରର ୧୨ଟି କେନ୍ଦ୍ରରେ ଆୟୋଜିତ ହୋଇଥିଲା। ପେପର୍-୧ ( ୧ମରୁ ୫ମ ଶ୍ରେଣୀ) ପାଇଁ ମୋଟ ପରୀକ୍ଷାର୍ଥୀ ୨୪୩୨ ରହିଥିବାବେଳେ ୨୩୧୮ ଉପସ୍ଥିତ ଓ ୧୧୪ ଅନୁପସ୍ଥିତ ରହିଥିଲେ ଛୁ ସେହିପରି ପେପର୍-୨ (୬ଷ୍ଠରୁ ୮ମଶ୍ରେଣୀ ପାଇଁ) ମୋଟ ୩୪୨୮ ମୋଟ ପରୀକ୍ଷାର୍ଥୀ ରହିଥିବାବେଳେ ୩୩୧୪ ଉପସ୍ଥିତ ୧୧୪ ଓ ଅନୁପସ୍ଥିତ ରହିଛନ୍ତି। ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପେପର୍-୧ ଏବଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ପେପର୍-୨ ଅଫ୍‌ଲାଇନ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା। ସମସ୍ତ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହିତ ପରୀକ୍ଷା ସୁଚାରୁ ରୂପେ ସମ୍ପନ୍ନ ହୋଇଛି। ସହରର ଏମକେସି ଉଚ୍ଚବିଦ୍ୟାଳୟ, ଏମପିକେ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟଳୟ ଓ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟଳୟ, ପୁଲିସ ଲାଇନ ଉଚ୍ଚ ବିଦ୍ୟାଳୟ, କମଳା ନେହୁରୁ ବାଳିକା ଉଚ୍ଚ ବିଦ୍ୟାଳୟ, ବେଲଗଡ଼ିଆ ଭଞ୍ଜଭୂମି ଉଚ୍ଚ ବିଦ୍ୟାଳୟ, ପାଲବାଣୀ ଲେଡି ହେମିଲଟନ ଉଚ୍ଚ ବିଦ୍ୟାଳୟ, ଶରତ ଚନ୍ଦ୍ର ବିଦ୍ୟାପୀଠ, ବଳାଙ୍ଗୀ ଉଚ୍ଚ ବିଦ୍ୟାଳୟ, ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟ, ଓ ଏମପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାକୁ ଜିଲ୍ଲା ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ କୁମାର ସିଂ ପରିଚାଳନା କରିଥିଲେ। କାରଣ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଶିକ୍ଷୟତ୍ରୀ ପତ୍ନୀ ଗୀତା ବେହେରା ପରୀକ୍ଷାର୍ଥୀ ଥିବାରୁ ଶ୍ରୀ ସେଠୀ ପରୀକ୍ଷା ନିୟନ୍ତ୍ରଣରୁ ହଟିଥିବା ଜଣା ପଡିଛି। ତାଙ୍କ ପତ୍ନୀ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ସିଟିଙ୍ଗରେ ପରୀକ୍ଷା ଦେଉଥିବା ଜଣାପଡିଛି। ମାଧ୍ୟମିକ ପରିଷଦ ଦ୍ୱାରା ଆୟୋଜିତ ଏହି ପରୀକ୍ଷା କେବଳ କାର୍ଯ୍ୟରତ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା।

# 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍



ଓଡ଼ିଆରେ ସବୁଠୁ ବେଶି ଆୟ କରିଥିବା ସିନେମା 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍ ଆସିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମ ଇନଫରମେଶନ ପତ୍ରିକାରେ ପ୍ରକାଶିତ ନୋଟିସ୍‌ରେ ଧର୍ମାର ମୁଖ୍ୟ ଆଇନ ଅଧିକାରୀ ରଖୀ ବାଜପେୟୀ ଏହି କଥା କହିଛନ୍ତି। କରଣ ଜୋହରଙ୍କ ଧର୍ମା ପ୍ରଡକସନ୍ ଏହାର ରିମେକ୍ ରାଇଟ୍ କିଣିବା ପ୍ରକ୍ରିୟା ଆରମ୍ଭ କରିଛି। ଏହିବର୍ଷ ଜୁନ୍ ୧୨ରେ ଉକ୍ତ ଫିଲ୍ମ ମୁକ୍ତିଲାଭ କରିଥିଲା। ଏହାର ମୁଖ୍ୟ ଚରିତ୍ରରେ ବାବୁଶାନ, ଅର୍ଚ୍ଚିତା ଏବଂ ଅପରାଜିତା ନଜର ଆସିଥିଲେ। ■

# ଚର୍ଚ୍ଚାରେ 'ମୁରବି' ପୋଷ୍ଟର




ମେଣ୍ଟିସ୍ ଫିଲ୍ମସ୍‌ର ପ୍ରଥମ ଫିଚର୍ ଫିଲ୍ମ ହେଉଛି 'ମୁରବି'। ଏକ ନିଆରା ଦୃଶ୍ୟ ସମ୍ବଳିତ ଏହାର ପୋଷ୍ଟରଟି ବେଶ୍ ଆଦୃତ ହୋଇଛି। ପୋଷ୍ଟରରେ ଦେଖିବାକୁ ମିଳିଛି, ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ତାଙ୍କ ଅନ୍ତରଙ୍ଗ ବନ୍ଧୁ ଚୌଧୁରୀ ଜୟପ୍ରକାଶ ଦାସଙ୍କ ମୁଣ୍ଡର ଘୋଡ଼ଣି ଖୋଲି କିଛି ମରାମତି କରୁଛନ୍ତି। ଜୟ ପ୍ରକାଶଙ୍କ ମସ୍ତିଷ୍କରେ କିଛି କେମିକାଲ୍ ଲୋଚା ରହିଯାଇଛି, ଯାହାକୁ ଠିକ୍ କରୁଛନ୍ତି କୁନା। ତେବେ ଏଭଳି ରୋଚକ ପୋଷ୍ଟରର ପୃଷ୍ଠଭୂମିରେ ଥିବା ଅସଲ କଥାଟି କ'ଣ ପୂରା ଫିଲ୍ମ ଦେଖିଲେ ହିଁ ଜଣା ପଡ଼ିବ। କୁନା ଓ ଜୟପ୍ରକାଶଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ଉଦିତ ଗୁରୁ, ପ୍ରସନଜିତ, ଅଙ୍କିତା ମହାନ୍ତି, କଳ୍ପନା, ବିଜୟିନୀ ମିଶ୍ର, ମାଙ୍କେ, ଲୋଟନ ଖଟେଇ, ସୁସ୍ମିତା ପ୍ରଧାନ, ଦେବାଶିଷ, ସୁଧୀର ଲେଙ୍କା, ଅମିର ଦାସ, ପ୍ରଗତି ଗୁରୁ ପ୍ରମୁଖ ନଜର ଆସିବେ।

'ମୁରବି'ରେ ରହିଛି ବିପରୀତଧର୍ମୀ ଦୁଇ ପରିବାରର କଥା। ଓଡ଼ିଶାର ମଧ୍ୟବିତ୍ତ ଜୀବନର ଏକ ଖାଣ୍ଟି ଓ ହୃଦୟସ୍ପର୍ଶୀ କାହାଣୀ ଏଥିରେ ଦେଖିବାକୁ ମିଳିବ। କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ। ଏହାର ସହ ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର। ନିର୍ଦ୍ଦେଶନାରେ ଅଛନ୍ତି ଯୁବ ନିର୍ଦ୍ଦେଶକ ଶିଶିର କୁମାର ସାହୁ ଓ ପିନାକୀ ସିଂ। ସିନେମାର ସଙ୍ଗୀତ ଦେଇଛନ୍ତି ଅଗ୍ନିମିତ୍ର। ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା କରିଛନ୍ତି ପି. ସନ୍ତୋଷ। ଏହି ସିନେମାଟି ନଭେମ୍ବରରେ ମୁକ୍ତିଲାଭ କରିବ। ■

# ଦଶହରାରେ 'ଦଶମ'



ସେପ୍ଟେମ୍ବର ୨୮ ତାରିଖରେ ରାଜା ଡିଙ୍କ ନିର୍ଦ୍ଦେଶିତ ଓଡିଆ ଫିଲ୍ମ 'ଦଶମ' ସନ୍ଧ୍ୟା ୬ଟା ୩୦ରେ ଦଶହରା ଅବସରରେ ଜୀ ସାର୍ଥକରେ ଦେଖିବାକୁ ମିଳିବ। ପରମ୍ପରା ଏବଂ ଭୟର ଆବଦ୍ଧ ସମାଜରେ 'ଦଶମ' ହେଉଛି ପ୍ରତ୍ୟେକ ଛାତ୍ରଙ୍କ ମାନସିକ ଏବଂ ଭାବପ୍ରବଣତା ରହିତ ଯାତ୍ରାର କାହାଣୀ। ପୁଣି ଏହି ଫିଲ୍ମଟି ହେଉଛି ପ୍ରଥମ ଓଡ଼ିଆ ମ୍ୟୁଜିକାଲ ଫିଲ୍ମ, ଯେଉଁଥିରେ ବାବୁଶାନ୍ ମଧ୍ୟ ଏକ ପ୍ରମୁଖ ଗୀତରେ କଣ୍ଠଦାନ କରିଛନ୍ତି। ଫିଲ୍ମରେ ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି, ଜଣ୍ଟି, ସିମରନ, ନୀଲାଖି, ସୁମନ ପଟ୍ଟନାୟକଙ୍କ ସମେତ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଛନ୍ତି। ସ୍କୁଲବେଳର କିଛି ଖଟା ମିଠା କଥା, ଦଶମ ଶ୍ରେଣୀର କିଛି ଅନୁଭୂତିକୁ ନେଇ ନିର୍ମିତ ଏହି ଫିଲ୍ମ ହଲ୍‌ରେ ବହୁତ ଭଲ ପ୍ରଦର୍ଶନ କରିଥିଲା। ■

# ପ୍ରେକ୍ଷାଳୟରେ 'ଚାରିଧାମ' ଓ 'ଚ୍ୟାଲେଞ୍ଜ'



ଦଶହରା ଅବସରରେ 'ଚାରିଧାମ' ଏବଂ 'ଚ୍ୟାଲେଞ୍ଜ' ମୁକ୍ତିଲାଭ କରିଛି। 'ଚାରଧାମ'ର ପ୍ରମୁଖ ଚରିତ୍ରରେ ଅନୁଭବ ଥିବା ବେଳେ 'ଚ୍ୟାଲେଞ୍ଜ'ରେ ଅଛନ୍ତି ଅର୍ଦ୍ଧେନ୍ଦୁ। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହୋଇଥିବା ବଡ଼ ବଜେଟର ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ମଖମଲ୍ଲୀ ଗୀତକୁ ଲୋକେ ପସନ୍ଦ କରିଛନ୍ତି। ବାପୁ ଗୋସ୍ୱାମୀ ରଚନା କରିଥିବା ଗୀତକୁ ହ୍ୟୁମାନ ସାଗର ଓ ଅନନ୍ୟା ଶ୍ରୀତମ ନନ୍ଦ କଣ୍ଠଦାନ କରିଛନ୍ତି। ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଚ୍ୟାଲେଞ୍ଜର ସମସ୍ତ ଗୀତ ହୃଦୟସ୍ପର୍ଶୀ ହୋଇଛି। ଓଡ଼ିଆ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଏହି ଗୀତଗୁଡ଼ିକ ରେକର୍ଡ ହୋଇଛି। ପ୍ରଥମଥର ପାଇଁ ଓଲିଉଡ୍ ଜଗତରେ ମଲ୍‌ଟି ଷ୍ଟାର୍‌ଙ୍କୁ ଏହି ସିନେମାରେ ଦର୍ଶକେ ଦେଖିବାକୁ ପାଇଛନ୍ତି। ଏଥିରେ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ପୁନିତ ଇଶାରଙ୍କୁ ଦେଖିବାକୁ ମିଳିଛି।

ସେହିପରି 'ଚାରିଧାମ' ସିନେମା ପାଇଁ ହଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଏଥିରେ ଅନୁଭବଙ୍କ ସମେତ ଅନୁରାଧା ପାଣିଗ୍ରାହୀଙ୍କୁ ଦେଖିବାକୁ ମିଳିଛି। ଏଥିରେ ଅନୁରାଧାଙ୍କୁ ସାଉଥ୍ ଲୁକ୍‌ରେ ଦେଖିବାକୁ ମିଳିଛି। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ। ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ସୋମେଶ ଶତପଥି ଏବଂ ବୈଦ୍ୟନାଥ ଦାସ। ଏହାର ଆଇଟମ୍ ଗୀତ 'କେର କେରା'ରେ ନଜର ଆସିଛନ୍ତି ଶିବନୀ। ଗୀତଟି ଚହଳ ସୃଷ୍ଟି କରିଛି। ■

# ମୁଖାମୁଖି



**ଏୟାର୍‌ଫୋର୍ସ ଅଫିସର୍ ହୋଇଥାନ୍ତେ। ମାର୍ସଲଆର୍ଟ ଶିଖିଛନ୍ତି। ତାଇକଣ୍ଡୋରେ ସେ ବ୍ଲାକ୍ ବେଲ୍ଟ ଅଧିକାରିଣୀ। ସେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଜାତୀୟସ୍ତରରେ ସେ ସ୍ୱର୍ଣ୍ଣ ପଦକ ଏବଂ ଆନ୍ତର୍ଜାତୀୟସ୍ତରରେ ରୌପ୍ୟପଦକ ହାସଲ ମଧ୍ୟ କରିଛନ୍ତି। ହେଲେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଲକ୍ଷ୍ୟ ବିଚ୍ୟୁତ କରିଥିଲା। ଭିଡିଓ ବନାଉ ବନାଉ ସେ ମ୍ୟୁଜିକ୍ ଭିଡିଓରେ କାମ କଲେ। ପାଖାପାଖି ୪୦ଟି ମ୍ୟୁଜିକ୍ ଭିଡିଓ ସେ କରିଛନ୍ତି। ତାଙ୍କ ଅଭିନୀତ 'ସୁନ୍ଦରୀ ଜହ୍ନ' ଏବଂ 'ଟିକିଲି' ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ ହେଉଛନ୍ତି ଭୁବନେଶ୍ୱରର ଜୟଶ୍ରୀ ଷଡ଼ଙ୍ଗୀ। 'ଘମାଘୋଟ' ତାଙ୍କର ଡେବ୍ୟୁ ପ୍ରଥମ ଓଡ଼ିଆ ସିନେମା। ଏଥିରେ ଅଭିନୟର ଜଲୱା ଦେଖାଇଛନ୍ତି ଜୟଶ୍ରୀ। ତେବେ ଅଭିନେତ୍ରୀ ପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କ ମୁହଁରୁ।**

**ରଙ୍ଗୀନ ଦୁନିଆକୁ କେମିତି ଆସିଲେ?**

● ମୋର ଜନ୍ମ ନେପାଳ କାଠମାଣ୍ଡୁରେ। ବେଙ୍ଗାଲୁରୁରେ ପାଠ ପଢ଼ିଛି। ବାପାଙ୍କ ଜନ୍ମସ୍ଥାନ ଓଡ଼ିଶାରେ। ତେବେ ପିଲାଦିନରୁ ଏୟାର୍‌ଫୋର୍ସରେ ଯିବାକୁ ଭାବିଥିଲି। ତେବେ ମୋ' ମାମାଙ୍କର ଇଚ୍ଛାଥିଲା ମୁଁ ଅଭିନେତ୍ରୀ ହୁଏ। ସ୍କୁଲରେ ମୁଁ ଡ୍ରାମା ଶିଖୁଥିଲି। ଇଚ୍ଛାହେଲା ଛୋଟ ଛୋଟ ଭିଡିଓ କରିଲି। ଫଳରେ ତରଙ୍ଗ ଚ୍ୟାନେଲର 'ମୁଁଇ କୁଆଁରା ତୁଇ କୁଆଁରୀ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା। ବର୍ତ୍ତମାନ ସୁଦ୍ଧା ମୁଁ ୪୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି।

**'ଘମାଘୋଟ' ଫିଲ୍ମ ପାଇଁ କେମିତି ସୁଯୋଗ ମିଳିଥିଲା?**

● ପରିଶ୍ରମ କଲେ ସଫଳତା ଦିନେ ନା ଦିନେ ମିଳିଥାଏ। 'ଦଶମ' ଓଡ଼ିଆ ଫିଲ୍ମ ଦେଖିବା ପରେ ଏହି ଟିମ୍ ସହିତ କାମ କରିବାକୁ ଭାବି ଥିଲି। ମୋର ସେହି ଇଚ୍ଛାକୁ ପୂରଣ କରିଥିଲେ ରାଜା ଡି ଭାଇ, ଦୀପକ ସାର୍ ଓ କୌଶିକ ସାର୍। 'ଘମାଘୋଟ' ଚଳଚ୍ଚିତ୍ରରେ ମୋତେ ସୁଯୋଗ ମିଳିଲା। ଏହି ଚଳଚ୍ଚିତ୍ରରେ ମୁଁ ମାମୁନି ଚରିତ୍ରରେ ନଜର ଆସିଥିଲି। ଏଥିରେ ମୋ' ବିପକ୍ଷରେ ଥିଲେ ଶୈଳେନ୍ଦ୍ର। ଯେହେତୁ ମୁଁ ମାର୍ସଲଆର୍ଟ ଏବଂ ତାଇକଣ୍ଡୋ ଶିଖିଥିଲି ଏହି ଫିଲ୍ମରେ ଫାଇଟ୍ ସଟ୍ ଦେବାକୁ ସହଜ ହୋଇଥିଲା। 'ଘମାଘୋଟ'ର ଟିମ୍‌ର ଗୋଟିଏ ୟୁନିଟ୍ ଥିଲା। ସମସ୍ତେ ଚମତ୍କାର ଅଭିନୟ କରିଛନ୍ତି। କଠିନ ପରିଶ୍ରମ କରିଛନ୍ତି। ସେଥିପାଇଁ ଆଜି ବି ଫିଲ୍ମର କ୍ରେଜ୍ ରହିଛି। ଏହା ସଫଳତାକୁ ଛୁଇଁପାରିଛି।

**ଆଗକୁ କ'ଣ ଯୋଜନା ଅଛି?**

● ଏବେ 'ବରବଧୂ'ରେ କାମ କରୁଛି। ଏଥିରେ ମୋ ସହିତ ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶିବାନୀ, ହରିହର ସାର୍ ସୁଭାଶିଷ ଶର୍ମା ଅଛନ୍ତି। ବମ୍ବେ ଟିମ୍ ସହିତ ଏହି ଫିଲ୍ମଟି ସୁଟ୍ ହୋଇଛି। ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ୍ ହେବ। ଏହା ସହ ଆଉ ଏକ ପ୍ରୋଜେକ୍ଟ ପାଇଁ ଚୁକ୍ତି କରିଛି। ଚଳିତ ବର୍ଷ ଶେଷ ଆଡ଼କୁ ସେ ସିନେମାର ସୁଟିଂ ଆରମ୍ଭ କରିବି। ତେବେ ଫିଲ୍ମର ନା ଏବେ ଲୋକ ସମ୍ମୁଖକୁ ଆଣି ପାରିବି ନାହିଁ।

**ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ କ'ଣ କରନ୍ତି?**

● ଯେକୌଣସି କାମ ହୋଇଥାଉନା କାହିଁକି, ଅଭ୍ୟାସ ଆଉ କଠିନ ପରିଶ୍ରମ ଦ୍ୱାରା କାମ ଭଲ ହୁଏ। ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି। ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ୍ କେମିତି ହେବ, କମ୍ ଟେକ୍‌ରେ କିପରି ଭଲ ଅଭିନୟ କରିବି ଆଦିକୁ ଗୁରୁତ୍ୱ ଦିଏ।

**ନିଜକୁ କେମିତି ଫିଟ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର। ସେଥିପାଇଁ ମୁଁ ତାଇକଣ୍ଡୋ ଅଭ୍ୟାସ କରେ। ଯୋଗ କରେ, ୱାର୍କଆଉଟ୍ କରିବା ସହ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରେ।

**ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଧିକରୁ ଅଧିକ ପରିଶ୍ରମ କରନ୍ତୁ। ପରିଶ୍ରମର ଫଳ ନିଶ୍ଚିତ ଭାବେ ମିଳିବ। ସର୍ଟକର୍ଟରେ ଧ୍ୟାନ ନ ଦେଇ କାମ କଲେ ଆଗକୁ ଯାଇପାରିବେ। ■

"ନିୟମିତ ଅଭ୍ୟାସ ଦ୍ୱାରା ହୃଦୟସ୍ପର୍ଶୀ ହୁଏ ଅଭିନୟ"

ଜୟଶ୍ରୀ ଷଡ଼ଙ୍ଗୀ, ଅଭିନେତ୍ରୀ

ପରଦା ପଛର କାହାଣୀ

# ଫିଲ୍ମ ପାଇଁ ଅଭିନେତାଙ୍କ ସବୁ ସମ୍ପତ୍ତି ବିକ୍ରି

ବଲିଉଡ୍‌ରେ ପ୍ରତିବର୍ଷ ଅନେକ ଫିଲ୍ମ ରିଲିଜ୍ ହୋଇଥାଏ। ସେଥିମଧ୍ୟରୁ କିଛି ହିଟ୍ ହେଉଥିବାବେଳେ, ଆଉ କିଛି ଫିଲ୍ମ ଫ୍ଲପ୍ ହୋଇଥାଏ। ତେବେ ୫୫ ବର୍ଷ ପୂର୍ବେ ଏକ ଫିଲ୍ମ ମୁକ୍ତିଲାଭ କରିଥିଲା। ଯାହାକୁ ତିଆରି କରିବାକୁ ଅଭିନେତା ନିଜର ସମସ୍ତ ସମ୍ପତ୍ତିକୁ ବିକ୍ରି କରି ଦେଇଥିଲେ। ଏହା ସତ୍ତ୍ୱେ ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ଫିଲ୍ମ 'ସଙ୍ଗମ'ର ସଫଳତା ପରେ ରାଜ କପୁର 'ମେରା ନାମ ଜୋକର୍' ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିଲେ। ଏହି ଫିଲ୍ମ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହେବ ବୋଲି ସେ ଭାବିଥିଲେ। ଏଥିପାଇଁ ସେ କାହାଣୀ, ନିର୍ଦ୍ଦେଶନା, ଅଭିନୟ ଏପରିକି ଏଡିଟିଂ ମଧ୍ୟ ନିଜେ କରିଥିଲେ। ରାଜ କପୁର ଏହି ଫିଲ୍ମରେ କଠିନ ପରିଶ୍ରମ ଓ ପୁଞ୍ଜିନିବେଶ କରିଥିଲେ। ତଥାପି ଏହି ଫିଲ୍ମ ବକ୍ସ ଅଫିସ୍‌ରେ ମୁକ୍ତିଲାଭ କରିବା ପରେ ଫ୍ଲପ୍ ହୋଇଥିଲା। ଏହା ରାଜ କପୁରଙ୍କୁ ଗଭୀର ଝଟ୍‌କା ଦେଇଥିଲା। ଏଥିରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ। 'ମେରା ନାମ୍ ଜୋକର୍' ଫିଲ୍ମ ବାସ୍ତବରେ ଫ୍ଲପ୍ ହୋଇ ନ ଥିଲା। ଏହାକୁ ଫ୍ଲପ୍ କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ରାଜ କପୁରଙ୍କ ନାଁର ଖୁବ୍ ଦମ୍ ଥିଲା। ଏପରିକି ତାଙ୍କ ଆଖପାଖରେ କୌଣସି ଫିଲ୍ମ ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତାମାନେ ସାହସ କରୁ ନ ଥିଲେ। କିନ୍ତୁ ଏଥିରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଫିଲ୍ମ ଫ୍ଲପ୍ ହେବାରୁ ତାଙ୍କୁ ଦୁଇ, ତିନି କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ଆଜିର ସମୟରେ ଏହାର ମୂଲ୍ୟ ପାଖାପାଖି ୧୦୦ କୋଟି ହେବ। ■



## ଭାରତ-ପାକିସ୍ତାନ ଏସିଆ କପ୍ ଫାଇନାଲ ଆଜି

# ଅଭିଷେକ-ସାହିନଙ୍କ ଉପରେ ନଜର


ଦୁବାଇ,୨୭।୯ (ଏଜେନ୍ସି):




ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ବା ରବିବାର ଖେଳାଯିବ। ଦୁଇ ପଡୋଶୀ ଦେଶ ମଧ୍ୟରେ ଖେଳାଯାଉଥିବା ସମସ୍ତ କ୍ରିକେଟ ମ୍ୟାଚ୍ ହାଇଭୋଲଟେଜ୍ ଲଢ଼େଇ ହୋଇଥାଏ। ଏଣୁ ଆସନ୍ତାକାଲିର ଫାଇନାଲ ଯେ ଆଉ ଏକ ହାଇଭୋଲଟେଜ୍ ମୁକାବିଲା ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଯେନତେନ ପ୍ରକାରେ ସମସ୍ତ ୬ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ପାକିସ୍ତାନ ୨ଟି ମ୍ୟାଚ୍ ହାରି ଫାଇନାଲରେ ପ୍ରବେଶ କରିଛି। ଏହି ୨ଟି ଯାକ ମ୍ୟାଚ୍ ଭାରତ ନିକଟରୁ ଗ୍ରୁପ୍-ଏ’ ଲିଗ୍‌ରେ ଓ ସୁପର-୪’ରେ ହାରିଛି ପାକିସ୍ତାନ। ଏଠାରେ ଖେଳ ଅପେକ୍ଷା ପଡ଼ିଆ ବାହାରର ଘଟଣାବଳୀକୁ ନେଇ ବେଶ ଚର୍ଚ୍ଚା ବେଶି ହୋଇଛି। ଉଭୟ ଦଳ ଅଧିନାୟକ ଟସ୍ ବେଳକୁ କିମ୍ବା ମ୍ୟାଚ୍ ପରେ ପରସ୍ପର ସହ ହାତ ନ ମିଳାଇବା ଘଟଣା ଘଟିଯାଇଛି। ଅଶୋଭନୀୟ ତଥା ଅଣଖେଳୱାଡ଼ ମନୋଭାବ ପୋଷଣ କରି ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରିବା ଅଭିଯୋଗରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଦଣ୍ଡିତ ହୋଇଛନ୍ତି। ପାକିସ୍ତାନୀ ଓପନର ସାହିବଜାଦା ଫରହାନଙ୍କୁ ଚେତାବନୀ ଦିଆଯାଇଛି। ଏଭଳି ସମସ୍ୟା ମଧ୍ୟରେ ଆସନ୍ତାକାଲିର ଫାଇନାଲ କି ପ୍ରକାର ଘଟଣାକୁ ଲୁଚାଇ ରଖିଛି ତାହା ଖେଳ ଶେଷରେ ଜଣାପଡ଼ିବ।

ଫାଇନାଲ ମୁକାବିଲା ପୂର୍ବରୁ ଦୁଇ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହ ୨ଥର ଭେଟାଭେଟି ହୋଇଛନ୍ତି। ଉଭୟ ମୁକାବିଲାରେ ଜିତିଛି ଭାରତ। ଉଭୟ ଦଳ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ପକ୍ଷରୁ ଦୁଇ ଖେଳାଳି ଯଥା ଭାରତର ୨୫ ବର୍ଷୀୟ ଓପନର ଅଭିଷେକ ଶର୍ମା ଓ ପାକିସ୍ତାନର ୨୫ ବର୍ଷୀୟ ଫାଷ୍ଟବୋଲର ସାହିନ ଆଫ୍ରିଦୀଙ୍କ ଉପରେ ଏହି ମ୍ୟାଚ୍ ଅନେକାଂଶରେ ନିର୍ଭର କରୁଛି। ଅଭିଷେକ ଶର୍ମା ୬ଟି ମ୍ୟାଚ୍ ଖେଳି ୫୧.୫୦ ହାରରେ ୩୦୯ ରନ୍ ସଂଗ୍ରହ କରିଛନ୍ତି। ସୁପର-୪’ର ୩ଟି ମ୍ୟାଚ୍‌ରେ ସେ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କ ଷ୍ଟ୍ରାଇକ୍‌ରେଟ୍। ସେ ୨୦୪.୬୩ ଷ୍ଟ୍ରାଇକ୍ ରେଟ୍‌ରେ ଏହି ରନ୍ ସଂଗ୍ରହ କରିଛନ୍ତି। ପାକିସ୍ତାନ ବିପକ୍ଷ ୨ଟି ମୁକାବିଲା ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ୧୩ ବଲ୍‌ରୁ ୩୧ ଓ ସୁପର-୪ରେ ୩୯ ବଲ୍‌ରୁ ୭୪ ରନ୍ କରି ଏକାକୀ ଭାରତକୁ ଜିତାଇବାରେ ସମର୍ଥ ହୋଇଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂ ଉପରେ ଭାରତ ପୂରା ନିର୍ଭର କରୁଛି। ଅନ୍ୟ ପକ୍ଷରେ ଆଫ୍ରିଦୀ ୨ ବର୍ଷ ତଳେ ଯେମିତି ଘାତକ ବୋଲର ଥିଲେ ତାହା ଏବେ ନାହାନ୍ତି। କିନ୍ତୁ ଭାରତଠାରୁ ହାରିବା ପରେ ଶ୍ରୀଲଙ୍କା ଓ ବାଂଲାଦେଶ ବିପକ୍ଷରେ ତାଙ୍କ ବୋଲିଂ ଯୋଗୁଁ ପାକିସ୍ତାନ ବିଜୟୀ ହୋଇଛି। ଉଭୟ ମୁକାବିଲାର ପ୍ରଥମ ଓଭରରେ ଗୋଟିଏ ଓ ପାୱାର ପ୍ଲେ ମଧ୍ୟରେ ୨ଟି ୱିକେଟ ନେଇ ପାକିସ୍ତାନକୁ ବିଜୟୀ କରାଇଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ସେ ୩ଟି ଲେଖାଏଁ ୱିକେଟ ନେଇଛନ୍ତି। ଏହି ପ୍ରଦର୍ଶନରୁ ସେ ପୂର୍ବର ସାହିନ ବୋଲି ଜଣାପଡ଼ିଛି। ଭାରତ ବିପକ୍ଷରେ ପାକିସ୍ତାନକୁ ବିଜୟୀ ହେବାକୁ ହେଲେ ସାହିନ ଆଫ୍ରିଦୀଙ୍କ ବୋଲିଂ ସଫଳତା ପାଇବା ଆବଶ୍ୟକ।


### ଫିଲ୍ଡିଂ ଓ ବ୍ୟାଟିଂ ଉଭୟ ଦଳର ବଡ଼ ସମସ୍ୟା



ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଭାରତର ବ୍ୟାଟିଂ କ୍ଲିକ୍ କରିନାହିଁ। ଅଧିନାୟକ ସୂର୍ଯ୍ୟକୁମାର ଫର୍ମରେ ନ ଥିଲାବେଳେ ଉପଅଧିନାୟକ ଶୁବମନ ଗିଲଙ୍କ ବ୍ୟାଟରୁ ମଡ଼ ସ୍କୋର ବାହାରୁ ନାହିଁ। ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ଅକ୍ଷର ପଟେଲ ଆବଶ୍ୟକତା ପୂରଣ କରିପାରୁ ନାହାନ୍ତି। ଗିଲ୍‌ଙ୍କ ଅନୁପସ୍ଥିତିରେ ବ୍ୟାଟିଂ ଓପନର କରି ସଫଳତା ପାଇଥିବା ସଞ୍ଜୁ ସାମସନଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟର ଭରସା ନାହିଁ। ପାକିସ୍ତାନର ଅବସ୍ଥା ମଧ୍ୟ ତଦ୍ରୁପ। କିନ୍ତୁ କେହି ହେଲେ ମ୍ୟାଚ୍ ବିଜୟୀ କରାଇପାରୁଛନ୍ତି। ଭାରତ ବିପକ୍ଷରେ ସେମାନେ ଭଲ କରିବେ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ସମସ୍ୟା ହେଉଛି ଫିଲ୍ଡିଂ। ଫିଲ୍ଡିଂ ଖରାପ ହେବା ବା କ୍ୟାଚ୍ ଡ୍ରପ୍ ହେବା ଫଳରେ ପ୍ରତିଦ୍ୱନ୍ଦୀ ଦଳକୁ ଫାଇଦା ମିଳୁଛି। ଭାରତ ଏଯାଏ ଖେଳିଥିବା ୬ଟି ମ୍ୟାଚ୍‌ରେ ୧୨ଟି କ୍ୟାଚ୍ ହାତଛଡ଼ା କରିଛି। ଏହା ମଧ୍ୟରୁ ଗତ ଦୁଇଟି ସୁପର-୪ ମ୍ୟାଚ୍‌ରେ ୮ଟି ଓ କେବଳ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍ ହୋଇଛି। ପାକିସ୍ତାନ ବିପକ୍ଷରେ ଫିଲ୍ଡରମାନେ ଯଦି ଏପରି ଦୋହରାଇବେ ତେବେ ଦଳକୁ ଫାଇନାଲ ଜିତିବା କଷ୍ଟକର ହୋଇପଡ଼ିବ।

| ଫାଇନାଲ୍ ମୁକାବିଲା | ଭାରତ-ପାକିସ୍ତାନ |
|---|---|
| | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ଚାମ୍ପିଅନ ଟ୍ରଫି ପ୍ରଦାନ କରିବେ ପାକିସ୍ତାନର ମୋହସିନ



ଦୁବାଇ,୨୭।୯ (ଏଜେନ୍ସି): ଏସିଆ କପ୍ ଫାଇନାଲ ଖେଳ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ। ନକ୍‌ଭୀ ଏବେ ଏସୀୟ କ୍ରିକେଟ କାଉନ୍ସିଲ (ଏସିସି)ର ସଭାପତି ମଧ୍ୟ ଅଛନ୍ତି। ଏଣୁ ଏସିସି ସଭାପତି ଭାବେ ତାଙ୍କ ଟ୍ରଫି ପ୍ରଦାନ କରିବାର ଅଧିକାର ରହିଛି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ସେ ଭାରତ ବିରୋଧୀ ମନ୍ତବ୍ୟ ଦେବା, ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ବିଦା କରିବାକୁ ଦାବି କରିବା ଓ ପାଇକ୍ରଫ୍ଟ ବିଦା ନ ହେଲେ ପାକିସ୍ତାନ ଏସିଆ କପ୍‌ରୁ ଓହରିଯିବାକୁ ଧମକ ଦେଇଥିଲେ। ଭାରତ ବିରୋଧରେ ଏତେ ମନ୍ତବ୍ୟ ଦେବା ପରେ ଭାରତୀୟ କ୍ରିକେଟ ବୋର୍ଡ ତାହାର ଖେଳାଳିମାନଙ୍କୁ ନକ୍‌ଭୀଙ୍କ ସହ ହାତ ମିଳାଇବାକୁ ଦେବ ବୋଲି ଆଶା କରାଯାଉନାହିଁ। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଚାଲିଛି। ଏଣୁ ମ୍ୟାଚ୍ ପରେ ନକ୍‌ଭୀଙ୍କ ଉପସ୍ଥିତି କି ପ୍ରକାର ପରିସ୍ଥିତି ସୃଷ୍ଟି କରିବ ତାହାକୁ ନେଇ ସମସ୍ତ ଭାରତୀୟ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଭାରତ ୨ଟି ମ୍ୟାଚ୍ ଖେଳିସାରିଛି। କିନ୍ତୁ ଟସ୍ ପରେ କିମ୍ବା ମ୍ୟାଚ୍ ଶେଷରେ ଭାରତୀୟ ଖେଳାଳିମାନେ ସେମାନଙ୍କ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ହାତମିଳାଇ ନାହାନ୍ତି। ଫାଇନାଲରେ ମଧ୍ୟ ଏଭଳି ଅବସ୍ଥା ତିଷ୍ଠି ରହିବ ବୋଲି ଆଶା କରାଯାଉଛି। ଖେଳାଳିଙ୍କ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି। ‘ସ୍ଥିତିକୁ ସମ୍ଭାଳିବା ଲାଗି କାରଣ ଦର୍ଶାଇବାକୁ ଆଉ କେତେ ସମୟ ନେବ’ ବୋଲି ସୋସିଆଲ ମିଡିଆରେ ନକ୍‌ଭୀଙ୍କ ପୋଷ୍ଟକୁ ନେଇ ବିରୋଧର ସ୍ୱର ଉଠିଲାଣି। କିନ୍ତୁ ସେ ପରୋକ୍ଷରେ ଭାରତକୁ ଟାର୍ଗେଟ କରିଥିବାରୁ ବିସିସିଆଇ କିମ୍ବା ଅନ୍ୟ କେହି ଏଯାଏ ମୁହଁ ଖୋଲି ନାହାନ୍ତି। ପାକିସ୍ତାନ କୋଚ୍ ମଧ୍ୟ ଭାରତର ବ୍ୟବହାରକୁ ସମାଲୋଚନା କରିଛନ୍ତି।

## ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ

# ଭାରତର କ୍ରମାଗତ ପରାଜୟ

କାନବେରା, ୨୭।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ୨୧ ବର୍ଷରୁ କମ୍ ମହିଳା ହକି ଦଳ କ୍ରମାଗତ ୨ୟ ପରାଜୟବରଣ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୨-୩ ଗୋଲ୍‌ରେ ଘରୋଇ ଅଷ୍ଟ୍ରେଲିଆ ୨୧ ବର୍ଷରୁ କମ୍ ଦଳ ନିକଟରୁ ହାରିଯାଇଥିଲା। ଶନିବାର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ କିନ୍ତୁ ଭାରତୀୟ ଯୁବ ମହିଳା ଦଳ ଲଢ଼େଇ କରି ନ ପାରି ୫-୦ ଗୋଲରେ ଏକପାଖିଆ ଭାବେ ପରାସ୍ତ ହୋଇଥିଲା। ବିଜୟୀ ଅଷ୍ଟ୍ରେଲିଆ ଯୁବା ମହିଳା ଦଳ ପାଇଁ ମକୟଲା ଜୋନ୍ସ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ଏହି ଗସ୍ତରେ ଦୁଇ ଦଳ ମଧ୍ୟରେ ତୃତୀୟ ମୁକାବିଲା ସୋମବାର ଖେଳାଯିବ।

## ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ

# ଯୁଗଳ ଭାରତୀୟ ଦଳର ମ୍ୟାନେଜର୍

ଭୁବନେଶ୍ୱର, ୨୭।୯ (ସମିସ): ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ଚଳିତ ମାସ ଶେଷ ଆଡ଼କୁ ଭାରତ ଗସ୍ତରେ



ଆସିବ। ଅକ୍ଟୋବର ୨ରୁ ଅହମ୍ମଦାବାଦରେ ଘରୋଇ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ଟେଷ୍ଟ ଅକ୍ଟୋବର ୧୦ରୁ ଦିଲ୍ଲୀରେ ଖେଳାଯିବ। ଏହି ସିରିଜ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଓଡ଼ିଶାର ଯୁଗଳ କିଶୋର ସାମଲଙ୍କୁ ଟିମ୍ ଇଣ୍ଡିଆର ମ୍ୟାନେଜର ନିଯୁକ୍ତ କରାଯାଇଛି। ଯୁଗଳ ଏଥିପୂର୍ବରୁ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚରେ ପର୍ଯ୍ୟବେକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ସେହିଭଳି ଓଡ଼ିଶା ରଣଜୀ ଟ୍ରଫି ଦଳର ଏକାଧିକଥର ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୁଗଳଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଶୈଳେଶ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ ବିଧିବଦ୍ଧ ଭାବେ ଶନିବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଶୈଳେଶ କୁମାର ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ହାଇଜମ୍ପର ଟି- ୪୨/୬୩ ବର୍ଗରେ ଶୈଳେଶ ଏହି ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ବରୁଣ ସିଂହ ଭାଟି ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି।



ପୁରୁଷ ହାଇଜମ୍ପରେ ଡିଫେଣ୍ଡିଂ ପାରା ଅଲିମ୍ପିକ ଚାମ୍ପିଅନ ଆମେରିକାର ଏଜରା ଫ୍ରେଚ୍‌ଙ୍କୁ ପଛରେ ପକାଇ ଶୈଳେଶ ବାଜିମାତ୍ କରିନେଇଥିଲେ। ଶୈଳେଶ ୧.୯୧ ମିଟର ଉଚ୍ଚକୁ ଡେଇଁ ଟି-୪୨ ବର୍ଗରେ ନୂଆ ଚାମ୍ପିଅନସିପ୍ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ସେହିଭଳି ଫ୍ରେଚ୍ ୨ୟ ଓ ଭାରତର ବରୁଣ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

### ଦୀପ୍ତିଙ୍କୁ ରୌପ୍ୟ



ଭାରତର ଦୀପ୍ତି ଜୀବନୀ ମହିଳା ୪୦୦ ମିଟର ଟି୨୦ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଦୀପ୍ତି ୫୫.୧୬ ସେକେଣ୍ଡରେ ରେସ୍ ଫିନିଶ କରି ୨ୟ ସ୍ଥାନରେ ରହିଥିଲେ। ତୁର୍କୀର ଆଇସେଲ ଓଣ୍ଡର (୫୪.୫୧ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ।

### ଜିଆୟାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ସ୍ୱର୍ଣ୍ଣ ପଦକ ଚାଇନାର ଜିଆୟାନ ୱେନଙ୍କ ନାମରେ ଲିପିବଦ୍ଧ ହୋଇଛି। ମହିଳା ଲଙ୍ଗ ଜମ୍ପର ଟି୩୭ ବର୍ଗରେ ଜିଆୟାନ ୫.୩୨ ମିଟର ଲମ୍ଫ ପ୍ରଦାନ କରି ପ୍ରଥମ ସ୍ଥାନରେ ରହିବା ସହ ପ୍ରତିଯୋଗିତା ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ଚାଲିଥିବା ୪ ଦିବସୀୟ ସିବିଏସ୍‌ଇ ଜାତୀୟ ବାଳିକା ସନ୍ତରଣ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ପରିଚାଳନାରେ ୨୫୦ ଅଫିସିଆଲ୍ ଓ ୫୦ ଜଣ ବୈଷୟିକ ଅଧିକାରୀ ସହଯୋଗ କରିଥିଲେ। ୧୧ ବର୍ଷରୁ କମ୍ ବିଭାଗରେ ଗୁରୁଗ୍ରାମର ଆରୋହି ରୟ, ୧୪ ବର୍ଷରୁ କମ୍‌ରେ ବେଙ୍ଗାଲୁରୁର ଭେଙ୍ଗିଲ୍ଲା ସୁମେଧା, ୧୭ ବର୍ଷରୁ କମ୍‌ରେ ଆଦିତି ବିନାୟକ ଓ ୧୯ ବର୍ଷରୁ କମ୍ ବିଭାଗରେ ଦଖଜା ଦେ ଉପ୍ରେତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ସ୍କୁଲର ଅଧ୍ୟକ୍ଷ ସଞ୍ଜୟ ସୁଆର, ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳି ଓ ଦଳକୁ ପୁରସ୍କୃତ କରିଥିଲେ।

## ବିଶ୍ୱ ପାରା ତୀରନ୍ଦାଜୀ

# ଶୀତଲ, ତୋମନଙ୍କୁ ସ୍ୱର୍ଣ୍ଣ




ଗ୍ୱାଙ୍ଗଝୁ, ୨୭।୯ (ଏଜେନ୍ସି): ଦକ୍ଷିଣ କୋରିଆରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତର ଶୀତଲ ଦେବୀ ଓ ତୋମନ କୁମାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। କମ୍ପାଉଣ୍ଡ ଇଭେଣ୍ଟରେ ଉଭୟ ଏହି ସଫଳତା ପାଇଛନ୍ତି। ମହିଳା କମ୍ପାଉଣ୍ଡ ଫାଇନାଲରେ ଶୀତଲ ୧୪୬-୧୪୩ ସ୍କୋରରେ ତୁର୍କୀର ଓଜନୁର୍ କ୍ୟୁରେଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଚଳିତ ଚାମ୍ପିଅନସିପ୍‌ରେ ୧୮ ବର୍ଷୀୟା ଶୀତଲଙ୍କ ଏହା ୩ୟ ପଦକ। ଏଥିପୂର୍ବରୁ ସେ ମିକ୍ସଡ ଟିମ୍‌ରେ କାଂସ୍ୟ ଓ ମହିଳା କମ୍ପାଉଣ୍ଡ ଓପନ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ।

ଅପରପକ୍ଷରେ ପୁରୁଷ କମ୍ପାଉଣ୍ଡ ଫାଇନାଲ ଦୁଇ ଭାରତୀୟ ଖେଳାଳି ତୋମନ ଓ ରାକେଶ କୁମାରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ନାଟକୀୟ ଭାବେ ପ୍ରଥମ ସେଟ୍ ଚାଲିଥିବାବେଳେ ରାକେଶ ଉପକରଣ ଖରାପ ହୋଇଯିବାକୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ଫଳରେ ତୋମନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଜମ୍ମୁ କାଶ୍ମୀରରେ ଜନ୍ମିତ ଶୀତଲଙ୍କ ହାତ ନ ଥିବାବେଳେ ସେ ଦୁଇ ଗୋଡ଼ ସହାୟତାରେ ତୀରଚାଳନା କରୁଛନ୍ତି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ କାଂସ୍ୟ ପଦକ ଜିତି ବେଶ୍ ଚର୍ଚ୍ଚାରେ ରହିଥିଲେ।

# ‘କଟକ ପାନ୍ଥର୍ସ’ ଓପିଟିଏଲ୍ ଚାମ୍ପିଅନ

କଟକ,୨୭।୯ (ସମିସ):




କଟକ ପାନ୍ଥର୍ସ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସଂସ୍କରଣର ଚାମ୍ପିଅନ ହୋଇଛି। ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାନ୍ଥର୍ସ ୫ ରନରେ ସମ୍ବଲପୁର ୱାରିୟର୍ସକୁ ହରାଇଛି। ଚାମ୍ପିଅନ ପାନ୍ଥର୍ସକୁ ଟ୍ରଫି ସମେତ ୫୦ଲକ୍ଷ ଏବଂ ରନର୍ସଅପ ୱାରିୟର୍ସକୁ ଟ୍ରଫି ସମେତ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଦିନ ତମାମ ଲଗାଣ ବର୍ଷା ଫାଇନାଲ ମୁକାବିଲାକୁ ସମ୍ପୂର୍ଣ୍ଣ ବ୍ୟାଘାତ କରିବ ବୋଲି ଆଶଙ୍କା ରହିଥିଲା। ମାତ୍ର ସନ୍ଧ୍ୟା ପରେ ବର୍ଷାର କୋପ ଥମିବା ମାତ୍ରେ ୧୦ଓଭର ବିଶିଷ୍ଟ ମ୍ୟାଚ୍ କରାଯିବାକୁ ମ୍ୟାଚ୍ ରେଫରି ସ୍ଥିର କରିଥିଲେ। ୱାରିୟର୍ସ ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପାନ୍ଥର୍ସକୁ ବ୍ୟାଟିଂ ଡାକରା ଦେଇଥିଲେ। ବିପ୍ଳବ ସାମନ୍ତରାୟଙ୍କ ୮ବଲରୁ ୨୩ରନ, ଶୁଭମ ଶତ୍ରୁଜିତଙ୍କ ୧୫ବଲରୁ ୨୫ରନ ବଳରେ ୮.୪ ଓଭର ସୁଦ୍ଧା ପାନ୍ଥର୍ସ ୫ ୱିକେଟ ହରାଇ ୯୨ରନ ସଂଗ୍ରହ କରିଥିଲା। ପୁନର୍ବାର ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ୱାରିୟର୍ସ ତରଫରୁ ସୁମିତ ଶର୍ମା ୨ଓଭର ବୋଲିଂ କରି ୬ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ବାମହାତୀ ଅର୍ଥୋଡକ୍ସ ସୁମିତ ଗୋଟିଏ ଓଭରରେ ଇନଫର୍ମ ବ୍ୟାଟର ସୌରଭ ଗୌଡ ଏବଂ ହର୍ଷିତ ରାଠୋଡଙ୍କ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ବିଳମ୍ବ ଯୋଗୁଁ ଡିଏଲଏସ୍ ପଦ୍ଧତିର ବିନିଯୋଗ କରାଯାଇ ୱାରିୟର୍ସ ସମ୍ମୁଖରେ ୫ ଓଭରରେ ୬୨ ରନର ଟାର୍ଗେଟ ମିଳିଥିଲା। ହେଲେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଦଳକୁ ଟାଇଟଲ୍ ଠାରୁ ଦୂରେଇ ରଖିଥିଲା। ଅନ୍ତିମ ଓଭରରେ ବିଜୟ ନିମନ୍ତେ ୨୯ରନ ଆବଶ୍ୟକ ଥିବା ବେଳେ ଇମ୍ପାକ୍ଟ ଖେଳାଳି ଆଦିତ୍ୟ ରାଉତ ୩ଟି ଛକା, ଗୋଟିଏ ଚୌକା ଏବଂ ଗୋଟିଏ ୱାଇଡ୍ ସହ ୨୩ ରନ୍ କରିଥିଲେ। ଦଳ ୫ରନରେ ପଛୁଆ ରହି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଓଡ଼ିଶା ଜୁନିୟର ଦଳର ସ୍ପିନର ରାଜା ଯାଦବ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୱାରିୟର୍ସର ପ୍ରବୀଣ ଲୁହା, ପ୍ରୟାସ ସିଂହ ଓ ଆୟୁଷ ବାରିକଙ୍କୁ ଗୋଟିଏ ଓଭରରେ ପ୍ୟାଭିଲିୟନ ଫେରାଇ ଦଳ ପାଇଁ ସହଜ ବିଜୟର ବାଟ ଫିଟାଇ ଦେଇଥିଲେ। ଆଦିତ୍ୟ ୧୩ବଲରୁ ୩୬ରନ କରିଥିବା ବେଳେ ଶୁଭ୍ରାଂଶୁ ଶୂନରେ ଆଉଟ ହୋଇଥିଲେ ଏବଂ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS